ବର୍ଷ-୨୫, ସଂଖ୍ୟା-୧୬୪
ଭୁବନେଶ୍ୱର
୧୮, ଜୁନ, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା


Vol.-25, Issue No. 164
Bhubaneswar
18, June, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ଖୁସ୍ ଅଛନ୍ତି ଗୋବିନ୍ଦା



## ବିଷାକ୍ତ ମଦ ପିଇ ଦୁଇ ମୃତ

ଭୁବନେଶ୍ୱର, ୧୭।୬ (ମହାଭାରତ) : ରାଜଧାନୀରେ ମଦ ମୃତ୍ୟୁ ଅଭିଯୋଗ। ଅପମିଶ୍ରିତ ମଦ ପିଇ ୨ ଯୁବକଙ୍କର ମୃତ୍ୟୁ ହୋଇଥଛି। କଟକ-ଭୁବନେଶ୍ୱର ରୋଡର ଷ୍ଟେସନ ବଜାର ଅଞ୍ଚଳରେ ଥିବା ଏକ ସରକାରୀ ମଦ ଦୋକାନରୁ ମଦ ପିଇ ଏହି ଦୁଇ ଜଣ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଅନ୍ୟ ତିନି ଜଣ ଚିକିତ୍ସାଧିନ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ସଂପୃକ୍ତ ମଦ ଦୋକାନକୁ ଘେରାଉ କରି ରଖିଥିଲେ। ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଷ୍ଟେସନ ବଜାର ଅଞ୍ଚଳରେ ଥିବା ଏହି ମଦ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା ଏବଂ ମଦ ଦୋକାନରୁ ସାମ୍ପୁଲ ଗ୍ରହଣ କରାଯାଇ ମଦ ଦୋକାନକୁ ସିଲ୍ କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ମଦ ଦୋକାନକୁ ଘେରାଉ କରିବା ସହିତ ଭୁବନେଶ୍ୱର ତଥା ସମଗ୍ର ରାଜ୍ୟରେ ମଦ ଓ ନିଶାଦ୍ରବ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି କରି ହୋହଲ୍ଲା କରିଥିଲେ। ଚାରି ଦିନ ପୂର୍ବରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ଉଭୟଙ୍କର ମୃତ୍ୟୁର କାରଣ ବିଷାକ୍ତ ମଦ ବୋଲି ଅଭିଯୋଗ ହୋଇଛି। ଏହାକୁନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଦର ନମୁନା ପରୀକ୍ଷା ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ଅନେକ କଥା ସାମ୍ନାକୁ ଆସିବ ବୋଲି କୁହାଯାଉଛି।

# ‘ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ରଖିଛୁ’

ବଲାଙ୍ଗୀର, ୧୭।୬(ମହାଭାରତ): ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେଯେ, ରାଜ୍ୟରେ କୃଷକ ମାନଙ୍କୁ ସଶକ୍ତ କରିବା ପାଇଁ ସରକାର ସମସ୍ତ ପ୍ରକାର ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ସାହାଯ୍ୟ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶ୍ରୁତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା। ଆଉ ଆଜି ଆମେ ସେହି ଲକ୍ଷ୍ୟ ପୂରାଣ କରିଛୁ। ବଲାଙ୍ଗୀର ଜିଲ୍ଲାରୁ ଦୁଇଜଣ ମନ୍ତ୍ରୀ ଓଡିଶା ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଏବେ ଏଠାରେ ଡବଲ ଇଞ୍ଜିନ ନୁହେଁ, ଟ୍ରିପଲ ଇଞ୍ଜିନ ସରକାର ଚାଲିଛି ଏବଂ ଜିଲ୍ଲାର ବିକାଶ ବି ତିନିଗୁଣ ବେଗରେ ଚାଲୁଛି ଓ ଏହି ପ୍ରକ୍ରିୟା ଆଗାମୀ ଦିନରେ ଜାରି ରହିବ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଆମ ଦେଶ ତା'ର ଅନନ୍ୟ କୃଷି ପ୍ରଣାଳୀ ପାଇଁ ସାରା ବିଶ୍ୱରେ ପ୍ରଶଂସିତ। ଆମ ରାଜ୍ୟର ପ୍ରାୟ ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଏବଂ ଆନୁଷଙ୍ଗିକ କୃଷି କାର୍ଯ୍ୟ ଉପରେ ନିର୍ଭରଶୀଳ। ମେ ମାସ ସୁଦ୍ଧା ୭୮ ହଜାର ୬୮୧ କୃଷି ଯନ୍ତ୍ରପାତି ଯୋଗାଣ କରାଯାଇ ସେ ବାବଦକୁ ଡ଼ିବିଟି ମାଧ୍ୟମରେ ୪୫୯.୬୮ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆମ ଦେଶର କୃଷକ ସମାଜକୁ ବହୁ ସମ୍ମାନ ଦିଅନ୍ତି। ସେମାନଙ୍କୁ ଅନ୍ନଦାତା ଭାବେ ସମ୍ବୋଧନ କରନ୍ତି। ସମସ୍ତଙ୍କୁ କୃଷି କ୍ଷେତ୍ରରେ ନିଜ ନିଜର ଅବଦାନ ଦେଇ କୃଷିକୁ ଦେଶର ମୁଖ୍ୟ ଆଧାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ କୃଷିର ବିକାଶ ପାଇଁ ଅଧିକରୁ ଅଧିକ ଚାଷୀଙ୍କ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ। ୫ ବର୍ଷ ମଧ୍ୟରେ ୧୫ ଲକ୍ଷ ହେକ୍ଟର ଅଣଜଳସେଚିତ ଜମିକୁ ଆମେ ଜଳସେଚନ ଯୋଗାଇ ଦେବାର ଲକ୍ଷ୍ୟ ରଖିଛୁ।

ସେ କହିଥିଲେଯେ, ଆମ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଚାଷୀ କଲ୍ୟାଣକାରୀ ପଦକ୍ଷେପ ଗୁଡ଼ିକ କେବଳ କୃଷକଙ୍କର ଆୟବୃଦ୍ଧି କରିନାହିଁ ବରଂ ରାଜ୍ୟରେ କୃଷି ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଏବଂ ସରକାର ଏହି କ୍ଷେତ୍ରର ଏକ ସ୍ଥାୟୀ ବିକାଶ ପାଇଁ ପ୍ରୟାସ ଜାରି ରଖିଛନ୍ତି। ନିକଟରେ ମେ ମାସ ୨୯ ତାରିଖରୁ ଜୁନ ମାସ ୧୨ ତାରିଖ ପର୍ଯ୍ୟନ୍ତ ପୁରୀର ସଖି ଗୋପାଳ ଠାରୁ ଆରମ୍ଭ ହୋଇଥିବା "ବିକଶିତ କୃଷି ସଂକଳ୍ପ ଅଭିଯାନ" ଦେଶବ୍ୟାପୀ ଚାଲୁ ରହିଥିଲା ଯାହା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ କୃଷକମାନଙ୍କର ସାମୂହିକ କଲ୍ୟାଣ ସାଧନ ସହ କୃଷି କ୍ଷେତ୍ରରୁ ରୋଜଗାର ବୃଦ୍ଧି ପାଇଁ ବାସ୍ତବିକ ଏକ



ଯୁଗାନ୍ତକାରୀ ପଦକ୍ଷେପ।

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା କୃଷି ସମ୍ବନ୍ଧୀୟ କାର୍ଯ୍ୟପ୍ରଣାଳୀର ବିବରଣୀ ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ଶ୍ରୀ ଅନ୍ନ ଅଭିଯାନ ମାଧ୍ୟମରେ ବିସ୍ମୃତ ଖାଦ୍ୟର ପୁନରୁଦ୍ଧାର ଏବଂ ପୁଷ୍ଟିଶସ୍ୟ ଆଧାରିତ କୃଷି ପ୍ରଣାଳୀ ମାଧ୍ୟମରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ରୋଜଗାରରେ ଉନ୍ନତି ଅଣାଯାଇଛି। ବର୍ତ୍ତମାନ ଆମ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି କ୍ଷ ସିଏମ୍ କିଷାନ୍ ଯୋଜନାରେ ଚାଷୀ ଭାଇଙ୍କୁ ୪ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି କ୍ଷ ଏଥିରେ ସହରାଞ୍ଚଳର କୃଷକଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଗତ ଅକ୍ଷୟ ତୃତୀୟା ଅବସରରେ ୨,୩୮୧ ଜଣ ବିଶେଷ ଭାବେ ଅନୁନ୍ନତ ଚାଷୀ ଏବଂ ୨୫,୫୩୨ ସହରାଞ୍ଚଳ ଚାଷୀଙ୍କ ସମେତ ମୋଟ୍ ୫୦ ଲକ୍ଷ ୨ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୧,୦୨୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛିକ୍ଷ ସିଏମ୍ କିଷାନ୍ ସହିତ 'ପିଏମ-ସମ୍ମାନ ନିଧି' ସଂଯୁକ୍ତ ହୋଇ ଚାଷୀ ଭାଇମାନଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରୁଛି। ଆହୁରି ମଧ୍ୟ ଚାଷୀଙ୍କ ପରିବାରକୁ ସମ୍ପୂର୍ଣ୍ଣ ରୂପେ ସଶକ୍ତ କରିବା ପାଇଁ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ କୃଷି ବିଦ୍ୟାନିଧି ଯୋଜନାରେ ଚାଷୀଙ୍କ ସନ୍ତାନ-ସନ୍ତତିମାନଙ୍କ ଉଚ୍ଚଶିକ୍ଷା ପାଇଁ ଛାତ୍ରବୃତ୍ତି ସହାୟତା ଯୋଗାଇ ଦିଆଯାଉଛି। ଏହା ସହିତ ବଳଭଦ୍ର ଜୈବିକ ଚାଷ ମିଶନ ଯୋଗେ ରସାୟନମୁକ୍ତ ଜୈବିକ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ଅମୃତ ଅନ୍ନ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ଉତ୍ପାଦିତ ରସାୟନମୁକ୍ତ ଦେଶୀ ବାସ୍ନାଯୁକ୍ତ ଚାଉଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗରେ ବ୍ୟବହାର ହେଉଛି ଏବଂ ଆଗାମୀ ଦିନରେ ଏହା ସମ୍ପୂର୍ଣ୍ଣ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର କରାଯିବ। ପରିଶେଷରେ ସେ କହିଥିଲେ, ଆମ କୃଷକ ଭାଇଭଉଣୀମାନଙ୍କ ସଶକ୍ତିକରଣକୁ ଆମ ସରକାର ସର୍ବାଧିକ ଗୁରୁତ୍ୱ ଦେଇଛି ଏବଂ ଏକ ବର୍ଷ ଭିତରେ ସଫଳତା ମଧ୍ୟ ପାଇଛି। ନିର୍ବାଚନ ସମୟରେ ଆମର ଏକ ମୁଖ୍ୟ ପ୍ରତିଶୃତି ଥିଲା ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭାଇ ଭଉଣୀମାନଙ୍କୁ ସେମାନଙ୍କ କଠୋର ପରିଶ୍ରମର ପ୍ରକୃତ ମୂଲ୍ୟ ପ୍ରଦାନ କରିବା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ରଖିଛୁ। ମାନନୀୟ ପ୍ରଧାନମନ୍ତ୍ରୀ ମଧ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି। ଉଭୟ ରାଜ୍ୟ ଓ ଦେଶର ଏହି ଲକ୍ଷ୍ୟ ପୂରଣ ପାଇଁ କୃଷି ଓ କୃଷକମାନଙ୍କ ବିକାଶ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିବ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଥିଲେଯେ, କୃଷି ଓ କୃଷକର ବିକାଶ ପାଇଁ ଆମ ସରକାର ରାଜ୍ୟ ବଜେଟରେ ଚଳିତ ବର୍ଷ ଅଧିକ ଆର୍ଥିକ ପ୍ରସ୍ତାବ ଦେଇଛନ୍ତି ଏବଂ ଆଗାମୀ ଥର ବଜେଟରେ ମଧ୍ୟ ଅଧିକ ଆର୍ଥିକ ବଜେଟର ପ୍ରାବଧାନ ରଖିଛୁ। ଆଜି ଓଡ଼ିଶା ଭାରତ ବାହାରକୁ ମଧ୍ୟ ଫଳ ରପ୍ତାନି କରି ପାରୁଛି। ଏହା ହୋଇ ପାରୁଛି, ଆମର ଦୃଢ଼ ପ୍ରତିବଦ୍ଧତାର ପରିଚୟ। କିଛି ବର୍ଷ ମଧ୍ୟରେ ବଲାଙ୍ଗୀର ଠାରେ ଆଗ୍ରିକଲଚର କଲେଜ ପ୍ରତିଷ୍ଠା ହେବ ଏବଂ ସୋନପୁର ଠାରେ ମାଛ ଚାଷୀଙ୍କୁ ଉନ୍ନତ ଜ୍ଞାନ କୌଶଳର ଶିକ୍ଷା ଦେବା ପାଇଁ ଫିସରୀ କଲେଜ ମଧ୍ୟ ପ୍ରତିଷ୍ଠା କରିବାର ଯୋଜନା ଅଛି ବୋଲି ଘୋଷଣା କରିଛନ୍ତି।

# ଗୋପାଳପୁର ଗଣଦୁଷ୍କର୍ମ ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

## କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୬(ମହାଭାରତ): ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ମାମଲାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଏହି ମାମଲାକୁ ରେଡ୍ ଫ୍ଲାଗ ଶ୍ରେଣୀଭୁକ୍ତ କରାଯାଇଥିବା ନେଇ ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ଶାଖା ମାମଲାର ତଦନ୍ତ କରିବ। ଆଇଜି ଏସ୍ ସାଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରାଯିବ।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଗୋପାଳପୁରରେ ଘଟିଥିବା ଗଣଦୁଷ୍କର୍ମ ଘଟଣାରେ ଅପରାଧୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଘଟଣାର ଦୃଢ ନିନ୍ଦା କରି, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ଏଭଳି ଘଟଣା ଅତ୍ୟନ୍ତ



ନିନ୍ଦନୀୟ ଓ ମାନବତା ବିରୁଦ୍ଧରେ ଏକ ଅପରାଧ। ଏ ଘଟଣାରେ ସମ୍ପୃକ୍ତ କୌଣସି ଅପରାଧୀଙ୍କୁ ଛଡ଼ା ଯିବନାହିଁ। ଆଇନ ଅନୁମୋଦିତ ସବୁଠାରୁ କଠୋର ଦଣ୍ଡବିଧାନ କରାଯିବ। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ପୁଲିସକୁ ସମସ୍ତ ସନ୍ଦିଗ୍ଧ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ, ସ୍ଥାନୀୟ ପୋଲିସ ୧୦ ଜଣଙ୍କୁ ଗିରଫ କରିଛି। ଏଥିରେ ୪ ଜଣ ନାବାଳକ ଅଛନ୍ତି। ଏ ଘଟଣାରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମ୍ପୃକ୍ତ ଥିବା ସମସ୍ତ ଅପରାଧୀଙ୍କୁ ଧରାଯାଇ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗଂଜାମ ଜିଲ୍ଲା ବାହାରର ଜଣେ ଯୁବତୀ ବ୍ରହ୍ମପୁରର ଏକ ଶିକ୍ଷାନୁଷ୍ଠାନରେ ଯୁକ୍ତ ୩ ଅଧ୍ୟୟନ କରୁଥିବା ବେଳେ ରବିବାର ଅପରାହ୍ନରେ ନିଜ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ଯାଇଥିଲେ। ପାନ୍ଥନିବାସ ପଛପଟ ବେଳାଭୂମିରେ ଉଭୟ ବସିଥିଲେ ସଂଧ୍ୟା ପ୍ରାୟ ୮ଟା ବେଳେ ହିଞ୍ଜିଳିକାଟୁ ଅଞ୍ଚଳର ୧୦ଜଣ ଯୁବକ ନିଛାଟିଆ। ସ୍ଥାନରେ ଉଭୟ ବସିଥିବା ଦେଖି ଅସଦାଚରଣ କରିଥିଲେ। ପୁରୁଷ ବନ୍ଧୁଙ୍କୁ କିଛି ଯୁବକ କାବୁ କରିବା ସହ ଯୁବତୀଙ୍କୁ ଉଠାଇ ନେଇ ଏକ ଅନ୍ଧାରିଆ ସ୍ଥାନରେ ତିନି ଜଣ ଗଣଦୁଷ୍କର୍ମ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ରାତି ପ୍ରାୟ ସାଢ଼େ ୧୦ଟା ବେଳେ ସେମାନେ ଥାନାରେ ପହଞ୍ଚି ଘଟଣା ସଂପର୍କରେ ପୁଲିସକୁ ଜଣାଇଥିଲେ। ଅଭିଯୋଗ ପାଇବା ମାତ୍ରକେ ପୁଲିସ ପୀଡ଼ିତାଙ୍କ ପୁରୁଷବନ୍ଧୁଙ୍କୁ ନେଇ ଖୋଜାଖୋଜି ଆରମ୍ଭ କରିଥିଲା। ଏହି ସମୟରେ ତୁରା ଓଭରବ୍ରିଜ୍ ନିକଟରେ ୪ ଜଣ ଥିବା ବେଳେ ପୁଲିସ ଗାଡ଼ି ଦେଖି ଦୁଇ ଜଣ ଯୁବକ ଦୌଡ଼ି ଚମ୍ପଟ ମାରିଥିଲେ। ଅନ୍ୟ ୨ ଜଣଙ୍କୁ ପିଡ଼ିତାଙ୍କ ପୁରୁଷ ବନ୍ଧୁ ଜଣକ ଚିହ୍ନଟ କରିଥିଲେ। ଦୁଇଜଣଙ୍କୁ ପୁଲିସ କାବୁ କରି ଥାନାକୁ ଆଣି ପଚରାଉଚରା କରିବା ପରେ ଅନ୍ୟ ୮ ଜଣ ହିଞ୍ଜିଳିକାଟୁ ଆଖପାଖ ଅଞ୍ଚଳର ବୋଲି ପୁଲିସ ଜାଣିବାକୁ ପାଇଥିଲା। ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୧୦ ଜଣଙ୍କୁ ଗିରଫ କରିଛି।

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

ଭୁବନେଶ୍ୱର, ୧୮।୬(କେଏନଏସ): ଆଉ ଦୁଇଦିନ ପରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋହନ ସରକାରଙ୍କ ଏକ ବର୍ଷପୂର୍ତ୍ତି ପାଳନ ପାଇଁ ଭୁବନେଶ୍ୱର ଜନତା ମଇଦାନରେ ବଡ଼ଧରଣର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଲାଗିପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ବିମାନ ବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ରୋଡ୍ ସୋ କରିବେ। ଏଥିପାଇଁ ଆଜି ଏସପିଜି ପ୍ରଧାନମନ୍ତ୍ରୀ ଗସ୍ତର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଜନତା ମଇଦାନରେ ପହଞ୍ଚି ରାଜସ୍ୱ, ପୂର୍ତ୍ତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ସମୀକ୍ଷା କରିଥିବା ବେଳେ ମୁଖ୍ୟଶାସନ ସଚିବ ପ୍ରଧାନମନ୍ତ୍ରୀ ଗସ୍ତର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଜନତା ମଇଦାନରେ ୧ଲକ୍ଷ ଲୋକଙ୍କ ସମାଗମ ହେବ। ପ୍ରତି ବ୍ଲକରୁ ବିଜେପିର କର୍ମୀ ଏହି ଉତ୍ସବରେ ଯୋଗ ଦେବେ। ସେଥିପାଇଁ ସମସ୍ତ ବିଧାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଜନତା ମଇଦାନରେ ଗୋଟିଏ ବଡ ଷ୍ଟେଜ କରାଯାଇଛି।




ଯେଉଁଥିରେ ପ୍ରଧାନମନ୍ତ୍ରୀ ବସିବା ସହିତ ତିନି କେନ୍ଦ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ମାନେ ବସିବେ। ତଳେ ଭିଭିଆଇପି, ଭିଆଇପି, ନେତା, ସାମ୍ବାଦିକ ଏବଂ କର୍ମୀଙ୍କ ପାଇଁ ଅଲଗା ଅଲଗା ବ୍ଲକ କରାଯାଇଛି। ସେହି ଦିନ ମୋଦୀ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ପାଇଁ ମୂଳଦୁଆ ପକାଇବେ। ପ୍ରାୟ ୧୭ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିବା ସହ ଅନେକ ପ୍ରକଳ୍ପର ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ। ଏପରିକି ପ୍ରଧାନମନ୍ତ୍ରୀଙ୍କ ଆଗରେ ମୋହନ ସରକାର, ୨୦୩୬ ବିକଶିତ ଓଡ଼ିଶା ପାଇଁ ପ୍ରସ୍ତୁତ କରିଥିବା ଭିଜନ ଡକ୍ୟୁମେଣ୍ଟାରୀକୁ ପ୍ରଦର୍ଶନ କରିବେ।

ଏପଟେ ଆଜି ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛି ଏସପିଜି। ଓଡ଼ିଶାରେ ଦୁଇ ଘଣ୍ଟା ରହିବେ। ମୋଦୀ ବିମାନବନ୍ଦରରୁ ଜନତା ମଇଦାନ ରୋଡ ସୋ କରିବେ। ଏହି ସମୟରେ ବିମାନ ବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ୨୮ଟି ପଏଣ୍ଟରେ ପ୍ରଧାନମନ୍ତ୍ରୀଙ୍କୁ ବାଜା ବାଣରେ ସ୍ୱାଗତ କରାଯିବ। ସେଥିପାଇଁ ଆଜି ବିମାନବନ୍ଦରରେ ଏସପିଜି, ବିମାନବନ୍ଦର ନିର୍ଦ୍ଦେଶକ, କମିଶନରେଟ ପୋଲିସ, ଅଗ୍ନିଶମ ବିଭାଗ, ଏକାମ୍ର ବିଧାୟକ ବାବୁ ସିଂ, ବିଜେପି ନେତା ଜଗନ୍ନାଥ ପ୍ରଧାନ ଏବଂ ପ୍ରିୟଦର୍ଶୀ ମିଶ୍ରଙ୍କୁ ନେଇ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ।

ଭୁବନେଶ୍ୱରରେ ବିମାନ ବନ୍ଦରରୁ ଏଜି ଛକ, ରାଜଭବନରୁ ଜୟଦେବ ବିହାର ରାସ୍ତା ଦେଇ ପ୍ରଧନାମନ୍ତ୍ରୀ ଜନତା ମଇଦାନକୁ ଗସ୍ତ କରିବେ। ଏହି ରୁଟ ଲାଇନରେ ଫିଲଡ ଭିଜିଟ କରି ସୁରକ୍ଷା ଯାଞ୍ଚ କରିଛି। ଏସପିଜି ଏପଟେ ମୁଖ୍ୟଶାସନ ସଚିବ ପ୍ରଧାନମନ୍ତ୍ରୀ ଗସ୍ତର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ ଷଷ୍ଠ ଥର ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏଥର କେନ୍ଦ୍ର ସରକାରଙ୍କ ୧୧ ବର୍ଷର ହିସାବ ରଖିବେ ମୋଦୀ।

# ଇରାନ ଛାଡୁଛନ୍ତି ଭାରତୀୟ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୭।୬(ମହାଭାରତ): ଯୁଦ୍ଧଗ୍ରସ୍ତ ଇରନରେ ଫସିଥିବା ଭାରତୀୟ କିପରି ସ୍ୱଦେଶ ଫେରିବେ ଚିନ୍ତାରେ ଥିବା ବେଳେ ଭାରତ ସରକାର ଆରମ୍ଭ କରିଛନ୍ତି ମିଶନ୍ 'ରେସ୍କ୍ୟୁ'। ଯୁଦ୍ଧ ଯୋଗୁ ଇରାନରେ ଏବେ ୧୫ଶହ ଛାତ୍ରଛାତ୍ରୀଙ୍କ ସମେତ ୧୦ ହଜାର ଭାରତୀୟ ଫସିଛନ୍ତି। ସେମାନଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୧୦ ଭାରତୀୟଙ୍କୁ ନେଇ ବସ୍ ଆର୍ମେନିଆରେ ପହଞ୍ଚିଛନ୍ତି। ଆର୍ମୋନିଆ ଦେଇ ସ୍ୱେଦଶ ଫେରିବେ ଭାରତୀୟ। ସେପଟେ ଇରାନ୍- ଇସ୍ରାଏଲ



ଉତ୍ତେଜନା ଭିତରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରୀ ଜାରି ହୋଇଛି। ୫ ଦିନ ହେବ ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ଜାରି ରହିଛି। ଦିନକୁ ଦିନ ଭୟଙ୍କର ହେଉଛି ସ୍ଥିତି। ଦୁଇ ଦେଶ ପରସ୍ପର ଉପରେ ମିସାଇଲ ମାଡ଼ କରୁଛନ୍ତି। ଏଥିରେ ଅନେକ ଜୀବନ ଗଲାଣି। ଏହାକୁ ନେଇ ଇରାନରେ ଫସିଥିବା ଭାରତୀୟଙ୍କୁ ସୁରକ୍ଷାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ମିଶନ୍ ରେସ୍କ୍ୟୁରେ ୧୧୦ ଭାରତୀୟ ଆର୍ମେନିଆରେ ପହଞ୍ଚିଛନ୍ତି। ଭାରତୀୟ ନାଗରିକଙ୍କୁ ଆର୍ମେନିଆ ଦେଇ ଭାରତ ଅଣାଯିବ। ଏ ନେଇ ଆର୍ମେନିଆ ରାଷ୍ଟ୍ରଦୂତଙ୍କ ସହ ଆଲୋଚନା ହୋଇଛି। ଇରାନ୍ ବିଦେଶ ଛାତ୍ରଛାତ୍ରୀଙ୍କୁ ଦେଶ ଛାଡିବା ଲାଗି ଅନୁମତି ପ୍ରଦାନ କରିଛି। ଭାରତୀୟ ନାଗରିକଙ୍କୁ ଆର୍ମେନିଆ ସୀମାରେ ନରଦୁଜ୍ ଘାଟି ଦେଇ ବସରେ ଆଣିଯିବ। ସେପଟେ ଇରାନ୍-ଇସ୍ରାଏଲ ଉତ୍ତେଜନା ଭିତରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆଡଭାଇଜରୀ ଜାରି ହୋଇଛି। ଇରାନରେ ଫସିଥିବା ଭାରତୀୟଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସହ ହେଲ୍ପ ଲାଇନ୍ ନମ୍ବର ଜାରି କରିଛି ବୈଦେଶିକ ମନ୍ତ୍ରଣାଳୟ। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି କି, ''ଯେଉଁ ଭାରତୀୟ ନାଗରିକ ତେହେରାନରେ ଅଛନ୍ତି ଏବଂ ଦୂତାବାସ ସହିତ ଯୋଗଯୋଗରେ ନାହାନ୍ତି, ସେମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନଙ୍କ ସ୍ଥାନ ଯୋଗାଯୋଗ ନମ୍ବର ପ୍ରଦାନ କରନ୍ତୁ।'' ଏନେଇ ୩ଟି ହେଲ୍ପଲାଇନ୍ ନମ୍ବର ଜାରି ହୋଇଛି। ତାହା ହେଉଛି, +୯୮ ୯୦୧୦୧୪୪୫୫୭, +୯୮ ୯୧୨୮୧୦୯୧୧୫, ଏବଂ +୯୮ ୯୧୨୮୧୦୯୧୦୯। ଜୁନ୍ ୧୩ରୁ ଜଳୁଛି ମଧ୍ୟପ୍ରାଚ୍ୟ। ଆକାଶରୁ ଖସୁଛି ନିଆଁ ପିଣ୍ଡୁଳା। ଇରାନର ନ୍ୟୁକ୍ଲିୟାର ସାଇଟ୍ ଓ ସୈନ୍ୟ ଠିକଣାକୁ ଇସ୍ରାଏଲର ହମଲା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି।

# ଦିନକରେ ୭ ଏଆଇ ଉଡ଼ାଣ ବାତିଲ

ମୁମ୍ବାଇ, ୧୭।୬(ମହାଭାରତି): ଟାଟା ଗ୍ରୁପ ଅନ୍ତର୍ଗତ ଏୟାର ଇଣ୍ଡିଆ ପାଇଁ ଏବେ ସମୟ ଭଲ ନାହିଁ। ଅହମ୍ମଦାବାଦରେ ମର୍ମନ୍ତୁଦ ବିମାନ ଦୁର୍ଘଟଣା ପରେ ବି କମ୍ପାନୀର ସମସ୍ୟା ଦିନକୁ ଦିନ ଆହୁରି ବଢ଼ିଚାଲିଛି। ଏୟାର ଇଣ୍ଡିଆ ବିଭିନ୍ନ କାରଣ ଯୋଗୁଁ ଆଜି ଦିନ ୭ଟି ଅନ୍ତର୍ଜାତୀୟ ବିମାନ ବାତିଲ କରିଛି। ଏହି କାରଣଗୁଡ଼ିକ ମଧ୍ୟରେ ବୋଇଂର ଡ୍ରିମଲାଇନର ବିମାନ ସମ୍ପର୍କରେ ଚାଲିଥିବା କଡ଼ା ତଦନ୍ତ ମଧ୍ୟ ଅନ୍ତର୍ଭୁକ୍ତ। ବୈଷୟିକ ସମସ୍ୟା ଓ ବିମାନ ଅଭାବ ଆଦି କାରଣରୁ ଉଡ଼ାଣ ରଦ୍ଦ କରାଯାଇଛି। ବାତିଲ ହୋଇଥିବା ଉଡ଼ାଣ ମଧ୍ୟରୁ ୬ଟି ବିମାନ ବୋଇଂ ୭୮୭-୮ ଡ୍ରିମଲାଇନର୍ସର ଥିଲା। ଅହମଦାବାଦ ଦୁର୍ଘଟଣାରେ ଏହି ମଡେଲ୍‌ର ବିମାନ ହିଁ କ୍ରାସ ହୋଇଥିଲା ଯେଉଁଥିରେ ୨୭୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହି ଘଟଣା ପରେ ବୋଇଂର ଏହି ମଡେଲ୍ ବିମାନ ଉପରେ ସମସ୍ତଙ୍କ ନଜର ରହିଛି। ମଙ୍ଗଳବାର ରଦ୍ଦ ହୋଇଥିବା ବିମାନଗୁଡ଼ିକ ହେଲା- ୯୧୫ - ଦିଲ୍ଲୀରୁ ଦୁବାଇ - ୭୮୮ ଡ୍ରିମଲାଇନର, ୧୫୩ - ଦିଲ୍ଲୀରୁ ଭିଏନା - ୭୮୮ ଡ୍ରିମଲାଇନର, ୧୪୩ - ଦିଲ୍ଲୀରୁ ପ୍ୟାରିସ - ୭୮୮ ଡ୍ରିମଲାଇନର, ୧୫୯ - ଅହମ୍ମଦାବାଦରୁ ଲଣ୍ଡନ - ୭୮୮ ଡ୍ରିମଲାଇନର, ୧୭୦ - ଲଣ୍ଡନରୁ ଅମୃତସର - ୭୮୮ ଡ୍ରିମଲାଇନର, ୧୩୩ - ବେଙ୍ଗାଲୁରୁରୁ ଲଣ୍ଡନ - ୭୮୮ ଡ୍ରିମଲାଇନର ଓ ୧୭୯ - ମୁମ୍ବାଇରୁ ସାନ ଫ୍ରାନ୍ସିସ୍କୋ - ୭୭୭। ରଦ୍ଦ ହୋଇଥିବା ବିମାନକୁନେଇ ଏୟାର ଇଣ୍ଡିଆ ପକ୍ଷରୁ ଭିନ୍ନ ଭିନ୍ନ କାରଣ ଦର୍ଶାଇଯାଇଛି।

# ସବୁ ଜିଲ୍ଲାକୁ ଡାଇରିଆ ଆଲର୍ଟ

ଭୁବନେଶ୍ୱର, ୧୭।୬(ମହାଭାରତ): ରାଜ୍ୟର କେତେକ ସ୍ଥାନରେ ଦେଖା ଦେଇଥିବା ବର୍ଷାଦିନିଆ ଜଳ ବାହିତ ଡାଇରିଆ ରୋଗର ସ୍ଥିତିରେ ସୁଧାର ଆସୁଥିବା ବେଳେ ଏହାର ନିରାକରଣ ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ରାଜ୍ୟ ସରକାର ମିଳିତ ଉଦ୍ୟମ ଜାରି ରଖିଛନ୍ତି। ୫ ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିବା ପରେ ସବୁ ଜିଲ୍ଲାକୁ ଆଲର୍ଟ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ସବୁ ଜିଲ୍ଲାରେ ସତର୍କତା ମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ।

ସ୍ୱାସ୍ଥ୍ୟ ସଚିବ ଅସ୍ୱଥି ଏସ କହିଛନ୍ତି ଜଳ ଉତ୍ସ ଗୁଡ଼ିକୁ ସଫା ରଖିବା ସହ ବିଶୋଧନ ପାଇଁ ପଦକ୍ଷେପ ନେବାକୁ ପ୍ରୟାସ କରାଯାଉଛି। ହସ୍ପିଟାଲ ଗୁଡ଼ିକ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ। ଆଜି ସକାଳ ୧୦ ଟା ସୁଦ୍ଧା ୫ ଜିଲ୍ଲାରୁ ୩୦୦ ନୂଆ କେସ ଚିହ୍ନଟ ହୋଇଛି। ନୂଆ କେସର କ୍ୟାଟେଗୋରୀ ସାମାନ୍ୟ ରହୁଛି। ଡାଇରିଆ ବ୍ୟାପିବାର ଗୋଟିଏ ସୋର୍ସ ଜଣାପଡିନି। ସବୁ ସୋର୍ସକୁ ବିଶୋଧନ ପାଇଁ ବ୍ୟବସ୍ଥା ନିଆଯାଉଛି। ଲୋକଙ୍କୁ ସଚେତନ କରିବା ପାଇଁ ଗାଁ ଗାଁ ରେ ମାଇକ



ଯୋଗେ ପ୍ରଚାର ଚାଲିଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଏଭଳି ପ୍ରକ୍ରିୟା ଜାରି ରଖିବାକୁ ନିର୍ଦ୍ଦେଶ ରହିଛି। ପ୍ରତିଦିନ ରାଜ୍ୟ ସ୍ତରୀୟ ସମୀକ୍ଷା କରାଯିବ। କେନ୍ଦ୍ରୀୟ ଟିମ ଏବେବି ଅଛନ୍ତି, ଅନୁଧ୍ୟାନ କରୁଛନ୍ତି। ଆସନ୍ତାକାଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ବୈଠକ କରିବେ। ଲୋକେ ତରବରିଆ ଭବେ ହସ୍ପିଟାଲରୁ ଡିସଚାର୍ଜ ନେଇ ଯାଉଥିଲେ। ଯେଉଁଥିପାଇଁ ଦ୍ୱିତୀୟ ଥର ହସ୍ପିଟାଲକୁ ଆସିବା ବେଳକୁ ସ୍ୱାସ୍ଥ୍ୟ ବିଗିଡି ଯାଉଥିଲା। ଯେଉଁ ବ୍ୟକ୍ତିମାନେ ହସ୍ପିଟାଲ ଆସୁଛନ୍ତି ସେମାନଙ୍କୁ ୨୪ ଘଂଟା ନିରିକ୍ଷଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଉଛି। ଯେତିକି ଟେଷ୍ଟ ହୋଇଥିଲା ସେଥିରୁ ୧୦ ପ୍ରତିଶତ କଲେରା ବାହାରିଥିଲା। ଯାଜପୁର ଡାଇରିଆ ସ୍ଥିତି ଓ ବିଭିନ୍ନ ସ୍ଥାନର ଝାଡାବାନ୍ତି ନେଇ ରାଜ୍ୟ ମୁଖ୍ୟଶାସନ ସଚିବଙ୍କ ଅଧକ୍ଷତାରେ ବୈଠକ ବସିଥିଲା। ସ୍ଥିତି ବାବଦରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମୁଖ୍ୟ ଶାସନ ସଚିବଙ୍କୁ ସବିଶେଷ ତଥ୍ୟ ଦେଉଛନ୍ତି।

ଆଜି ୪ ଟି ରାଜ୍ୟସ୍ତରୀୟ ଟିମଙ୍କୁ କ୍ଷେତ୍ର ସ୍ତରୀୟ କାର୍ଯ୍ୟାୟନ ଦେଖିବା ପାଇଁ ପଠା ଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ, ବିଶେଷଜ୍ଞ ଓ ପରାମର୍ଶଦାତାମାନଙ୍କୁ ନେଇ ଏହି ଟିମ୍ ଗଠନ କରାଯାଇଛି। ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଅଶୋକ କୁମାର ପାଇକ ରାୟ, ପରାମର୍ଶ ଦାତା ଡାକ୍ତର କଲ୍ଲୋଳ ଦାସ, ଆଇ.ଆର.ଟି ସଦସ୍ୟ ସୁରଜିତ ଗରାବଡୁ, ଡାକ୍ତର ଅସିତ୍ କୁମାର ମହାନ୍ତି, ଡାକ୍ତର ପ୍ରଭାକର ସାହୁ ଏବଂ ପରାମର୍ଶ ଦାତା ଅନୁପ ପ୍ରମୁଖ ଏହି ଟିମମାନଙ୍କର ସଦସ୍ୟ ଅଛନ୍ତି। ଏମାନେ ଭୁବନ, ବାଙ୍କୀ, ଧର୍ମଶାଳା, ବଡ଼ଚଣା ଓ ଭଣ୍ଡାରପୋଖରୀ ଆଦି ଅଞ୍ଚଳ ଗସ୍ତ କରି କ୍ଷେତ୍ର ସ୍ତରୀୟ ଡାଇରିଆ ନିରାକରଣ କର୍ଯ୍ୟାୟନର ନିରୀକ୍ଷଣ ପୂର୍ବକ କ୍ଷେତ୍ରସ୍ତରରେ କାର୍ଯ୍ୟରତ ବିଭିନ୍ନ ବିଭାଗୀୟ ଟିମମାନଙ୍କ ମଧ୍ୟରେ ସମନ୍ୱୟକୁ ଦୃଢ଼ିଭୁତ କରିବେ। ଜଳ ଉତ୍ସ ମାନଙ୍କର ବିଶୋଧନ, ଘରକୁ ଘର ଅଭିଯାନ, ଡାଇରିଆ ରୋଗୀଙ୍କୁ ପ୍ରାଥମିକ ଅବସ୍ଥାରୁ ଚିହ୍ନଟ ଓ ପ୍ରାଥମିକ ଚିକିତ୍ସା, ଘରକୁ ଘର ଔଷଧ ଓ ହଲୋଜେନ୍ ବଟିକା ବଣ୍ଟନ, ଜନ ସଚେତନତା କାର୍ଯ୍ୟକ୍ରମ ଆଦିର ନିରୀକ୍ଷଣ କରି ସେ ସବୁକୁ ଅଧିକ ଲକ୍ଷ୍ୟଭେଦୀ କରିବା ପାଇଁ ଟିମମାନଙ୍କୁ ଆବଶ୍ୟକୀୟ ପରାମର୍ଶ ଓ ସହାୟତା ଦେବେ।

# ସମ୍ପୂର୍ଣ୍ଣ ରାଜ୍ୟକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୧୭।୬(ମହାଭାରତ): - ସମ୍ପୂର୍ଣ୍ଣ ରାଜ୍ୟକୁ ଛୁଇଁଲା ମୌସୁମୀ। ଆସନ୍ତା ୩ ଦିନ ଯାଏଁ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଆଜି ସକାଳ ୫.୩୦ରେ ବଙ୍ଗୋପସାଗର ମଧ୍ୟରେ ଗୋଟେ ଅବପତ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ଏପରିକି ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀ ଙ୍କୁ ସମୁଦ୍ର ମଧ୍ୟକୁ ନଯିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହେବ ବୋଲି ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ଆଗାମୀ ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଆସନ୍ତା କାଲି ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ଗୋଟେ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର। ସେହିଭଳି ସମ୍ବଲପୁର, କେଉଁଝର, ଝାରସୁଗୁଡ଼ା, ଯାଜପୁର, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆଗାମୀ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବା ନେଇ ଆକଳନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।





## ଗହମ ବର୍ଫି

ସମ୍ପ୍ରତି ଦେଶର ସ୍ଥିତି ଉଦ୍‌ବେଗ ଜନକ ରହିଛି। ଏପରି ସମୟରେ ଜିଦିଆ ହୋଇ ସରକାରୀ ଆଦେଶ ବିରୋଧରେ ବାହାରେ ନ ବୁଲି ଘରେ ରହିବା ଆବଶ୍ୟକ। ତେବେ ପୂରା ଦିନ ଘରେ ରହିବା ଅବଶ୍ୟ ବିରକ୍ତି କର। କିନ୍ତୁ ଏହି ସମୟକୁ ଯଦି ସୃଜନଶୀଳ କରାଯାଏ, ତେବେ ଏହା ଅତ୍ୟନ୍ତ ଆନନ୍ଦଦାୟୀ ହୋଇପାରିବ। ତେଣୁ ଏହି ସମୟର ସଦୁପଯୋଗ କରିବାକୁ କିଛି ନୂଆ ଓ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତି କରିବା କିଛି ଭୁଲ ହେବ ନାହିଁ। ତେଣୁ ଆମେ କହୁଛୁ ଅତି ସହଜରେ ଓ ଅଳ୍ପ ଖର୍ଚ୍ଚରେ କିପରି କରିବେ ଗହମ ବର୍ଫି।

ଆବଶ୍ୟକ ସାମଗ୍ରୀ: ଗହମ ବଟା, ଚିନି, କ୍ଷୀର, ଗୁଜୁରାତି, କାଜୁ, ଗୁଆ ଘିଅ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କ୍ଷୀରକୁ ଭଲ ଭାବେ ଫୁଟାଇ ଦିଅନ୍ତୁ। ତା'ପରେ ଗହମ ବଟା ପକାଇ ଆଉଥରେ ଭଲକରି ଫୁଟାନ୍ତୁ। ଏହି ମିଶ୍ରଣ ଯେପରି ତଳେ ନ ଲାଗିବା ସେଥିପାଇଁ ବାରମ୍ବାର ଘାଣ୍ଟନ୍ତୁ। ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଫୁଟିଗଲା ପରେ ସେଥିରେ ଚିନି, ଗୁଜୁରାତି ଓ କାଜୁ ପକାଇ ଗୋଳାନ୍ତୁ। ବର୍ତ୍ତମାନ ଏକ ଥାଳିରେ ଗୁଆଘିଅ ମାରି ରଖନ୍ତୁ। ଏବେ ଏଥିରେ କଡ଼େଇରେ ଫୁଟୁଥିବା ମିଶ୍ରଣକୁ ଢାଳିଦିଅନ୍ତୁ। ଥଣ୍ଡା ହୋଇଯିବା ପରେ ଏହାକୁ ପନ୍ଦର କୋଡିଏ ମିନିଟ୍ ଫ୍ରିଜରେ ରଖି ଦିଅନ୍ତୁ। ଏହା ପରେ ମନପସନ୍ଦର ଆକାରରେ କାଟି ପରଷି ଦିଅନ୍ତୁ ସୁଆଦିଆ "ଗହମ ବର୍ଡି"।



### ଖବର

# ଛାଡ଼ପତ୍ର ଚର୍ଚ୍ଚା ମଧ୍ୟରେ ନିଜ ନାମରୁ 'ଆହୁଜା' ହଟାଇଲେ ଗୋବିନ୍ଦାଙ୍କ ପତ୍ନୀ



ବଲିଉଡ଼ର ସବୁଠାରୁ ଲୋକପ୍ରିୟ ଦମ୍ପତି ମଧ୍ୟରେ ସୁନୀତା ଆହୁଜା ଏବଂ ଗୋବିନ୍ଦା ଅନ୍ୟତମ। ହେଲେ ଗତ କିଛି ମାସ ହେବ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଅନେକ ଚର୍ଚ୍ଚା ଚାଲିଛି। କିଛି ଦିନ ପୂର୍ବରୁ, ଗୋବିନ୍ଦା ଏବଂ ସୁନୀତାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି ଏବଂ ଉଭୟ ଛାଡପତ୍ର ନେବାକୁ ଯୋଜନା କରୁଛନ୍ତି ବୋଲି ଖବର ଆସିଥିଲା। ଗୋବିନ୍ଦାଙ୍କର ଅନୈତିକ ସମ୍ପର୍କ ଥିବା ମଧ୍ୟ କୁହାଯାଇଥିଲା। କିନ୍ତୁ, ତା'ପରେ ସୁନୀତା ଆଗକୁ ଆସି ଏହି ସମସ୍ତ ଖବରକୁ ଖଣ୍ଡନ କରି ମିଥ୍ୟା ବୋଲି କହିଥିଲେ। ସେ କହିଥିଲେ ଯେ, ସେ ଗୋବିନ୍ଦାଙ୍କ ସହିତ ଖୁସି ଅଛନ୍ତି। ବର୍ତ୍ତମାନ ସୁନୀତା ଇନଷ୍ଟାଗ୍ରାମରେ ତାଙ୍କ ନାମରୁ 'ଆହୁଜା' ଉପନାମ ହଟାଇଛନ୍ତି। ଏହା ପରେ, ଥଣ୍ଡା ପଡ଼ିଥିବା ଗୋବିନ୍ଦା ଏବଂ ସୁନୀତାଙ୍କ ଛାଡପତ୍ର ଚର୍ଚ୍ଚା ପୁଣି ଆରମ୍ଭ ହୋଇଛି। ତେବେ ଏକ ସାକ୍ଷାତକାରରେ ସୁନୀତା ପୁଣି ଥରେ ଏହି ରିପୋର୍ଟଗୁଡ଼ିକୁ ଗୁଜବ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ମୁଁ ଆହୁଜା ଏବଂ ଏଥିରେ କେଣସି ପରିବର୍ତ୍ତନ ହେବ ନାହିଁ। ଏହି ଦୁନିଆ ଛାଡି ଯିବା ପରେ ହିଁ ଉପନାମ ହଟିବ। ମୁଁ ମୋ ନାମରୁ ଆହୁଜାକୁ ହଟାଇ ଦେଇ ମୋର ପ୍ରଥମ ନାମ ସହିତ ଆଉ ଏକ ଏସ ଯୋଡିଛି। କାରଣ ମୁଁ ନାମ ଏବଂ ପ୍ରସିଦ୍ଧି ଚାହେଁ। କିଏ ଏହା ଚାହେଁ ନାହିଁ? ଠିକ୍ ତ? ଆମେ ଖୁସିରେ ଅଛୁ। ଯେପର୍ଯ୍ୟନ୍ତ ଆମେ କିଛି ଘୋଷଣା କରିନାହୁଁ, ସେପର୍ଯ୍ୟନ୍ତ କେଣସି ଗୁଜବ ଉପରେ ବିଶ୍ୱାସ କରନ୍ତୁ ନାହିଁ।

## ଧନ କ୍ଷୟର ୪ଟି କାରଣ

ଆମ ସମସ୍ତଙ୍କ ଇଚ୍ଛା ଘରେ ସବୁ ସମୟରେ ସୁଖ ଓ ସମୃଦ୍ଧି ବଜାୟ ରହୁ। ଘରକୁ ଅଧିକ ଧନର ଆଗମନ ହେଉ। କିନ୍ତୁ ଆମେ ଅଜାଣତରେ କରି ଦେଉଥିବା କିଛି କାର୍ଯ୍ୟ ଧନକ୍ଷୟର କାରଣ ହୋଇଥାଏ। ଯେତେ ଉପାର୍ଜନ କଲେ ବି ଧନ ସଞ୍ଚୟ ହୋଇପାରେ ନାହିଁ। ଧନକ୍ଷୟରୁ ବର୍ତ୍ତିବା ପାଇଁ ବାସ୍ତୁ ଅନୁଯାୟୀ କିଛି ନିୟମ ପାଳନ କରିବାକୁ ହୋଇଥାଏ। ଚାଲନ୍ତୁ ଜାଣିବା ଏମିତି କଣ ସବୁ ରହିଛି ଯାହା ଧନ କ୍ଷୟର କାରଣ।





ଭ ଖାଇବା ସମୟରେ ମୁହଁ ପୂର୍ବ କିମ୍ବା ଉତ୍ତର ଦିଗକୁ କରି ଖାଆନ୍ତୁ। ଜୋତା ପିନ୍ଧି କେବେ ହେଲେ ଖାଆନ୍ତୁ ନାହିଁ। ଏପରି କରିବା ଦ୍ୱାରା ଧନହାନି ହୋଇଥାଏ।

ଭ ରାତିରେ ଦହି ଖାଇବା ଅନୁଚିତ୍। ଧନକ୍ଷୟର ଅନ୍ୟ ଏକ କାରଣ ରାତିରେ ଦହି ଖାଇବା।

ଭ ଘରେ ଠାକୁରଙ୍କ ଠାରେ ଲାଗି ହୋଇଥିବା ଫୁଲକୁ ଅନେକ ଲୋକେ ଶୁଖିବା ପରେ ବି ସାଇତି ରଖିଥାନ୍ତି। ବାସ୍ତୁ ଅନୁସାରେ ଶୁଖିଲା ଫୁଲକୁ ଘରେ ରଖିବା ଅନୁଚିତ। ଏହା ମା ଲକ୍ଷ୍ମୀଙ୍କୁ ଅସନ୍ତୁଷ୍ଟ କରେ।

ଭ ଘିଅ କିମ୍ବା କ୍ଷୀରକୁ ଅଇଁଠା ହାତରେ ଛୁଅନ୍ତୁ ନାହିଁ। ଘିଅ ବ୍ୟବହାର କରିବା ସମୟରେ ସୁଦ୍ଧତା ଉପରେ ଗୁରୁତ୍ୱ ଦେବା ଦରକାର। ଏପରି କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥା'ନ୍ତି। ଆପଣଙ୍କ ଘରେ ଧନର ଅଭାବ ହୁଏନି।

# କେବଳ ମୁଠାଏ ଚାଉଳ ବଦଳାଇଦେବ ଭାଗ୍ୟ

ଅନେକ ସମୟରେ, କଠିନ ପରିଶ୍ରମ ସତ୍ତ୍ୱେ ଆପଣ ଚାହୁଁଥିବା ଫଳାଫଳ ପାଆନ୍ତି ନାହିଁ। ଏହି କାରଣରୁ, ଜୀବନରେ ଅସ୍ଥିରତା ଏବଂ ଅର୍ଥ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ରାଶିରେ ଗ୍ରହର ଦୁର୍ବଳତା ମଧ୍ୟ ଏହିପରି ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏଥିଲାଗି କିଛି ଉପାୟ କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ। ତେବେ ଚାଲନ୍ତୁ ଜାଣିବା ଚାଉଳ ମାଧ୍ୟମରେ କିଛି ଏମିତି ଉପାୟ ଯାହା ଆପଣଙ୍କୁ ଏ ସମସ୍ତ ସମସ୍ୟାରୁ ମୁକ୍ତି ଦେବ।

ଦରିଦ୍ରତା ହେବ ଦୂର :ପୂଜା କିମ୍ବା କୌଣସି ଧାର୍ମିକ କାର୍ଯ୍ୟରେ ଚାଉଳର ବିଶେଷ ମହତ୍ୱ ରହିଛି। ଏଥିସହିତ ଏହା ଚନ୍ଦ୍ର ସହିତ ମଧ୍ୟ ଜଡିତ। ତେଣୁ ପ୍ରତିଦିନ କପାଳରେ ଚାଉଳ ତିଳକ ଲଗାନ୍ତୁ। ଏହାଦ୍ୱାରା ରାଶିଫଳରେ ଚନ୍ଦ୍ର ଶକ୍ତିଶାଳୀ ହୋଇଥାନ୍ତି । ଯାହା ଫଳରେ ଅର୍ଥ ସମ୍ବନ୍ଧୀୟ ସମସ୍ୟା ଦୂର ହୋଇଥାଏ ।

ଦେବୀ ଲକ୍ଷ୍ମୀ ହୋଇଥାନ୍ତି ପ୍ରଶନ୍ନ : ପୂର୍ଣ୍ଣିମା କିମ୍ବା ଯେକୌଣସି ଶୁଭ ସମୟରେ, ଲାଲ ରଙ୍ଗର ଏକ ରେଶମ କପଡ଼ାରେ ୨୧ ଗୋଟି ଚାଉଳକୁ ହଳଦିରେ ରଙ୍ଗ କରି ବାନ୍ଧନ୍ତୁ। ଏହାପରେ ଦେବୀ ଲକ୍ଷ୍ମୀଙ୍କ ଆଗରେ ସେହି କପଡାକୁ ରଖନ୍ତୁ । ଦେବୀଙ୍କୁ ପୂଜା କରିବା ସହିତ କନକଧାରା ସ୍ତୋତ୍ର ପାଠ କରନ୍ତୁ। ତା'ପରେ ସେହି କପାଟରୁ କିଛି ଚାଉଳ ତୁମ ପର୍ସରେ ବାକି ଚାଉଳକୁ ଧନ ରଖୁଥିବା ସ୍ଥାନରେ ରଖନ୍ତୁ। ଏହା ଦ୍ୱାରା ଅର୍ଥର ଅଭାବ ଦୂର ହେବା ସହିତ ଦେବୀ ଲକ୍ଷ୍ମୀଙ୍କ କୃପା ରହିବ ।



ଧନ ପ୍ରାପ୍ତ ହେବ :ସୋମବାର ଅଧା କିଲୋ ଚାଉଳ ନିଅନ୍ତୁ । ଯେପରି ସେହି ଚାଉଳ ଭଙ୍ଗା ନଥିବ। ତା'ପରେ ଭଗବାନ ଶିବଙ୍କ ମନ୍ଦିରକୁ ଯାଇ ଶିବଲିଙ୍ଗ ଉପରେ ୧ ମୁଷ୍ଟି ଅର୍ପଣ କରନ୍ତୁ । ଅବଶିଷ୍ଟ ଚାଉଳକୁ ଗରିବ ଏବଂ ଅସହାୟ ଲୋକଙ୍କୁ ଦାନ କରନ୍ତୁ । କ୍ରମାଗତ ୫ ସୋମବାରରେ ଏହି ପ୍ରତିକାର କରନ୍ତୁ । ଏହାଦ୍ୱାରା ଧନ ପ୍ରାପ୍ତ ହେବ ।

ମନକାମନା ପୂରଣ ହେବ : ଶୁକ୍ରବାର ରାତି ୧୦ ଟାରେ, ଘରର ଉତ୍ତର ଦିଗରେ ଏକ ଚୌକି ରଖି ସେଥିରେ କଳସ ସ୍ଥାପିତ କରନ୍ତୁ । କଳସରେ ସ୍ୱସ୍ତିକ୍ ଚିହ୍ନ କରି ସେଥିରେ ପାଣି, ଦୁବ, ଚାଉଳ, ୧ ଟଙ୍କା ମୁଦ୍ରା ରଖନ୍ତୁ। ତା'ପରେ ଚାଉଳକୁ ଏକ ଛୋଟ ଥାଳିରେ ଭର୍ତ୍ତି କରି କଳସ ଉପରେ ରଖନ୍ତୁ। ଏହାପରେ ଶ୍ରୀଯନ୍ତ୍ର ସ୍ଥାପନ କରି ଚୌମୁଖି ଦୀପ ଜାଳି ଏହାକୁ ସିନ୍ଦୁର ଏବଂ ଚାଉଳରେ ପୂଜା କରି ଲକ୍ଷ୍ମୀ ସ୍ତୋତ୍ର ପାଠ କରନ୍ତୁ। ଏହା ଦ୍ୱାରା, ଇଚ୍ଛା ପୂରଣ ହେବା ସହିତ ଆର୍ଥିକ ସମସ୍ୟା ମଧ୍ୟ ଦୂର ହେବ ।

# ଜାଣନ୍ତୁ ଶୁଭ ସମୟ ପୂର୍ବରୁ ୧୪ଟି ସଙ୍କେତ ବିଷୟରେ



ଶୁଭସମୟ ଆସିବା ପୂର୍ବରୁ କିଛି ଘଟଣା ଜୀବନରେ ଘଟିଥାଏ। ଯାହା ଭଲ ସମୟ ଆରମ୍ଭ ହେବାର ସଙ୍କେତ ଦେଇଥାଏ। ଯଦି ସେହି ସଙ୍କେତ ସକାଳ ସମୟରେ ଦେଖାଯାଉଛି, ତେବେ ସୌଭାଗ୍ୟର ଦରଜା ଆପଣଙ୍କ ପାଇଁ ଖୋଲିବାକୁ ଯାଉଛି ବୋଲି ମାନ୍ୟତା ରହିଛି। ଜାଣନ୍ତୁ ସେଭଳି କିଛି ସଙ୍କେତ ବିଷୟରେ .

ଧଳା ଗାଈ: ଯଦି ଧଳା ରଙ୍ଗର ଗାଈ ଦରଜା ସମ୍ମୁଖକୁ ଆସି ଶବ୍ଦ କରନ୍ତି, ତେବେ ଆପଣଙ୍କ ଘରେ ସୁଖସମୃଦ୍ଧିର ବୃଦ୍ଧି ହେବାର ଏହାର ସଙ୍କେତ ଦେଇଥାଏ।

ମଧୁର ଧ୍ୱନି: ସକାଳ ସମୟରେ ଯଦି ଆପଣଙ୍କୁ ମନ୍ଦିର ଘଣ୍ଟି, ଶଙ୍ଖ ଅଥବା ଭଜନ କୀର୍ତ୍ତନର ଧ୍ୱନି ଶୁଣାଯାଏ, ତେବେ ଏହାକୁ ଶୁଭ ସଙ୍କେତ କୁହାଯାଏ।

ନବବଧୂଙ୍କୁ ଦେଖିବା: ରାସ୍ତାରେ ଯାଉଥିବା ସମୟରେ ହଠାତ ନବବଧୂଙ୍କୁ ଦେଖିଲେ ଏହାକୁ ମଧ୍ୟ ଶୁଭ ସଙ୍କେତ କୁହାଯାଏ।

ଶ୍ରୀଫଳ: ସକାଳେ ଉଠିବା ପରେ ଶ୍ରୀଫଳ ଦେଖିଲେ ଶୁଭ ଖବର ମିଳିଥାଏ।

କୁହାଯାଏ ରାସ୍ତାରେ ଯିବା ସମୟରେ ପକ୍ଷୀ ଆପଣଙ୍କ ଉପରେ ମଳତ୍ୟାଗ କରିବା ଶୁଭ ବୋଲି କୁହାଯାଏ।

ବର୍ଷା ହେବା ସମୟରେ ହଠାତ ସୂର୍ଯ୍ୟ ଦେଖାଯିବା ଧନସମ୍ପତ୍ତି ବୃଦ୍ଧି ହେବାର ସଙ୍କେତ ଦେଇଥାଏ।

ଝରକାରେ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିବା ଅଥବା ଜଳାଶୟ ଦେଖାଯିବା ମଧ୍ୟ ଶୁଭଙ୍କର।

ଘରର ଛାତରେ ବସିଥିବା କୋଇଲି କିମ୍ବା ପକ୍ଷୀଙ୍କ ମଧୁର ସ୍ୱର ଶୁଣିବା ମଧ୍ୟ ଶୁଭଙ୍କର।

ସକାଳେ ଉଠିବା ମାତ୍ରେ ସର୍ବପ୍ରଥମେ ଦହି କିମ୍ବା ଖିର ଦେଖାଯିବା ଶୁଭ ସଙ୍କେତ କୁହାଯାଏ। ଏହାଦ୍ୱାରା ସଫଳତା ପ୍ରାପ୍ତି ହୋଇଥାଏ।

କଇଁଛ ଦେଖିବା ମଧ୍ୟ ଶୁଭ ବୋଲି କୁହାଯାଏ।

ଘରର ଦରଜା ସମ୍ମୁଖରେ ଯଦି ହାତୀ ଶୁଣ୍ଢ ଉପରକୁ କରେ ତେବେ ଧନସମ୍ପତ୍ତି, ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି କୁହାଯାଏ।

ଅଜାଣତରେ ଓଲଟା ପୋଷାକ ପିନ୍ଧିବା ସୁଖସମୃଦ୍ଧି ପ୍ରାପ୍ତିର ସଙ୍କେତ ଦେଇଥାଏ।

ସକାଳ ସମୟରେ ରାସ୍ତାରେ ଆଖୁ ଦେଖିବା ମଧ୍ୟ ଶୁଭଙ୍କର।

ମୟୁର ପଙ୍ଖକୁ ଖୋଲାକରି ଥିବା ଅବସ୍ଥାରେ ଦେଖିବା ମଧ୍ୟ ଶୁଭଙ୍କର।

ହାତ ପାପୁଲି କୁଣ୍ଡାଇ ହେବା ଶୁଭ ସଙ୍କେତ ବୋଲି କୁହାଯାଏ।

ସମୁଦ୍ର କୂଳରେ ମୋତି ମିଳିବା ମଧ୍ୟ ଶୁଭ ସଙ୍କେତ ପ୍ରଦାନ କରିଥାଏ।

# ଦୁର୍ଯ୍ୟୋଧନର ଗର୍ବ ଭାଙ୍ଗିଲା

ଜୁଆରେ ହରାଇ ବନବାସ ପଠାଇ ଦେଇଥିଲା କୌରବ । ବନରେ ରହି ଅଯଥାରେ ସମୟ ନଷ୍ଟ କରିବା ବଦଳରେ ଅର୍ଜୁନ, ଭୀମ ଆଦି ପାଣ୍ଡବମାନେ ଅସ୍ତ୍ରଶସ୍ତ୍ର ଏବଂ ଶାସ୍ତ୍ର ଜ୍ଞାନ ଆହରଣ କରିବାରେ



ଲାଗିପଡ଼ିଥିଲେ । ଏପଟେ ରାଜନଅରରେ ଥିବା ଦୁର୍ଯ୍ୟୋଧନ ଭାବିଲା- ପାଣ୍ଡବମାନେ ଜଙ୍ଗଲରେ ଦୁଃଖପୂର୍ଣ୍ଣ ଜୀବନ ବିତାଉଥିଲେ । ପାଣ୍ଡବମାନଙ୍କୁ ଅପମାନିତ କରିବା ଲାଗି ଦିନେ ଦୁର୍ଯ୍ୟୋଧନ ଏକ ଯୋଜନା କଲା । କର୍ଣ୍ଣ, ଶକୁନି ଆଦିଙ୍କୁ ସାଥୀରେ ନେଇ ନିଜ ରାଣୀମାନଙ୍କ ସହ ଦୁର୍ଯ୍ୟୋଧନ ଜଙ୍ଗଲରେ ପହଞ୍ଚିଲା । ରାଣୀଙ୍କ ସହିତ ସରୋବରରେ ଜଳକ୍ରୀଡ଼ା କରିବା ଲାଗି ଦିନେ ଦୁର୍ଯ୍ୟୋଧନର ଇଚ୍ଛା ହେଲା । ସରୋବର କୁଳରେ ଗନ୍ଧର୍ବଙ୍କ ରାଜା ଚିତ୍ରସେନ ଡେରା ପକାଇଥିଲେ । ଦୁର୍ଯ୍ୟୋଧନ ସେ ଦିଗରେ ସ୍ଥାନ ଖାଲି କରିବା ଲାଗି ସୈନିକମାନଙ୍କୁ ଆଦେଶ ଦେଲା । ସେମାନେ ଯାଇ ସରୋବର କୂଳରେ ପହଞ୍ଚିଲେ, କିନ୍ତୁ ଚିତ୍ରସେନ ସେମାନଙ୍କୁ ଗୋଡ଼ାଇ ବିଦା କରିଦେଲେ । ଦୁର୍ଯ୍ୟୋଧନ ଅଧିକ ସୈନିକଙ୍କୁ ପଠାଇଲା । ହେଲେ ଚିତ୍ରସେନ ସେମାନଙ୍କୁ ମଧ୍ୟ ପରାଜିତ କରି ବିଦା କରିଦେଲା । ଏହାପରେ କର୍ଣ୍ଣ ଓ ଶକୁନିଙ୍କ ସାଥୀରେ ନେଇ ଦୁର୍ଯ୍ୟୋଧନ ଗନ୍ଧର୍ବଙ୍କ ସମ୍ମୁଖକୁ ଆସିଲା । ଚିତ୍ରସେନ ସେତେବେଳେ ସ୍ନାନ କରୁଥିଲେ । ସେ କୌରବ-ସେନା ଉପରେ ଘନ ଘନ ଅସ୍ତ୍ର ଆକ୍ରମଣ ଆରମ୍ଭ କରିଦେଲେ । ଏହାପରେ ସେ ସମ୍ମୋହନ ଅସ୍ତ୍ର ପ୍ରୟୋଗ କଲେ । କର୍ଣ୍ଣଙ୍କ ରଥକୁ ଭାଙ୍ଗି ଦୁଇ ଭାଗ କରିଦେଲେ । ଦୁର୍ଯ୍ୟୋଧନଙ୍କୁ ପାଶରେ ବାନ୍ଧିଦେଲେ । କୌରବ ରାଣୀଙ୍କୁ ବନ୍ଦୀ କରି ସ୍ୱର୍ଗ ନେଇ ଚାଲିଲେ । ଏହି ସମୟରେ ରାଣୀମାନେ ଭୀମ, ଅର୍ଜୁନ ଏବଂ ଯୁଧିଷ୍ଠିରଙ୍କୁ ସହାୟତା ନିମନ୍ତେ ଡାକିଲେ । ଦୁର୍ଯ୍ୟୋଧନଙ୍କର ଜଣେ ମନ୍ତ୍ରୀ ଯାଇ ଯୁଧିଷ୍ଠିରଙ୍କୁ କୌରବଙ୍କ ବିପତ୍ତି ବିଷୟରେ କହିଲେ । ଏହାଶୁଣି ଭୀମ ଅତ୍ୟନ୍ତ ପ୍ରସନ୍ନ ହେଲେ । କିନ୍ତୁ ଯୁଧିଷ୍ଠିର କହିଲେ, ନିଜ ଭାଇ ଏବଂ ବଂଶର ଲୋକମାନଙ୍କୁ ସୁରକ୍ଷା ଦେବା ଆମର ଧର୍ମ । ଏହା ଆମ ପ୍ରତିଷ୍ଠାର ପ୍ରଶ୍ନ । ତାଙ୍କ କଥା ମାନି ଭୀମ ଏବଂ ଅର୍ଜୁନ ତତ୍‌କ୍ଷଣାତ୍ ଯାଇ ସରୋବର କୂଳରେ ପହଞ୍ଚିଲେ । ଦୁହେଁ ଚିତ୍ରସେନଙ୍କ ସହ ଯୁଦ୍ଧ କଲେ । ମହାକର୍ଷଣ ଅସ୍ତ୍ର ଦ୍ୱାରା ଅର୍ଜୁନ ଆକାଶରୁ ଚିତ୍ରସେନଙ୍କୁ ଟାଣି ଆଣିଲେ । ଏହାପରେ ତାଙ୍କୁ ଯୁଦ୍ଧରେ ପରାସ୍ତ କରି କୌରବ ରାଣୀମାନଙ୍କୁ ମୁକୁଳାଇଲେ । ଭୀମ ରଥ ଉପରୁ ଦୁର୍ଯ୍ୟୋଧନ ଏବଂ ରାଣୀମାନଙ୍କୁ ତଳକୁ ଓହ୍ଲାଇଦେଲେ । ଚିତ୍ରସେନ ଏବଂ ଅର୍ଜୁନ ବନ୍ଧୁ ଭଳି ପରସ୍ପରକୁ କୋଳାଗ୍ରତ କଲେ । ଏହି ଦୃଶ୍ୟ ଦେଖି ଦୁର୍ଯ୍ୟୋଧନ ଲଜ୍ଜିତ ହେଲା । ଇଚ୍ଛା ନଥିଲେ ବି ସେ ଯୁଧିଷ୍ଠିରଙ୍କୁ ପ୍ରଣାମ କରି ହସ୍ତିନାପୁର ଅଭିମୁଖେ ପ୍ରସ୍ଥାନ କଲା ।

# ରାଜ୍ୟରେ ଝାଡ଼ାବାନ୍ତି ସ୍ଥିତି ସମୀକ୍ଷା

ଭୁବନେଶ୍ୱର,୧୭।୬ (ମହାଭାରତ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯାଜପୁର ସମେତ କେନ୍ଦୁଝର, ଭଦ୍ରକ, କଟକ, ଢେଙ୍କାନାଳ ଜିଲ୍ଲାରେ ଦେଖା ଦେଇଥିବା ଡାଇରିଆ ସ୍ଥିତି ଓ ଏହାର ପ୍ରତିକାରାତ୍ମକ ପଦକ୍ଷେପ ସଂପର୍କରେ ସମୀକ୍ଷା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ସ୍ଥିତି ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଉପରୋକ୍ତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ନିଜ ନିଜ ଜିଲ୍ଲାର କ୍ଷେତ୍ରସ୍ତରୀୟ ସ୍ଥିତି ଜଣାଇଥିଲେ।

ସ୍ୱାସ୍ଥ୍ୟ ସଚିବ ଜଣାଇଥିଲେ ଯେ, ଡାଇରିଆ ସ୍ଥିତିର ପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ପ୍ରତିରୋଧ, ପରୀକ୍ଷଣ ଓ ପ୍ରତିଷେଧକବ୍ୟବସ୍ଥା ସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ବେସରକାରୀ ଓ ସରକାରୀ କୂପ ଆଦିକୁ ନିୟମିତ ଭାବେ ବିଶୋଧନ କରାଯାଉଛି। ରୋଗୀମାନଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଏବେ ଯେଉଁ ରୋଗୀମାନେ ଆସୁଛନ୍ତି, ସେମାନଙ୍କର ରୋଗର ଲକ୍ଷଣ ସାମାନ୍ୟ ରହୁଛି। ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ସଂକ୍ରମିତ ଲୋକମାନେ ପ୍ରାରମ୍ଭିକ ଅବସ୍ଥାରୁ ହିଁ ଡାକ୍ତରଖାନା ଆସୁଛନ୍ତି, ଯାହା ଡାଇରିଆ ନିୟନ୍ତ୍ରଣ ଦିଗରେ ଏକ ଭଲ ଲକ୍ଷଣ।

ବିଭିନ୍ନ ଡାକ୍ତରଖାନାରେ ନୂଆ ଆଡମିଶନ ହାରରେ କ୍ରମାଗତ ହ୍ରାସ ଘଟିଛି। ସଦ୍ୟତମ ତଥ୍ୟ ଅନୁସାରେ ପ୍ରଭାବିତ ୫ ଟି ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଆଜି ୪୨୯ ଜଣ ରୋଗୀ ଭର୍ତ୍ତି ହୋଇଥିବା ବେଳେ ୨୮୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରିଛନ୍ତି। ତେବେ ବିଗତ ଦିନ ମାନଙ୍କୁ ମିଶାଇ ଆଜିସୁଦ୍ଧା ସମୁଦାୟ ୩୭୦ ଜଣ ଚିକିତ୍ସାଧିନ ଅଛନ୍ତି। ଯେଉଁ ମାନେ ସୁସ୍ଥ ହେଉଛନ୍ତି, ସେମାନଙ୍କୁ ଡାକ୍ତରଙ୍କ ବିନା ପରାମର୍ଶରେ ଘରକୁ ଛଡାଯାଉନାହିଁ। ପୂର୍ଣ୍ଣ ଆରୋଗ୍ୟ ପରେ ସେମାନଙ୍କୁ ହସ୍ପିଟାଲରୁ ଡିସଚାର୍ଜ୍ୟ କରାଯାଉଛି। ପରିମଳ ଓ ବିଶୋଧନକାର୍ଯ୍ୟକୁ ବ୍ୟାପକ ଭାବେ ଜାରି ରଖିବାକୁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦିଆଯାଇଛି। ମାଇକ୍ ଯୋଗେ ପ୍ରଚାର ପ୍ରସାରକୁ ବ୍ୟାପକ କରାଯାଇଛି। ଆଗାମୀ ୭ରୁ ୧୦ ଦିନ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିଦିନ ରାଜ୍ୟସ୍ତରୀୟ କମିଟି ସ୍ଥିତିର ସମୀକ୍ଷା କରୁଛନ୍ତି। ପ୍ରଭାବିତ ଜିଲ୍ଲା ମାନଙ୍କରେ ୨୪ ଘଣ୍ଟିଆ ନିୟନ୍ତ୍ରଣ ଓ ପରିଚାଳନା କକ୍ଷ କାର୍ଯ୍ୟକରୁଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଟିମ ବିଭିନ୍ନ ଜିଲ୍ଲା ଗସ୍ତ କରି ଏହା ମହାମାରୀ ନୁହେଁ ବୋଲି କରିଛନ୍ତି। ଦେଖା ଦେଇଥିବା ଡାଇରିଆ ଗୋଟିଏ ଅଂଚଳରୁ ଅନ୍ୟ ଅଂଚଳକୁ ସଂକ୍ରମିତ ହୋଇନାହିଁ। ଏହା ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଭାବେ ଦେଖାଦେଇଛି। ବର୍ଷାଦିନେ ଜଳବାହିତ ରୋଗ ହୋଇଥାଏ। ତେଣୁ ପ୍ରଭାବିତ ୫ଟି ଜିଲ୍ଲା ସମେତ ଅନ୍ୟ ସମସ୍ତ ଜିଲ୍ଲାକୁ ସ୍ୱାସ୍ଥ୍ୟ ସତର୍କତା ଓ ସଚେତନତାଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।



ମୁଖ୍ୟଶାସନ ସଚିବ ଶ୍ରୀ ଆହୁଜା ଜିଲ୍ଲାୱାରୀ ସ୍ଥିତି ସମୀକ୍ଷା କହିଥିଲେ ଯେ,ବିଭିନ୍ନ ଜିଲ୍ଲାରେ ସତର୍କତା ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ଜାରି ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ମୌସୁମୀ ବର୍ଷାରେ ଜଳ ସଂକ୍ରମଣର ସମ୍ଭାବନା ରହିଥିବାରୁ ନିୟମିତ ବ୍ୟବଧାନରେ ଜଳ ଉତ୍ସକୁ ବିଶୋଧନ କରିବା, ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ମୁଖ୍ୟଶାସନସଚିବ ନିର୍ଦ୍ଦେଶଦେଇଛନ୍ତି। ଏଭଳି ସଂକ୍ରାମକରୋଗ କାରଣରୁ ଯେପରି ଜୀବନହାନି ନଘଟେ, ସେଥିପ୍ରତି ଏହାର ନିରାକରଣ ପାଇଁ ସବୁ ସତର୍କତା, ସଚେତନତା ଓପରୀକ୍ଷା ଓ ଚିକିତ୍ସାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। କ୍ଷେତ୍ରସ୍ତରରେ ସ୍ଥିତି ଅନୁଧ୍ୟାନ କରି ଯାହା ଯାହା ଆବଶ୍ୟକତା ରହୁଛି, ସେଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ସବୁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦେଇଛନ୍ତି। କଟକ, ଭଦ୍ରକ, କେନ୍ଦୁଝର ଓ ଢ଼େଙ୍କାନାଳ ଜିଲ୍ଲାରେ ଡାଇରିଆ ସ୍ଥିତି ସଂପର୍କରେ ଜିଲ୍ଲାପାଳମାନେ ଅବଗତ କରାଇଥିଲେ। ଜଳ ଉତ୍ସ ବିଶୋଧନ କାର୍ଯ୍ୟ, ପ୍ରଚାର ପ୍ରସାର, ପରୀକ୍ଷଣ ଓ ଚିକିତ୍ସା କାର୍ଯ୍ୟକ୍ରମ ବ୍ୟାପକ କରାଯାଇଥିବା ସୂଚନା ଦେଇଥିଲେ। ସମସ୍ତ ଜିଲ୍ଲାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ କର୍ମଚାରୀ ମାନେ କୂପ, ନଳକୂପ ବିଶୋଧନ କାର୍ଯ୍ୟ ଆଦି ଜାରିରଖିଛନ୍ତି। ସମସ୍ତ ଜିଲ୍ଲାରେ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବା ବୈଠକରୁ ଜଣାଯାଇଛି।

# ରଥଯାତ୍ରା ପାଇଁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ


ଭୁବନେଶ୍ୱର,୧୭।୬ (ମହାଭାରତ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଯୋଗ ଦେବା ପାଇଁ ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟିଙ୍କୁ ନିମନ୍ତ୍ରଣ କରିଛନ୍ତି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ କୁମାର ପାଢ଼ୀ। ଶ୍ରୀ ପାଢ଼ୀ ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ପୁରୀରେ ରଥଯାତ୍ରାରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ।




ଏହି ଅବସରରେ ଶ୍ରୀ ପାଢ଼ୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ସୁଗମ ଏବଂ ନିରାପଦ ପରିଚାଳନା ପାଇଁ ଚାଲିଥିବା ବିସ୍ତୃତ ପ୍ରସ୍ତୁତି ବିଷୟରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା ଦେଖିବା ପାଇଁ ଦେଶ ଏବଂ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ଆଗମନ ଦୃଷ୍ଟିରୁ ଏହାର ଯଥାଯଥ ପରିଚାଳନା କରିବା ପାଇଁ ଗ୍ରହଣ କରାଯାଉଥିବା ବ୍ୟାପକ ବ୍ୟବସ୍ଥା ଉପରେ ଶ୍ରୀ ପାଢ଼ୀ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏ ଦିଗରେ ଶ୍ରୀ ମନ୍ଦିର ପ୍ରଶାସନର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି ଏବଂ ରଥଯାତ୍ରାର ସଫଳ ଆୟୋଜନ ଏବଂ ଶାନ୍ତିପୂର୍ଣ୍ଣ ପାଳନ ପାଇଁ ଶୁଭକାମନା ଜଣାଇଛନ୍ତି।

# ବିଷାକ୍ତ ମଦ ପିଇ ୨ ମୃତ

ଭୁବନେଶ୍ୱର,୧୭।୬ (ମହାଭାରତ): ରାଜଧାନୀରେ ମଦ ମୃତ୍ୟୁ ଅଭିଯୋଗ। ଅପମିଶ୍ରିତ ମଦ ପିଇ ୨ ଯୁବକଙ୍କର ମୃତ୍ୟୁ ହୋଇଥଛି। କଟକ-ଭୁବନେଶ୍ୱର ରୋଡର ଷ୍ଟେସନ ବଜାର ଅଞ୍ଚଳରେ ଥିବା ଏକ ସରକାରୀ



ମଦ ଦୋକାନରୁ ମଦ ପିଇ ଏହି ଦୁଇ ଜଣ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଅନ୍ୟ ତିନି ଜଣ ଚିକିତ୍ସାଧିନ ଅଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ସଂପୃକ୍ତ ମଦ ଦୋକାନକୁ ଘେରାଉ କରି ରଖିଥିଲେ। ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଷ୍ଟେସନ ବଜାର ଅଞ୍ଚଳରେ ଥିବା ଏହି ମଦ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା ଏବଂ ମଦ ଦୋକାନରୁ ସାମ୍ପୁଲ ଗ୍ରହଣ କରାଯାଇ ମଦ ଦୋକାନକୁ ସିଲ୍ କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଲୋକମାନେ ମଦ ଦୋକାନକୁ ଘେରାଉ କରିବା ସହିତ ଭୁବନେଶ୍ୱର ତଥା ସମଗ୍ର ରାଜ୍ୟରେ ମଦ ଓ ନିଶାଦ୍ରବ୍ୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦାବି କରି ହୋ ହଲ୍ଲା କରିଥିଲେ। ଚାରି ଦିନ ପୂର୍ବରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ଆଜି ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ଉଭୟଙ୍କର ମୃତ୍ୟୁର କାରଣ ବିଷାକ୍ତ ମଦ ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଦର ନମୁନା ପରୀକ୍ଷା ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ଅନେକ କଥା ସାମ୍ନାକୁ ଆସିବ ବୋଲି କୁହାଯାଉଛି।

# ପୂର୍ବତନ ବିଧାୟକ ସ୍ୱର୍ଗତ ମଙ୍ଗୁ ଦତ୍ତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୁବନେଶ୍ୱର,୧୭।୬ (ମହାଭାରତ): ବାଲେଶ୍ୱରର ବର୍ଷିୟାନ ଜନନେତା, ପୂର୍ବତନ ବିଧାୟକ ସ୍ୱର୍ଗତ ମଦନ ମୋହନ ଦତ ତଥା ମଙ୍ଗୁ ଭାଇ ଭାରତୀୟ ଜନତା ପାର୍ଟି ଏବଂ ବିଚାରଧାରାର ବଡ଼ ସ୍ତମ୍ଭ ଥିଲେ। ସମାଜର ସାଧାରଣ ଓ ନିମ୍ନ ଶ୍ରେଣୀର ଲୋକମାନଙ୍କ ସେବାକୁ ସେ ଜୀବନର ବ୍ରତ କରିଥିଲେ ବୋଲି ମଙ୍ଗଳବାର ବାଲେଶ୍ୱର ଠାରେ ତାଙ୍କର ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତିସଭାରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ବାଲେଶ୍ୱର ଏକ ଉଦ୍ଦୀପନା, ଉଜ୍ଜ୍ୱଳ ଆଲୋକ, ବିକଶିତ ଓଡ଼ିଶାର ମୁଖଶାଳା ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

ଏହି ସ୍ମୃତିସଭାରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଷ୍ଟେସନ ଛକ ଠାରେ ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ତାଙ୍କ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିର ଉଦଘାଟନ କରିବା ସହ ବୃକ୍ଷରୋପଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ଦିବ୍ୟାଙ୍ଗମାନଙ୍କୁ ସହାୟକ ଉପକରଣ, ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ ସହ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା କରିଥିଲେ କେନ୍ଦ୍ରମନ୍ତ୍ରୀ। 'ମଙ୍ଗୁ ଭାଇ ସ୍ମୃତି କମିଟି, ବାଲେଶ୍ୱର' ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଶ୍ରୀ ପ୍ରଧାନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସହ ଥିବା ସ୍ମୃତିକୁ ମନେପକାଇଥିଲେ।



ସେ କହିଛନ୍ତି, ମଙ୍ଗୁ ଭାଇ ଥିଲେ ବାଲେଶ୍ୱର ମାଟିର ଜଣେ ପରିଚିତ ଚେହେରା। ଜଣେ ଲୋକପ୍ରିୟ ଜନନେତା। ତାଙ୍କର ସାମାଜିକ ଜୀବନ ଅନେକଙ୍କ ପାଇଁ ଉଦାହରଣ। ବାଲେଶ୍ୱରରେ ଶିକ୍ଷା, ସ୍ୱାସ୍ଥ୍ୟ, ନଗର ଉନ୍ନୟନ, ରୋଜଗାର ତଥା ସହରର ସର୍ବାଙ୍ଗୀନ ବିକାଶ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ସେ ଥିଲେ ଜଣେ ଦରଦୀ ମଣିଷ। ସମାଜର ସାଧାରଣ ଓ ନିମ୍ନ ଶ୍ରେଣୀର ଲୋକମାନଙ୍କ ସେବାକୁ ସେ ଜୀବନର ବ୍ରତ କରିଥିଲେ। ନିଜ ପରିବାର, ସୁଖ ଓ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରି ଜନସେବାରେ ନିଜକୁ ସମର୍ପି ଦେଇଥିଲେ। ଓଡ଼ିଶାର ଦଳିତ, ଗରିବ ଓ ନିଷ୍ପେସିତ ଲୋକମାନଙ୍କର ସ୍ୱରକୁ ଶାଣିତ ସ୍ୱରରେ ଉତ୍ତୋଳନ କରୁଥିଲେ। ସେ କେବଳ ବିଧାୟକ ନ ଥିଲେ, ଥିଲେ ବାଲେଶ୍ୱରର ବିକାଶର ସାରଥୀ। ଅନେକ କାର୍ଯ୍ୟକର୍ତ୍ତାଙ୍କୁ ତିଆରି କରିବା ତଥା ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ସଶକ୍ତ କରିବାରେ ତାଙ୍କର ଭୂମିକା ଅତୁଳନୀୟ ଥିଲା।

ଛାତ୍ର ଜୀବନରୁ ମଙ୍ଗୁ ଭାଇଙ୍କ ସହ ମୋର ଦୀର୍ଘ ୩୦ ବର୍ଷର ସମ୍ପର୍କ ରହିଛି। ସେ ଥିଲେ ଆମ ବିଚାରଧାରାର ବଡ଼ ସ୍ତମ୍ଭ। ଦଳ ମତ ନିର୍ବିଶେଷରେ ମଙ୍ଗୁ ଭାଇ ବାଲେଶ୍ୱରବାସୀଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ବିଚାରଧାରା ଆଜି ବଟବୃକ୍ଷର ରୂପ ନେଇଛି। ବାଲେଶ୍ୱରରେ ତାଙ୍କ ସ୍ମୃତିରେ ପ୍ରତିମୂର୍ତ୍ତି ସ୍ଥାପନ ; ଜଣେ ସଫଳ ନେତୃତ୍ୱ ପ୍ରତି ଉଚିତ୍ ଶ୍ରଦ୍ଧାଞ୍ଜଳି। ଏହି ପ୍ରତିମୂର୍ତ୍ତି ବାଲେଶ୍ୱରବାସୀଙ୍କର ତାଙ୍କ ପ୍ରତି ଥିବା ଶ୍ରଦ୍ଧା ଓ ଆବେଗର ପ୍ରତିଫଳନ। ମଙ୍ଗୁ ଭାଇ ହୁଅନ୍ତୁ କିମ୍ବା ଓଡ଼ିଶାର ପୂର୍ବତନ ବିରୋଧୀ ଦଳର ଉପନେତା ଦିବଙ୍ଗତ ବିଷ୍ଣୁ ଭାଇ, ଓଡ଼ିଶାକୁ ଉଭୟ ଜନପ୍ରତିନିଧିଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ତାଙ୍କର ସ୍ମୃତିକୁ ଅମର କରି ରଖିବା ପାଇଁ ଏହି ସାଧୁ ଉଦ୍ୟମ କରିଥିବାରୁ "ମଙ୍ଗୁ ଭାଇ ସ୍ମୃତି କମିଟି"ର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ବାଲେଶ୍ୱରର ଇତିହାସ ଉପରେ ଆଲୋକପାତ କରିବା ସହ କହିଛନ୍ତି, ବାଲେଶ୍ୱର ମାଟି ହେଉଛି ସାହିତ୍ୟ, ସଂସ୍କୃତି ଓ ସଂଗ୍ରାମର ମାଟି। ବାଲେଶ୍ୱରରେ ଜନ୍ମ ଗ୍ରହଣ କରିଥିବା ମହାନ କବି, ଲେଖକ ଫକୀର ମୋହନ ସେନାପତି ଓଡ଼ିଆ ଭାଷା ଓ ଅସ୍ମିତା ଲଢେଇ ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ।

# ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ

ଭୁବନେଶ୍ୱର,୧୭।୬ (ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗତ ୧୨ ତାରିଖରୁ ଭଦ୍ରକ ଜିଲ୍ଲାସ୍ଥିତ ନେହେରୁ ଷ୍ଟାଡିୟମ ପରିସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆରମ୍ଭ କରାଯାଇଥିବା ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବ ୨୦୨୫ ର ଷଷ୍ଠ ଦିନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିକଶିତ ଓଡିଶା ଓ ବିକଶିତ ଭଦ୍ରକ ଗଠନରେ ସରକାରଙ୍କ ଆଭିମୁଖ୍ୟ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମୋହନ ସରକାରଙ୍କ ଦ୍ୱାରା ବିକାଶର ଧାରା ଆରମ୍ଭ ହୋଇସାରିଛି। କୌଣସି ପରିସ୍ଥିତିରେ କେହି ଏହାକୁ ରୋକିପାରିବେ ନାହିଁ। ଦୁଇଟି ଇଞ୍ଜିନ ରେ ଲୋକଙ୍କ ବିକାଶର ଗତି ବଢିବ ବୋଲି ସେ ମତ ପ୍ରକାଶ କରିଥିଲେ। ବିକାଶରେ ମହିଳାମାନଙ୍କ ଭାଗିଦାରୀ ଅନନ୍ୟ। ମହିଳାମାନେ ହିଁ ଅଧିକ ପ୍ରତିଶ୍ରୁତିବଦ୍ଧ। ସେମାନଙ୍କ ଶକ୍ତିକୁ ମା



ସୁଭଦ୍ରାଙ୍କ ଶକ୍ତିରେ ରୂପାୟନ କରାଯିବ। ଗାଁ ଗାଁ ରେ ଲକ୍ଷପତି ଦିଦିମାନଙ୍କ ସଂଖ୍ୟା ବହୁ ଗୁଣରେ ବଢିବ ବୋଲି ଶ୍ରୀମତୀ ପରିଡା ଦୃଢ଼ ମତ ରଖିଥିଲେ। ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ପ୍ରତି ବ୍ଲକରେ ଷ୍ଟାଡିୟମ ନିର୍ମାଣ, ରାସ୍ତା, ପାନୀୟ ଜଳ, ଶ୍ମଶାନ ନିର୍ମାଣ ପାଇଁ ବ୍ୟୟ ବରାଦ, ସରକାରଙ୍କ ଦ୍ୱାରା ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ପାରମ୍ପରିକ ଖାଦ୍ୟମେଳାର ବିଜେତାମାନଙ୍କୁ ବ୍ୟବସାୟ କରିବାର ସୁଯୋଗ ପ୍ରଦାନ ଆଦି ସମ୍ବନ୍ଧରେ ଶ୍ରୀମତୀ ପରିଡା ସୁବିସ୍ତୃତ ଆଲୋଚନା କରିବା ସହିତ ଭଦ୍ରକ ଜିଲ୍ଲାର ବିକାଶ ପାଇଁ ପ୍ରଦତ୍ତ ବିଭିନ୍ନ ଆବଣ୍ଟନ ସମ୍ବନ୍ଧରେ ଅବଗତ କରାଇଥିଲେ। ଭଦ୍ରକ ଜିଲ୍ଲାର ଗାଁ ଗାଁ ରେ ଥିବା ଶକ୍ତି ପୀଠକୁ ପର୍ଯ୍ୟଟନ ବିଭାଗ ଦ୍ୱାରା ବିକଶିତ କରାଯାଇ ଶକ୍ତି କରିଡରରେ ପରିଣିତ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ଭଦ୍ରକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବର୍ଷ ଏକ ଉପଲବ୍ଧି ଅନେକର ଜିଲ୍ଲାସ୍ତରୀୟ ଏହି ସମ୍ମିଳନୀରେ ସାଂସଦ ଅଭିମନ୍ୟୁ ସେଠି ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗ ଦେଇଥିଲେ।

# ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ ପୁରୀ ପୌରପାଳିକାର ସହଯୋଗରେ ପିଇଟି ବୋତଲ-ମୁକ୍ତ ରଥଯାତ୍ରା ଶୁଭାରମ୍ଭ

ଭୁବନେଶ୍ୱର,୧୭।୬ (ମହାଭାରତ): ପୁରୀ ପୌରପାଳିକା ସହିତ ସହଯୋଗରେ ହିନ୍ଦୁସ୍ତାନ କୋକା-କୋଲା ବେଭରେଜେସ୍ (ଏଚସିସିବି), ଭାରତର ଏକ ଅଗ୍ରଣୀ ଏଫଏମସିଜି କଂପାନୀ, ଆନନ୍ଦନା, କୋକା-କୋଲା ଇଣ୍ଡିଆ ଫାଉଣ୍ଡେସନ୍, ପୁରୀ ପୌରପାଳିକା, ଜିଲ୍ଲା ପ୍ରଶାସନ (ପୁରୀ), ଓଡ଼ିଶା ବିକାଶ ପରିଚାଳନା କାର୍ଯ୍ୟକ୍ରମ (ଓଡିଏମପି) ଏବଂ ?ାଇ୪ଡି ଫାଉଣ୍ଡେସନ୍ ସହିତ ମିଳିତ ଭାବରେ ଆଗାମୀ ପୁରୀ ରଥଯାତ୍ରା ପାଇଁ 'ବ୍ୟବହୃତ ପିଇଟି ବୋତଲ ମୁକ୍ତ ପୁରୀ ରଥଯାତ୍ରା ୨୦୨୫ ପ୍ରୟାସର ଶୁଭାରମ୍ଭ କରିଛି। ଏହି ପ୍ରୟାସକୁ ଭୁବନେଶ୍ୱରର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା; ଗୃହ ଏବଂ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର; ସତ୍ୟବ୍ରତ ସାହୁ, ଆଇଏଏସ, ଅତିରିକ୍ତ ମୁଖ୍ୟ ସଚିବ (ଏସିଏସ), ଗୃହ, ଜଙ୍ଗଲ ଏବଂ ପରିବେଶ ବିଭାଗ, ଅଭିମନ୍ୟୁ ବେହେରା, ଓଏଏସ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୀ ପୌରପାଳିକା ଏବଂ ବିନୟ କୁମାର ଦାଶ, ଓଏଏସ (ଏସଏଜି), ଅତିରିକ୍ତ ସଚିବ, ଏଚ ଆଣ୍ଡ ୟୁଡି ବିଭାଗ ଶୁଭାରମ୍ଭ କରିଥିଲେ।

ପୁରୀ ରଥଯାତ୍ରା, ଏକ ଶତାବ୍ଦୀ ପୁରୁଣା ରଥଯାତ୍ରା, ଦେଶ ଏବଂ ଦେଶ ବାହାରୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ଆକର୍ଷିତ କରେ। ଜନଗହଳିକୁ ଦୃଷ୍ଟିରେ ରଖି, ଏଚସିସିବିର ଏହି ପଦକ୍ଷେପ ବିଶେଷ ଭାବରେ ପ୍ରାସଙ୍ଗିକ, ଜୁନ୍ ୨୭ ରୁ ୫ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ବ୍ୟବହୃତ ପିଇଟି ବୋତଲ ସଂଗ୍ରହ ମାଧ୍ୟମରେ ସହର ବ୍ୟାପୀ ସ୍ୱଚ୍ଛତା ପ୍ରୟାସକୁ ସମର୍ଥନ କରାଯାଇଛି। ଗତ ବର୍ଷର ପଦକ୍ଷେପର ସଫଳତା ଉପରେ ଆଧାରିତ, ଏହି ବର୍ଷର ପ୍ରୟାସ ଦାୟିତ୍ୱପୂର୍ଣ୍ଣ ପିଇଟି ବର୍ଜ୍ୟବସ୍ତୁ ପରିଚାଳନାକୁ ବୃଦ୍ଧି କରିବା, ଜନସଚେତନତା ବୃଦ୍ଧି କରିବା ଏବଂ ସହରକୁ ସଫା ରଖିବାରେ ନାଗରିକଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ଲକ୍ଷ୍ୟ ରଖିଛି।

ସହଯୋଗର ଭୂମିକା ଉପରେ ଗୁରୁତ୍ୱ ଦେଇ, ଏଚସିସିବିର ମୁଖ୍ୟ ପବ୍ଲିକ୍ ଆଫେୟାର୍ସ ଏବଂ ସଷ୍ଟେନେବିଲିଟି ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ କହିଛନ୍ତି, ଏଚସିସିବି ବିଶ୍ୱାସକରେ ପ୍ରକୃତ ପରିବର୍ତନ ସେତେବେଳେ ଘଟେ ଯେତେବେଳେ ବ୍ୟବସାୟ, ଗୋଷ୍ଠୀ ଏବଂ ସରକାର ଏକ ଲକ୍ଷ୍ୟ ପାଇଁ ଏକାଠି ହୁଅନ୍ତି।

# ବିଏମ୍‌ସି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର,୧୭।୬ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଶୂନ ଦୁର୍ଘଟଣା ଦିବସ ବା ଜିରୋ ଆକ୍ସିଡେଂଟ ଡେ ପାଳନ ଅବସରରେ ଡ୍ରାଇଭରମାନଙ୍କୁ ସଚେତନତା ସହ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠ ନମ୍ବର କମ୍ୟୁନିଟ୍ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋନଚା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ସମୀତା ମହାନ୍ତି, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍ ସିର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଆମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ ରୋଡ୍ ସେଫ୍ଟି, ଆଇଆଇଟି ମାଡ୍ରାସର ପ୍ରମୁଖ ପ୍ରକଳ୍ପ ଅଧିକାରୀ ଗଙ୍ଗାଧର ସାହୁ ଯୋଗଦେଇଥିଲେ।

ସଡ଼କ ସୁରକ୍ଷା ସଚେତନତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବିଏମ୍ ସି ପକ୍ଷରୁ ଡ୍ରାଇଭର ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଡକ ସୁରକ୍ଷାର ଗୁରୁତ୍ୱ ଉପରେ ଡ୍ରାଇଭରମାନଙ୍କୁ ଶିକ୍ଷିତ କରାଇବା ଏବଂ ଦାୟିତ୍ୱବାନ ଡ୍ରାଇଭିଂ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଏହି କାର୍ଯ୍ୟକ୍ରମରେ ବିଏମ୍ ସିର ପ୍ରାୟ ୨୦୦ ଡ୍ରାଇଭର ଅଂଶ ଗ୍ରହଣ କରିଥିଲେ। ମଦ୍ୟ ପାନ କରି ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ନ ହେବା, ବାଇକ୍ ଚଳାଇବା ବେଳେ ହେଲମେଟ ଏବଂ ଗାଡି ଚଳାଇବା ବେଳେ ସିଟ୍ ବେଲ୍ଟ ପିନ୍ଧିବା, ଟ୍ରାଫିକ୍ ନିୟମମାନି ଗାଡି ଚଳାଇବା, ବିପରିତ ଦିଗରେ ଗାଡି ନ ଚଳାଇବା, ରାସ୍ତା ବ୍ୟବହାରକାରୀ ଅନ୍ୟମାନଙ୍କୁ ଅସୁବିଧାରେ ନ ପକାଇବା ଆଦି ସଂପର୍କରେ ମାନନୀୟା ମେୟର ଶ୍ରୀମତୀ ଦାସ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଜୁନ୍ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। 'ସଡ଼କ ସୁରକ୍ଷା ହେଉଛି ଏକ ସାମୂହିକ ଦାୟିତ୍ୱ। ନିରାପଦ ସଡ଼କ ସୁନିଶ୍ଚିତ କରିବା ପ୍ରତ୍ୟେକ ବ୍ୟକ୍ତିର ପ୍ରୟାସ ହେବା ଆବଶ୍ୟକ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ।

# 'କଳ୍ପନାରୁ ଦକ୍ଷତାକୁ ଯାତ୍ରା' କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର,୧୭।୬ (ମହାଭାରତ): ରାଜ୍ୟରେ ଉଚ୍ଚ ମାଧ୍ୟମିକସ୍ତରରେ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଦକ୍ଷତାକୁ ଏକ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆଜି କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଦୁଇ ଦିନିଆ କର୍ମଶାଳାର ଆୟୋଜନ କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ସହଯୋଗରେ ବିଦ୍ୟାଳୟ ନବସୃଜନ ପରିଷଦକୁ କାର୍ଯ୍ୟକାରୀ କରିବା ନେଇ "କଳ୍ପନାରୁ ଦକ୍ଷତାକୁ ଯାତ୍ରା" କର୍ମଶାଳାର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଉପସ୍ଥିତ ରହି ବିକଶିତ ଓଡ଼ିଶା ଗଠନରେ ଏହି କର୍ମଶାଳା ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି।



ଉଦ୍ଭାବନ କ୍ଷେତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ। ଓଡ଼ିଶାରେ ନବସୃଜନ ଓ ଦକ୍ଷତା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ଦୁଇ ଦିନିଆ କର୍ମଶାଳାରେ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଦ୍ଭାବନ କ୍ଷେତ୍ରରେ ଉଚିତ୍ ମାର୍ଗଦର୍ଶନ ପାଇବେ ବୋଲି ସୂଚନା ଦେଇଛନ୍ତି ଶ୍ରୀମତୀ ନନ୍ଦ। ଏହି କର୍ମଶାଳାରେ ୧୬୪ ଜଣ ଅଂଶଗ୍ରହଣ କରିଛନ୍ତି, ଯେଉଁଥିରେ ପିଏମ-ଶ୍ରୀ ବିଦ୍ୟାଳୟର ୫୯ ଜଣ ଅଧକ୍ଷ, ବିଭିନ୍ନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦ ଜଣ ସ୍ନାତକୋତର ଶିକ୍ଷକ ବା ପିଜିଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩୦ ଜଣ ସ୍ନାତକୋତର ଶିକ୍ଷକ ବା ପିଜିଟି ଭାଗ ନେଇଥିବା ବେଳେ ଓଡ଼ିଆପ୍ରେନ୍ୟୁର ୧.୦ ଏବଂ ୨.୦ ରେ କୃତିତ୍ୱ ହାସିଲ କରିଥିବା ୧୫ ଜଣ ଛାତ୍ରଛାତ୍ରୀ ମଧ୍ୟ ଏହି କର୍ମଶାଳାରେ ଭାଗ ନେଇଛନ୍ତି। କର୍ମଶାଳାର ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ରଘୁରାମ୍ ଆର୍ ଆୟର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ସ୍ମିତା ରାଉତ, କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ର ଆସିସଟାଂଟ ଇନୋଭେସନ୍ ନିର୍ଦ୍ଦେଶକ ଡ. ଏଲାନଗୋଭନ୍ କାରିଆପ୍ପାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ ଡ଼ ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଆୟର୍ ଓଡ଼ିଶା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅପାର ସମ୍ଭାବନା ସମ୍ପର୍କରେ ସୂଚନା ଦେଇ ଓଡ଼ିଆ ପ୍ରେନ୍ୟୁର ୧.୦ ଏବଂ ୨.୦ର ସଫଳତା ବିଷୟରେ ସୂଚିତ କରିଥିଲେ।

# ରାଜ୍ୟରେ ନିଶା କାରବାର

ନିଶା କାରବାର ସହ ରାଜ୍ୟରେ ଅପରାଧ ମଧ୍ୟ ବଢ଼ିଚାଲିଛି। କିଛି ଦିନ ତଳେ ରାଜଧାନୀ ଭୁବନେଶ୍ୱରର ରାଜରାସ୍ତାରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବାଇକରେ ଯାଉିବା ଜଣେ ବ୍ୟକ୍ତିଙ୍କୁ ତିନିଜଣ ଦୁର୍ବୃତ୍ତ ଆକସ୍ମିକ ଭାବେ ପଛରୁ ଆସି ଆକ୍ରମଣ କରଇଥିଲେ। ବାଇକରେ ଆସିଥିବା ଏହି ଦୁର୍ବୃତ୍ତମାନଙ୍କ ଖଣ୍ଡାଚୋଟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇ ଯାଇଥିଲା ଏବଂ ଘଟଣାସ୍ଥଳରେ ସେ ପ୍ରାଣ ହରାଇଥିଲେ। ମୃତକ ଜଣକ ପୋଲିସ ପାଇଁ କାମ କରୁଥିଲେ ବା ସିଭିଲ ପୋଲିସ ଥିଲେ। ହତ୍ୟାକାରୀଙ୍କ ମଧ୍ୟରେ ଜଣେ ମହିଳା ଥିଲେ ଯିଏ କି ସମଗ୍ର ଘଟଣାର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। କିଛି ଦିନ ଫେରାର ରହିବା ପରେ ସେ ଏବେ ପୋଲିସ ନିକଟରେ ଆତ୍ମସର୍ପଣ କରିଛି ଏବଂ ପୋଲିସ ତାକୁ ଗିରଫ କରିଛି। ସେହି ମହିଳା ବା ଯୁବତୀ ଜଣକ ଅଳ୍ପ ଦିନ ତଳେ ଜେଲରୁ ଜାମିନରେ ବାହାରିଥିଲେ। ଜେଲରୁ ବାହାରିବାର ୫ ଦିନ ଭିତରେ ସେ ଏହି ହତ୍ୟାଣ୍ଡ ଘଟାଇଥିଲେ। ନିଶା କାରବାର ଅଭିଯୋଗରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଯାହା ସୂଚନା ମିଳିଛି ଏବଂ ମୃତକଙ୍କ ପତ୍ନୀ ଯାହା କହିଛନ୍ତି ତାଙ୍କ ସ୍ୱାମୀ ସହଦେବଙ୍କୁ ଜୀବନରେ ମାରିଦେବା ପାଇଁ କୁଆଡ଼େ ମୋବାଇଲରେ ଧମକ ଆସୁଥିଲା। ଏ ସମ୍ପର୍କରେ ସହଦେବ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ତାଙ୍କୁ ଅଭୟବାଣୀ ପ୍ରଦାନ କରିଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ପୋଲିସ ତାଙ୍କୁ ସୁରକ୍ଷା ଦେଇପାରିଲା ନାହିଁ ଏବଂ ଅତି ଅସହାୟ ଭାବେ ରାସ୍ତାରେ ପଡ଼ି ସହଦେବଙ୍କ ଜୀବନ ଗଲା। ଏହି ହୃଦୟବିଦାରକ ଘଟଣା ସବୁଠି ଚର୍ଚ୍ଚାର ବିଷୟ ହୋଇଛି। କୁହାଯାଉଛି ଯେ, ହତ୍ୟାକାରୀ ସମ୍ପୃକ୍ତ ଯୁବତୀଙ୍କ ଘରୁ ବ୍ରାଉନସୁଗର ବାହାରିଥିଲା। ଏ ସମ୍ପର୍କରେ ସହଦେବ କୁଆଡ଼େ ପୋଲିସକୁ ସୂଚନା ଦେଇଥିଲେ। ଯୁବତୀଙ୍କୁ ପୋଲିସର ଗିରଫ ପଛରେ ସହଦେବଙ୍କ ହାତ ରହିଛି ବୋଲି ସେ ଭାବି ନେଇଥିଲା ଏବଂ ଏହାର ପ୍ରତିଶୋଧ ନେବାକୁ ଏଭଳି ଜଘନ୍ୟ ହତ୍ୟା କରିଛି। ରାଜଧାନୀରେ ପ୍ରବାସୀ ଭାରତୀୟ ସମ୍ମିଳନୀ ଚାଲିଥିବା ବେଳେ ଏବଂ ସମଗ୍ର ରାଜଧାନୀ ଏକ ପ୍ରକାର ସୁରକ୍ଷା ବଳୟ ମଧ୍ୟରେ ରହିଥିବା ବେଳେ ସକାଳେ ରାଜଧାନୀର ଏକ ମୁଖ୍ୟ ରାସ୍ତାରେ ନିଶା ମାଫିଆମାନେ ଜଣେ ନିରପରାଧ ବ୍ୟକ୍ତିଙ୍କୁ ହତ୍ୟା କରିବା ଆମ ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସଭ୍ୟ ସମାଜରେ ଏହା ଗ୍ରହଣୀୟ ନୁହେଁ। ଏଭଳି ଘଟଣାରେ ଅଭିଯୁକ୍ତଙ୍କ ପ୍ରତି କଠୋର ଦଣ୍ଡବିଧାନ ହେବା ଉଚିତ। ଦଣ୍ଡ ବ୍ୟବସ୍ଥାରେ ତ୍ରୁଟି ବା କୋହଳତା ପାଇଁ ଆଜି ଦେଶରେ ଏଭଳି ଅପରାଧ ସଂଖ୍ୟା ବଢ଼ିଚାଲିଛି। ଏଭଳି ଏକ ହତ୍ୟାକାଣ୍ଡ ବିରଳରୁ ବିରଳତର ଏବଂ ଅତ୍ୟନ୍ତ ଅମାନୁଷିକ ବୋଲି କୁହାଯାଇପାରେ। ତେଣୁ ଆଇନ ଅନୁଯାୟୀ ହତ୍ୟାକାରୀଙ୍କୁ ଫାଶୀ ହେବା ଉଚିତ। କିନ୍ତୁ ଏଭଳି ଦଣ୍ଡ ବିଧାନ ସମ୍ଭାବନା କ୍ଷୀଣ। ଆଇନର ଫାଙ୍କ ଦେଇ ଅପରାଧୀମାନେ ଖସିଯାଉଛନ୍ତି। ଆମ ଆଇନ ବ୍ୟବସ୍ଥା ମଧ୍ୟ ସେହିପରି। ହଜାରେ ଦୋଷୀ ପଛେ ଖସି ଯାଆନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଷ ଦଣ୍ଡ ନପାଉ ଏହା ଆମ ଆଇନର ମୂଳଭିତ୍ତି। ତେଣୁ ତଥ୍ୟ ପ୍ରମାଣରେ ସାମାନ୍ୟତମ ସନ୍ଦେହ ସୃଷ୍ଟି ହେଲେ କୋର୍ଟ ଅପରାଧୀଙ୍କୁ ବେନିଫିଟ ଅଫ ଡାଉଟରେ ଛାଡ଼ି ଦେଉଛନ୍ତି। ଏଠାରେ ତଦନ୍ତକାରୀ ପୋଲିସର ଦାୟିତ୍ୱ ସର୍ବାଧିକ। ତଦନ୍ତକାରୀ ଅଫିସର ଏହି ମାମଲାରେ ଏଭଳି ଠୋସ ପ୍ରମାଣ ଉପସ୍ଥାପନ କରିବା ଉଚିତ ଏବଂ ସରକାରୀ ଓକିଲ କୋର୍ଟରେ ଏଭରି ଦୃଢ଼ତାର ସହ ଯୁକ୍ତି ଉପସ୍ଥାପନ କରିବା ଉଚିତ ଯେପରିକି ଅପରାଧୀ ଆଇନ ଆଖିରେ ଧୂଳି ଦେଇ ଖସିପାରିବ ନାହିଁ। ସହଦେବ ହତ୍ୟା ମାମଲାରେ ସବୁଠାରୁ ବଡ଼ ପ୍ରସଙ୍ଗ ହେଲା ନିଶା କାରବାର। ରାଜ୍ୟରେ ଚୋରା ନିଶା କାରବାର ଏତେ ବଢ଼ିଯାଇଛି ଯେ ଏହା ଆମ ସାମାଜିକ ବ୍ୟବସ୍ଥାକୁ ଗୁରୁତର ପ୍ରଭାବିତ କରୁଛି। ଅନେକ ଯୁବକ ନିଶା କବଳରେ ପଡ଼ି ନିଜ ଜୀବନକୁ ବରବାଦ କରୁଛନ୍ତି। ସେମାନେ ସମାଜ ଏବଂ ନିଜ ପରିବାର ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛନ୍ତି। ଏହା ପଛରେ ଅନେକ ବ୍ୟକ୍ତି ରହିଛନ୍ତି। ପୁରା ରାକେଟ ଏଥିରେ ସମ୍ପୃକ୍ତ। ଏହାକୁ ସମୂଳେ ବିନାଶ କରିବାକୁ ହେବ। ଯୁବ ଗୋଷ୍ଠୀକୁ ନି କବଳରୁ ମୁକ୍ତ ନକଲେ ଦେଶର ଭବିଷ୍ୟତ ଅନ୍ଧକାର ହୋଇଯିବ। ଏଥିଲାଗି ଚୀନ ଭଳି କଠୋର ଆଇନର ଆବଶ୍ୟକତା ରହିଛି। ନଚେତ ନିଶାକାରବାର ଏବଂ ଅପରାଧକୁ ରୋକାଯାଇପାରିବ ନାହିଁ।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

“ ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ। ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି ।

॥ ଅଲେଖ ଚନ୍ଦ୍ର ସାମଲ ॥

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ । କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ । ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ । ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି । ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ । ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ । ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ । ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ । ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି । ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି । ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି । ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ । ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଳ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି । ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ । ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ । ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ । ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ । ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ । ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ । ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ । ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି । ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି । ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ କଟକଣା ଜାରି କରାଯାଇଛି । ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ ରହିଛି । ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ। ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି । ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି । ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି । ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ । ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।

ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ଏକ ଐଶୀକଳା ସଂପନ୍ନ ବରପୁତ୍ର

॥ ଫଜଲ ହକ ଖାନ୍ ॥

କାଳରେ ଧର୍ମର ଗ୍ଳାନି ଘଟିବ । କଳକୀ ଅବତାର ଆସିବେ । ରାମରାଜ୍ୟ ପ୍ରତିଷ୍ଠା ହେବ । ଅଶାନ୍ତ ଜଗତକୁ ଶାନ୍ତିର ବାର୍ତ୍ତାବହ ଆସି ଶାନ୍ତି ସ୍ଥାପନା ଦିଗରେ ଉନ୍ନତି ମୂଳକ କାର୍ଯ୍ୟ କରିବେ । ବିଶ୍ୱ ଶାନ୍ତି, ବିଶ୍ୱ ଭ୍ରାତୃଭାବ ସୃଷ୍ଟି କରାଯିବ । ବସୁଧୈବ କୁଟୁମ୍ବକମର ସୁନ୍ଦର ବାତାବରଣ ମଧ୍ୟରେ ଜନଜୀବନ ନିର୍ଭୟରେ ଶ୍ୱାସ ପ୍ରଶ୍ୱାସ ନେଇପାରିବେ। ଏହିପରି ପ୍ରାୟ ସବୁ ଧର୍ମଗ୍ରନ୍ଥରେ ଉଲ୍ଲେଖ ଓ ଭବିଷ୍ୟତ ବାଣୀ ରହିଛି । ଧର୍ମ ସର୍ବଦା ସଂସ୍କାର, ସେବା, ତ୍ୟାଗ, ସହଯୋଗ ଏବଂ ଶିଷ୍ଟାଚାର ଶିଖାଇଥାଏ । ମନୁଷ୍ୟ ମାତ୍ର ଦୁଇଜାତି। ପୁରୁଷ ଏବଂ ସ୍ତ୍ରୀ । ବାକି ଅନ୍ୟ ସବୁ ଗୋଷ୍ଠୀ ବା ସଂପ୍ରଦାୟ କେବଳ ଜଣେ ଅନ୍ୟକୁ ପରିଚୟ ଦେବାର ମାଧ୍ୟମ ଅଟେ ।

ଇସଲାମ ଧର୍ମ ଆଦିଧର୍ମ । ଇସଲାମ ଧର୍ମର ପ୍ରକୃତ ମର୍ମହେଲା, ଶାନ୍ତି, ସ୍ନେହ, ସୌହାର୍ଦ୍ଦ୍ୟ, ସହାନୁଭୂତି, ସଦ୍‌ଭାବନା, ସହିଷ୍ଣୁତା, ସମ୍ବେଦନଶୀଳତା, ସହଯୋଗିତା, ସମନ୍ୱୟତା, ସଂଯମତା, ସରଳତା ଏବଂ ସତ୍ୟତା । ମହାମହିମ ଅବତାର ହଜରତ ମୁହମ୍ମଦ ସଲ୍ଲମ କରୁଣାର ସାଗର ହୋଇ ସମଗ୍ର ସଂସାର ପାଇଁ ଆସିଥିଲେ । ତାଙ୍କ ଭବିଷ୍ୟତବାଣୀ ଅନୁଯାୟୀ ତାଙ୍କ ଦାସତ୍ୱରେ ୧୪୦୦ ଶହ ବର୍ଷ ପରେ ୧୮୩୫ ମସିହାରେ ପ୍ରତିଶ୍ରୁତ ମସିହ ଓ ମେହେଦୀ ମିର୍ଜା ଗୁଲାମ ଅହମଦ ଜନ୍ମ ନେଇ, ଇସଲାମ ଧର୍ମରେ ଦେଖାଯାଉଥିବା କଳୁଷିତକୁ ଦୂର କରିଥିଲେ । ତଥା ଇସଲାମ ଧର୍ମକୁ ପୁନଃର୍ଜୀବିତ କରିଥିଲେ। ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ପ୍ରତିଷ୍ଠିତ ସଂପ୍ରଦାୟକୁ ଅହମଦୀୟା ମୁସଲିମ ସଂପ୍ରଦାୟ କୁହାଯାଏ । ଅହମଦୀୟା ମୁସଲିମ ସଂପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ରଖିବା । ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା । ତଥା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ କରିବା । ହଜରତ ଅହମଦଙ୍କ କାର୍ଯ୍ୟକଳାପ ପରେ ତାଙ୍କର ପାରମ୍ପରିକ କାର୍ଯ୍ୟକୁ ଏପରି ଏକ ଦକ୍ଷ ବର ପୁତ୍ର ଜନ୍ମନେଇ, ସେହି କାର୍ଯ୍ୟଭାରକୁ ତ୍ୱରାନ୍ୱିତ କରିବାର ଭବିଷ୍ୟତବାଣୀ ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିପିବଦ୍ଧ ରହିଛି। ଯଦ୍ଦ୍ୱାରା ଇସଲାମର ଶାନ୍ତି ପୂର୍ଣ୍ଣ ବାର୍ତ୍ତା ସମଗ୍ର ସଂସାରରେ ପ୍ରସାର ଲାଭ କରିବ । ସୁତରାଂ ୨୦ ଫେବୃଆରୀ ୧୮୮୬ ମସିହାରେ ସେହି ଐଶୀବାଣୀ ଅନୁସାରେ ସର୍ବ ବ୍ୟାପକ, ସର୍ବଶକ୍ତିମାନ, ଦୟା ଓ ସଦା କରୁଣାମୟ ସର୍ବ ଅଧୀଶ୍ୱର ଅଲ୍ଲାଃ ହଜରତ ମିର୍ଜା ଅହମଦଙ୍କୁ ସମ୍ବୋଧିତ କରି କହିଛନ୍ତି;

“ମୁଁ ତୁମ୍ଭଙ୍କୁ ଏକ କରୁଣାର ଚିହ୍ନ ପ୍ରଦାନ କରୁଛି, ଯେଉଁ ରୂପେ ତୁମେ ମୋତେ ମାଗିଥିଲ, ଅତଏବ ମୁଁ ତୁମ୍ଭର ସେହି ଗୁହାରି ଶୁଣିଲି ଏବଂ ତୁମ୍ଭ ପ୍ରାର୍ଥନାକୁ ଅପାର ଦୟାପୂର୍ବକ ଅନୁଗ୍ରହୀତାର ସ୍ଥାନ ଦେଲି । ଅତଏବ ଦିବ୍ୟଶକ୍ତି, ଅନୁଗ୍ରହ ଓ ଐଶ୍ୱରିକ ସାନିଧ୍ୟର ଚିହ୍ନ ତୁମଠାରେ ପ୍ରକଟନ କରାଯାଉଛି। ହେ ତ୍ରିକାଳଜୟୀ (ତ୍ରିଭୁବନ ବିଜୟୀ) ମହାପୁରୁଷ! ତୁମେ ଧନ୍ୟ। ତୁମ୍ଭ ପ୍ରତି ଶାନ୍ତି ବର୍ଷଣ ହେଉ ଯେ ଜୀବନକୁ ଭଲ ପାଆନ୍ତୁ, ଈଶ୍ୱର ଏହା ବ୍ୟକ୍ତ କରି ତାଙ୍କୁ ମୃତ୍ୟୁର ଫାଶରୁ ମୁକ୍ତ କରନ୍ତି ।

ସୁତରାଂ ତୁମକୁ ଶୁଭ ସୂଚନା ଦିଆଯାଇଛି କି ଏକ ପବିତ୍ର ଓ ଐଶୀକଳା ସଂପନ୍ନ ବରପୁତ୍ର ତୁମକୁ ପ୍ରଦାନ କରାଯିବ। ଜଣେ ଅନୁରକ୍ତ ଦାସ (ପୁତ୍ର ସନ୍ତାନ) ତୁମ୍ଭଙ୍କୁ ପ୍ରାପ୍ତ ହେବ। ସେହି ପୁତ୍ର ତୁମରି ଔରସରୁ ତୁମ କୂଳରକ୍ଷକ ବଂଶଧର ବୋଲାଇବ। ସେ ତୁମର ଅତିଥି-ଏକ ସୁନ୍ଦର ସୁଢ଼ଳ ଅମୃତ ସନ୍ତାନ ତୁମ ଗୃହକୁ ଆସୁଛନ୍ତି। ତାହାର ନାମ ଦୁର୍ଲ୍ଲଭ, ଯଶସ୍ୱୀ ଓ ବଶୀର (ସୁ-ସମାଚାର ପ୍ରାପ୍ତ) ମଧ୍ୟ ଅଟେ। ତାହାକୁ ପୂଣ୍ୟାତ୍ମା ଦିଆଯାଇଛି। ସେ ପରମବ୍ରହ୍ମ ପରମେଶ୍ୱର ଆଲ୍ଲାଃଙ୍କ ପରମ ଜ୍ୟୋତି। ସେ ଅଭିନ୍ନନୀୟ ଯେ ସ୍ୱର୍ଗପୁରରୁ ଆସୁଛନ୍ତି। ତାଙ୍କରି ଆଗମନ ସହିତ କରୁଣା ନିହିତ। ସେ ଅତ୍ୟନ୍ତ ଗରିମାମୟ, ଅପାର ସମ୍ପଦର ଅଧିକାରୀ। ସେ ଧରାପୃଷ୍ଠକୁ ଆସିବ ଏବଂ ମସିହା ପ୍ରାଣ ଓ ସତ୍ୟତାର ଆତ୍ମାରେ ସମୃଦ୍ଧିଶାଳୀ ହୋଇ ବହୁ ଦୁରାତ୍ମା ବ୍ୟାଧିକୁ ବିଶୋଧନ କରିବ। ସେ ଈଶ୍ୱରଙ୍କ ବାକ୍ୟ; କାରଣ ଈଶ୍ୱରଙ୍କ ପ୍ରେମ ଓ ଦୟାରେ ବିଭୂଷିତ ସେହି ଦେବପୁରୁଷଙ୍କୁ ଦିବ୍ୟ ବାକ୍ୟର ବ୍ୟାପକ ସମ୍ଭାର ସହିତ ପ୍ରେରଣ କରାଯାଇଛି। ସେ ଅତି ବିଚକ୍ଷଣ ବୁଦ୍ଧି, ବିଦ୍ୟା ଓ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ହେବ। ତାଙ୍କ ହୃଦୟ ଉଦାରପୂର୍ଣ୍ଣ ଏବଂ ତାଙ୍କୁ ପ୍ରକାଶ୍ୟ ଓ ଗୁପ୍ତ ଜ୍ଞାନରେ ପରିପୂର୍ଣ୍ଣ କରାଯିବ। ସେ ଶୀଘ୍ର ଶୀଘ୍ର ବଢ଼ିବାରେ ଲାଗିବ ଏବଂ ଦଳିତ ନିଷ୍ପେସିତ ଜନଙ୍କ ସହାୟକ ଓ ତ୍ରାଣକର୍ତ୍ତାର ପରିଚୟକ ହେବ ଏବଂ ସେ ପୃଥିବୀର କୋଣେ କୋଣେ ସୁଖ୍ୟାତି ଅର୍ଜନ କରିବ ଏବଂ ସମସ୍ତ ଜାତି ତାହାଙ୍କ ଠାରୁ ଆଶିଷ ଲାଭ କରିବେ।’’

ଏହି ଭବିଷ୍ୟତବାଣୀ ଅନୁଯାୟୀ ୧୨ ଜାନୁଆରୀ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଙ୍କ ଘରେ ଏକ ମହାନ ପୁତ୍ର ସନ୍ତାନ ଜନ୍ମଗ୍ରହଣ କରିଥିଲେ। ଯାହାଙ୍କ ନାମ ବଶିରୁଦ୍ଦିନ ମହମୁଦ ଅହମଦ । ଯାହାଙ୍କୁ ଅହମଦୀୟା ମୁସଲିମ ସମାଜରେ ମୁସଲେଃ ମଉଦ(ଅଙ୍ଗୀକୃତ ସଂସ୍କାରକ)ବୋଲି କୁହାଯାଏ । ଆପଣ ଐଶୀଶକ୍ତି ବଳରୁ ସାଂସାରିକ ଓ ଆଧାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିଲେ।

୧୯୦୮ ମସିହାରେ ଯେତେବେଳେ ତାଙ୍କ ପିତୃ ମିର୍ଜା ଗୁଲାମ ଅହମଦ ମସିହ ଓ ମେହେଦୀଅ.ସଙ୍କ ଦେହାନ୍ତ ହେଲା, ସେତେବେଳେ ବିରୋଧୀମାନଙ୍କ ପରିହାସ ଓ ତାଚ୍ଛଲ୍ୟପୂର୍ଣ୍ଣ ଉଲ୍ଲାସକୁ ଦେଖି ଆପଣ ପିତାଙ୍କ ମୃତ ଶଯ୍ୟାଧାର ନିକଟରେ ଛିଡ଼ା ହୋଇ ଶପଥ କରିଥିଲେ ଯେ,‘ଯଦି ସଂସାରବାସୀ ସମସ୍ତେ ମୋ ଠାରୁ ଦୂରେଇ ଯାଆନ୍ତି ଓ ମୁଁ ଏକାକି ରହିଯାଏ, ତେବେ ମୁଁ ଏକା ହିଁ ସାରା ଦୁନିଆର ମୁକାବିଲା କରିବି ଏବଂ କୌଣସି ବିରୋଧୀ ଓ ଶତ୍ରୁଙ୍କୁ ଭ୍ରୂକ୍ଷେପ କରିବି ନାହିଁ। ଆପଣ ନିଜର ଏହି ଶପଥକୁ ଅତି ଉତମ ରୂପେ ପାଳନ କରି ଇସଲାମର ଶାନ୍ତିପୂର୍ଣ୍ଣ ବାର୍ତ୍ତାକୁ କାହାରି ପ୍ରତି ଭୟ ନକରି ସାରା ଜୀବନ ଉକ୍ତ ଉତମ କାର୍ଯ୍ୟ ସମ୍ପାଦନରେ କଟାଇ ଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଆପଣଙ୍କ ମହାନ କୀର୍ତିମାନରୁ ସ୍ପଷ୍ଟ ଅନୁମେୟ। ତାଙ୍କର ସଂପୂର୍ଣ୍ଣ ଚେଷ୍ଟା ଫଳରେ ବାସ୍ତବିକ ଇସଲାମ ଧର୍ମ ଅହମଦୀୟା ମୁସଲିମ ସମାଜ ସଂସାରର ଶେଷ ସୀମା ପର୍ଯ୍ୟନ୍ତ ପହଂଚିପାରିଛି । ତଥା ବିଶ୍ୱର ୨୧୪ ଗୋଟି ରାଷ୍ଟ୍ରରେ ପରିବ୍ୟାପ୍ତ । ଏହି ଅହମଦୀୟା ମୁସଲିମ ସଂପ୍ରଦାୟର ବର୍ତମାନ ଆଧାତ୍ମିକ ଧର୍ମଗୁରୁ ହଜରତ ମିର୍ଜା ମସରୁର ଅହମଦ ଅହମଦୀୟା ମୁସଲିମ ସମାଜର ୫ମ ଖଲିଫା ରୂପେ ଲଣ୍ଡନ ଠାରେ ଅଧିଷ୍ଠିତ ହୋଇ ମାନବକଲ୍ୟାଣ,ଜନସେବା ତଥା ବିଶ୍ୱଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଐକ୍ୟବଦ୍ଧ ହୋଇ ସର୍ବରାଷ୍ଟର ରାଷ୍ଟ୍ରପତି, ଶାସକ, ରାଜା, ମହାରାଜା ଏବଂ ବହୁତ ବୁଦ୍ଧିଜୀବିମାନଙ୍କୁ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଆହ୍ୱାନ ଦେଇ ଚାଲିଛନ୍ତି ।

ଆସନ୍ତୁ ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି,ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା । ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା । ଏବଂ ଦେଶଦ୍ରୋହୀ, ଧର୍ମଦ୍ରୋହୀ ଶନ୍ତ୍ରାସବାଦମାନଙ୍କର ତାଣ୍ଡବଲୀଳାକୁ ଦମନ କରିବା। ସର୍ବେଭବନ୍ତୁ ସୁଖିନଃର ସହର ବସାଇବା। ଏହା ହିଁ ଆମର କାମନା ।

ୟୁନିଟ-୪, ଭୁବନେଶ୍ୱର
ଯୋଗାଯୋଗ:୯୬୯୨୨୫୦୫୭

# ଆମେ ଓ ଆମ ପରିବେଶର ପଶୁପକ୍ଷୀ

॥ ବିପିନ ବିହାରୀ ମହାନ୍ତି ॥

ବିଶ୍ୱର ଜନସଂଖ୍ୟା ବୃଦ୍ଧି ସନ୍ତୁଳିତ ପୃଥିବୀକୁ ଅସନ୍ତୁଳିତ କରିବା ଓ ବିଶ୍ୱ ପ୍ରଦୂଷଣ ବଢ଼ାଇବାର ମୁଖ୍ୟ କାରଣ । ଜନସଂଖ୍ୟା ଚାପ କାରଣରୁ ବିଶ୍ୱର ଖାଦ୍ୟ, ବାସସ୍ଥାନ, ଶିକ୍ଷା, ସ୍ୱାସ୍ଥ୍ୟ, କର୍ମ ସଂସ୍ଥାନ, ପରିବହନ, ଯୋଗାଯୋଗ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସୃଷ୍ଟି ହେବା ସହିତ ବିଭିନ୍ନ ପ୍ରତିଯୋଗୀତାମୂଳକ କାରଣରୁ ସନ୍ଦେହ ଓ ଅହଂକାର ହେତୁ ବିଶ୍ୱ ଏବେ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଆଗେଇ ଚାଲିଛି । ଏହି ପରିପ୍ରେକ୍ଷୀରେ ମଣିଷ ଯେ ଖାଲି ଏକା ଶିକାର ହେଉଛି ବା ହେବ, ତାହା ନୁହେଁ ଏ ପ୍ରକୃତି ବା ପରିବେଶ ମଧ୍ୟରେ ବସବାସ କରୁଥିବା ସମସ୍ତ ଜୀବକୁଳ ଯଥା ଉଦ୍ଭିଦ ଓ ପଶୁପକ୍ଷୀ ତାର ଶୀକାର ହେଉଛନ୍ତି ଏବଂ ହେବେ । କହିବା ବାହୁଲ୍ୟ ଯେ ସୃଷ୍ଟିର ଆରମ୍ଭରୁ ଏ ଧରିତ୍ରୀରେ କେବଳ ମଣିଷର ସଂଖ୍ୟା ସବୁଠୁ କମ୍ ଥିଲା । ଏ ପରିବେଶ ଉଦ୍ଭିଦ ଓ ପଶୁପକ୍ଷୀ ଦ୍ୱାରା ଭରପୁର ଥିଲା । ଏହିପରି ପରିବେଶ ମଧ୍ୟରେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ଥିଲା ଗୋଟିଏ ପଶୁ ।ସମୟକ୍ରମେ ଭୌଗୋଳିକ ବା ଜଳବାୟୁ ପରିବର୍ତ୍ତନ କାରଣରୁ ଅନେକ ଜୀବ ଏ ପୃଥିବୀରୁ ନିଶ୍ଚିହ୍ନ ହୋଇଗଲେଣି । ଜନସଂଖ୍ୟାର ଆବଶ୍ୟକତାକୁ ମେଂଟାଇବାକୁ ଯାଇ ପରିବେଶର ଅନେକ ଜଙ୍ଗଲ ଧ୍ୱଂସ ହୋଇଗଲାଣି, ପଶୁପକ୍ଷୀମାନେ ବାସସ୍ଥାନ ଅଭାବରୁ ଏବଂ ମଣିଷର ଶୀକାର ହେତୁ ଲୋପ ହୋଇଗଲେଣି ଏବଂ ଅନେକ କିଛି ବିଲୁପ୍ତ ପ୍ରାୟ ।

ଏ ସବୁଥି ପାଇଁ ମଣିଷ ଦାୟୀ । ତାର କିରିତ କର୍ମ ପାଇଁ ଏ ପୃଥିବୀ ଓ ତା’ର ଅନ୍ତେଃବାସୀ ଏବେ ଧ୍ୱଂସ ବା ବିଲୁପ୍ତ ମୁଖୀ। ପ୍ରତିଟି ସଜୀବ ଓ ନିର୍ଜୀବ ବିଶେଷ ଏ ପ୍ରକୃତି ଓ ପରିବେଶରେ ଗୋଟିଏ ଗୋଟିଏ ଅମୂଲ୍ୟ ଅଂଶ। ନିର୍ଜୀବଟିର ଯେମିତି ତିଷ୍ଠିବାର ଅଧିକାର ଅଛି ସେମିତି ପ୍ରତିଟି ଜୀବବିଶେଷଙ୍କର ବଂଚିବାର ଅଧିକାର ଅଛି । ଏ ସୁନ୍ଦର ବିଶ୍ୱର ପ୍ରତ୍ୟେକ ଗୋଟିଏ ଗୋଟିଏ ବିଚିତ୍ର ଏବଂ ସୌନ୍ଦର୍ଯ୍ୟ ସୃଷ୍ଟି । ପୃଥିବୀ ତା’ର ପ୍ରାକୃତିକ ନିୟମଚୟରେ ଏସବୁର ସନ୍ତୁଳନ ରଖିଥିଲା ଅଥଚ ଆମେ କରୁଛୁ କ’ଣ ? ମଣିଷ ସ୍ୱାର୍ଥ ପାଇଁ କରୁଛି କ’ଣ ? ସ୍ୱାର୍ଥ ହିଁ ସବୁ ଅନର୍ଥର କାରଣ। ଏକଥା ସେ ବୁଝିବା ଉଚିତ୍। ବିବେକ ଲଗାଇ ବିଚାର କରିବା ଉଚିତ୍ ଯେ ତା ପାଇଁ କ’ଣ କରଣୀୟ ବା କଣ ବର୍ଜନୀୟ ।ସଂକ୍ଷେପରେ ଏନେଇ ଏତିକି କୁହାଯାଇପାରେ ଯେ ମଣିଷ ନିଜକୁ ବଂଚାଇଲା ପରି ସେ ତା’ ପରିବେଶରେ ଥିବା ସମସ୍ତ ଜୀବ, ବିଶେଷ କରି ଜଙ୍ଗଲ ଓ ପଶୁପକ୍ଷୀଙ୍କ ପ୍ରତି ଧ୍ୟାନ ଦେବା ଉଚିତ୍ । ଧାର୍ମିକ ମତରେ ବୃକ୍ଷଛେଦନ ଓ ଜୀବହତ୍ୟା ମହାପାପ। ସେମିତି ବୃକ୍ଷରୋପଣ ଓ ପଶୁପକ୍ଷୀଙ୍କୁ ଆଶ୍ରୟ ପ୍ରଦାନ ମହାପୁଣ୍ୟ। ବୈଜ୍ଞାନିକ ମତରେ ପରିବେଶ ସନ୍ତୁଳନ ଓ ଜୀବର ସୁରକ୍ଷା ନିମନ୍ତେ ଏସବୁର ସଂରକ୍ଷଣର ଆବଶ୍ୟକତା ଅଛି । ପୃଥିବୀର ଏମିତି ସୃଷ୍ଟି ନାହିଁ ଯାହାର ମଣିଷ ବା ଆଉ କାହା ପ୍ରତି ଆବଶ୍ୟକତା ନାହିଁ । ଏଠି ବିଷଧର ସାପ ବା ମଶାଟିର ବି ଗୁରୁତ୍ୱ ଅଛି । କୌଣସି ସୃଷ୍ଟି ଅପକାର ବା ଉପକାର ରହିତ ନୁହଁନ୍ତି। ସମସ୍ତେ ବ୍ୟବହାରକୁ ନେଇ ଫଳାଫଳ ଦିଅନ୍ତି ।ଜୀବେ ଦୟା ଧର୍ମ। ପ୍ରତ୍ୟେକ ଧର୍ମଶାସ୍ତ୍ର ଏହା କୁହେ। ସେମାନଙ୍କ ପ୍ରତି କରୁଣା ଓ ସହାନୁଭୂତି ପ୍ରଦର୍ଶନ ଆମର କର୍ତବ୍ୟ । ଆମଠୁ ସେମାନେ ବଂଚିବାର ଅଧିକାର ଦାବି କରନ୍ତି। ଖାଦ୍ୟ ଶୃଙ୍ଖଳରେ କିଏ କାହାର ଖାଦ୍ୟ ହେଲେ ହେଁ, ସମସ୍ତେ ଆମ ଦ୍ୱାରା ଲାଳିତ ଓ ପାଳିତ ହେବାର ଅଛି; ତାଙ୍କ ବଂଶ ବଢ଼ାଇବାର ସହଯୋଗ କରିବାର ଅଛି। ଆମ ପରି ଏ ପରିବେଶରେ ପଶୁପକ୍ଷୀମାନେ ବଂଚନ୍ତୁ। ଏହି କଥା ସୂଚାଇ ଦେବା ଏବଂ ଏହାର ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୪ ଅକ୍ଟୋବରକୁ ବିଶ୍ୱ ପଶୁପକ୍ଷୀ ଦିବସ ରୂପେ ପାଳନ କରାଯାଏ । ଏହି ଦିବସଟି ପ୍ରଥମେ ୧୯୩୧ ମସିହାରେ ପରିବେଶ ବିଜ୍ଞାନୀମାନେ ଏକ ବୈଠକରେ ଆରମ୍ଭ କରିଥିଲେ। ଏହି ଦିବସରେ ବିଶ୍ୱବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଏ। ଆର୍ଜେଂଟିନାରେ ଏହି ଦିବସଟି ଏପ୍ରିଲ ମାସ ୨୯ ତାରିଖରେ ପାଳିତ ହୁଏ।

ପ୍ରକୃତି, ପରିବେଶ ତଥା ଏଥିରେ ବସବାସ କରୁଥିବା ଜୀବଜନ୍ତୁଙ୍କ ଜଣେ ଅନନ୍ୟ ପୂଜାରୀ ଫ୍ରାନ୍‌ସିସ୍ ଅଫ୍ ଆସିସିଙ୍କ ସ୍ମୃତି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ବିଶ୍ୱ ପଶୁଦିବସ ରୂପେ ପାଳନ କରାଯାଉଅଛି । ଏହିଦିନର ନିକଟତମ ରବିବାରରେ ବିଶ୍ୱରେ ଥିବା ସମସ୍ତ ଗୀର୍ଜାରେ ପଶୁପକ୍ଷୀଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ସଭା ଆୟୋଜିତ ହୋଇଥାଏ । ଫ୍ରାନ୍‌ସିସ୍ ଖ୍ରୀଷ୍ଟିଆନ୍ ଥିବାରୁ ଏହା ଚାଲିଥିଲା । ଏବେ ଏହା ଆଉ ଖ୍ରୀଷ୍ଟିଆନ୍ ଉତ୍ସବ ନହୋଇ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହାକୁ ପାଳନ କରନ୍ତି। ଏଥିପାଇଁ ୱାଇଲଡ ଲାଇଫ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ତରଫରୁ ବିଭିନ୍ନ ସ୍କୁଲ କଲେଜ ଓ ଅନ୍ୟାନ୍ୟ ସ୍ଥାନରେ ସଚେତନଧର୍ମୀ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥାଏ । ଏତଦ୍‌ବ୍ୟତୀତ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ କିମ୍ବା କର୍ମୀମାନେ ଆନିମଲ ଚାରିଟି ବା ବଦାନ୍ୟ ପଶୁ ଅନୁଷ୍ଠାନ ଯେମିତି ଗୋଶାଳା ଇତ୍ୟାଦିଙ୍କୁ ସ୍ୱଇଚ୍ଛାରେ ଅର୍ଥ ଦାନ କରିଥାନ୍ତି। ଅନେକ କୌଣସି ଏକ ଗୃହପାଳିତ ପଶୁର ପୃଷ୍ଟପୋଷକତା ପାଇଁ ଶପଥ ନେଇଥାନ୍ତି ଓ କାର୍ଯ୍ୟରେ ପରିଣତ କରିଥାନ୍ତି । ଅନ୍ୟ କେହି ଆମିଷ ଭୋଜନ ପରିତ୍ୟାଗ କରିଥାନ୍ତି। ଆସନ୍ତୁ ବିଶ୍ୱ ପଶୁପକ୍ଷୀଙ୍କ ମଙ୍ଗଳାର୍ଥେ ଆମେ ବି କିଛି କରିବା।

ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ

## ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା

ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ସରାସକୋଲ ପଞ୍ଚାୟତ ରେ ନିଶା ନିବାରଣ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ପାଟଣା ଅବକାରୀ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଛି । ନିଶା ନିବାରଣ ସଚେତନା ନିମନ୍ତେ ସ୍ୱତନ୍ତ୍ର ଏକ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ କୁ ସରାସକୋଲା ସରପଞ୍ଚ ଭାବଗ୍ରାହି ନାଏକ ଯୋଗଦାନ କରି ଉଦ୍ଘାଟନ କରିଛି । ଏହି ନିଶା ନିବାରଣ ସଚେତନା କାର୍ଯ୍ୟକ୍ରମ କୁ ପାଲା ଗାୟକ ଶଶିଭୂଷଣ ମହାନ୍ତ ସାଥୀ ଙ୍କ ସହ ପରିଚାଳନା କରିଥିବା ବେଳେ ଅତିରିକ୍ତ ଅବକାରୀ ଅଧିକାରୀ ତ୍ରିବେଣୀ ମହାନ୍ତ, ଅବକାରୀ କର୍ମଚାରୀ ସୁନାରାମ ଟୁଡୁ, ସୁମନ୍ତ ବେହେରା ଉପସ୍ଥିତି ଥିଲେ ।

## ଅଜଣା ସରୀସୃପ କାମୁଡାରେ ମହିଳା ଗୁରୁତର

ଆସିକା, (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଗାଙ୍ଗପୁର ଥାନା ବାଲିସିରା ରାମାନପାଲ୍ଲୀ ଗ୍ରାମରେ ଅଜଣା ସରୀସୃପ କାମୁଡ଼ାରେ ଜଣେ ମହିଳା ଗୁରୁତର ହୋଇଛନ୍ତି । ଗୁରୁତର ମହିଳା ସେହି ଗ୍ରାମର ଶିବ ପାତ୍ର ଙ୍କ ପତ୍ନୀ ନନ୍ଦିନୀ ପାତ୍ର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଆଜି ଅପରାହ୍ନ ରେ ନନ୍ଦିନୀ ଘର ନିକଟ ନଳକୂପ କୁ ପାଣି ଆଣିବା ପାଇଁ ଯାଇ ଘରକୁ ଫେରି ଲୁଗା ବଦଳାଇବା ବେଳେ ତାଙ୍କୁ ବାମ ପଟ ଅଣ୍ଟା ନିକଟରେ ଯନ୍ତ୍ରଣା ହୋଇଥିଲା । ସେ ଦେଖିଲା ବେଳକୁ ଗୋଟିଏ ଅଜଣା ସରୀସୃପ ତାଙ୍କୁ କାମୁଡ଼ିଥିଲା । ନନ୍ଦିନୀ ପରିବାର ସଦସ୍ୟଙ୍କୁ ଏହା ଜଣାଇବା ପରେ ପରିବାର ସଦସ୍ୟ ନନ୍ଦିନୀଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା ଦେଖି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ । ଏଠାରେ ନନ୍ଦିନୀଙ୍କ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବା କାରଣରୁ ତାଙ୍କୁ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି ।

## ଲାଞ୍ଜିଗଡ଼ରୋଡ଼ ଜୟନ୍ତ ଠାକୁରଙ୍କ ଘରେ ଫୁଟିଲା ବ୍ରହ୍ମକମଳ ଫୁଲ

ଲାଞ୍ଜିଗଡ, (ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ରୋଡ଼ ଗ୍ରାମ ପଞ୍ଚାୟତର ଲାଞ୍ଜିଗଡ଼ରୋଡ଼ ଗାଁର ଜୟନ୍ତ ଠାକୁରଙ୍କ ବାଡ଼ିରେ ଏକା ସଙ୍ଗେ ୧୧ଟି ବ୍ରହ୍ମକମଳ ଫୁଲ ଫୁଟିଛି । ପ୍ରଥମେ ୯ଟି ଫୁଲ ଫୁଟିଥିଲା । ତାର କିଛି ସମୟ ପରେ ଅନ୍ୟ ୨ଟି ଫୁଲ ଫୁଟିଥିଲା । ସୂଚନାଯୋଗ୍ୟ ଯେ ତାଙ୍କ ଅଗଣାରେ ଥିବା ଏହି ଦୁର୍ଲଭ ଫୁଲ ଗଛଟି ପ୍ରଥମ ବର୍ଷ ଫୁଲ ଫୁଟି



ଫୁଟିଥିବା ବେଳେ ସେ ସ୍ଥାନୀୟ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ସହିତ ଶନି ମନ୍ଦିର ଏବଂ ଗ୍ରାମ ଦେବା ଦେବୀଙ୍କୁ ଫୁଲ ଅର୍ପଣ କରିଛନ୍ତି । ପ୍ରଥମ ଥର ପାଇଁ ତାଙ୍କର ବଗିଚାରେ ୧୧ ଗୋଟି ବ୍ରହ୍ମକମଳ ଫୁଲ ଫୁଟି ଥିବାରୁ ଠାକୁର ପରିବାରର ସମସ୍ତ ସଦସ୍ୟ ମାନେ ଖୁସି ରେ ବିଭୋର ହୋଇଛନ୍ତି ।ବ୍ରହ୍ମକମଳ ଫୁଲ ଫୁଟିଥିବା ଖବର ଜାଣିବାପରେ ଆଖପାଖ ବାସିନ୍ଦା ମାନେ ଏହି ଫୁଲକୁ ଦେଖିବାକୁ ଭିଡ଼ଜମିଥିବା ଦେଖିବାକୁ ମିଳିଛି ।

## ଗୋଲାମୁଣ୍ଡା ଠାରେ ବର୍ଷ ଏକ ଉପଲକ୍ଷି ଅନେକ ସଭା ଅନୁଷ୍ଠିତ

ଗୋଲାମୁଣ୍ଡା, (ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ମଣ୍ଡଳ ତରଫରୁ ଗୋଲାମୁଣ୍ଡା ଉପକଣ୍ଠ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବିକଶିତ ଭାରତ,ବିକଶିତ ଓଡିଶାର ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ମଣ୍ଡଳ ସଭାପତି ବୈଶାଖୁ କେତକୀ, ବରିଷ୍ଠ ବିଜେପି ନେତା ପ୍ରଦୀପ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୃଷଭ ନାଏକ, ଶ୍ୟାମ ସୁନ୍ଦର ଅଗ୍ରୱାଲ, ଗଙ୍ଗା ବିଷ୍ଣୁ ମୁଣ୍ଡ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କିଭଳି ତୃଣ ମୂଳ ସ୍ତରରେ ପହଞ୍ଚିପାରିବ ସେ ନେଇ ଆଲୋଚନା କରିଥିଲେ । ବିକଶିତ ଭାରତର ଅମୃତ ମୁହୂର୍ତ୍ତରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ସମର୍ପିତ କେନ୍ଦ୍ର ସରକାରଙ୍କର ୧୧ ବର୍ଷ ଓ ରାଜ୍ୟ ସରକାରଙ୍କର ୧ ବର୍ଷ ପୂର୍ତ୍ତି ଅବସରରେ ଲୋକଙ୍କ ସରକାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ନେତୃତ୍ୱରେ ଆଜି ବିକଶିତ ଓଡିଶା ର ସ୍ୱପ୍ନ କୁ ବାସ୍ତବିକତା ରୂପ ଦେଇଛି । ନିର୍ବାଚନ ପୂର୍ବରୁ ବିଜେପି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପୂରଣ କରିଛନ୍ତି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ସଭା କାର୍ଯ୍ୟ ରେ ବିଜେପି କର୍ମୀ ପ୍ରସନ୍ନ ରାଉତ, ଚିତ୍ତ ରାଉତ, ରାମ ମାଝୀ, ପ୍ରଦୀପ ନାଏକ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ଏକ୍ସପାଇରି ବିସ୍କୁଟ ବାଣ୍ଟି ଅଡୁଆରେ ମେଡିକାଲ୍ କର୍ତୃପକ୍ଷ

କୋରାପୁଟ, (ମହାଭାରତ): ସାରା ବିଶ୍ୱ ରକ୍ତଦାତା ଦିବସ ପାଳନ କରୁଥିବା ବେଳେ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୂର ଠାରେ ମଧ୍ୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜୟପୂର ସ୍ଥାନୀୟ ରାଜା ନହର ଛକ ଠାରୁ ଏକ ପଦଯାତ୍ରା ବାହାରି ମୂଖ୍ୟ ଟ୍ରାଫିକ ଛକ ଠାରେ ଶେଷ ହୋଇଥିଲା । ରାଲି ସରିବା ପରେ ରାଲିରେ ଯୋଗ ଦେଇଥିବା ନର୍ସ,ଏନ୍ ସି ସି ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ଓ ରକ୍ତଦାତା ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କତୃପକ୍ଷଙ୍କ ଦ୍ୱାରା ଜଳ ପାନର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ଉକ୍ତ କାର୍ଯ୍ୟକ୍ରମ ରେ ମେଡିକାଲ କତୃପକ୍ଷ ମାନେ ଅବଧି ସମାପ୍ତି ତାରିଖ ଥିବା ବିସ୍କୁଟ ବାଣ୍ଟିଥିବାର ଅଭିଯୋଗ କରିଥିବାର ଦେଖିବାକୁ ମିଳିଛି । ଏପରି ଅବଧି ସମାପ୍ତି ତାରିଖ ଥିବା ବିସ୍କୁଟ ବାଣ୍ଟି ହରଡ଼ଘଣାରେ ପଡିଯାଇଛନ୍ତି ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ । ଏହି ବିଷୟରେ ବ୍ଲଡ଼୍ ବ୍ୟାଙ୍କ୍ ଅଧିକାରୀ ସୂର୍ଯ୍ୟ ଶଙ୍କର ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ ବିସ୍କୁଟ ଏବଂ ଜଳ ପାନ ମିଶନ ଶକ୍ତି କେଫେରୁ ଅଣାଯାଇଥିଲା ଏହା ସେମାନଙ୍କର ତୃଟି ବୋଲି କହିଛନ୍ତି । ଏଠି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଯେ ଆଜିର କାର୍ଯ୍ୟକ୍ରମରେ ଜଣେ ମୁଖ୍ୟ ଦାୟିତ୍ୱ ରେ ଥିବା ଅଧିକାରୀ ପ୍ରଥମେ ବିସ୍କୁଟ କୁ ଯାଞ୍ଚ୍ କରିବା କଥା କିନ୍ତୁ ତାଙ୍କ ଉପରକୁ ଦୋଷ ଆସିଲା ବେଳକୁ ସେ ଅନ୍ୟ କୁ ଦୋଷୀ ବୋଲି କହିଛନ୍ତି । ଠିକ୍ ଏପରି ତୃଟି ଯୋଗୁଁ କୋରାପୁଟ ସହିଦ୍ ଲକ୍ଷ୍ମଣନାୟକ ମେଡିକାଲ୍ କଲେଜ ଓ ହସ୍ପିଟାଲରେ ଗତ ମାସରେ ୬ ଜଣଙ୍କର ଜୀବନ ଚାଲିଯାଇଛି । ଏହାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କୁ ମଧ୍ୟ ଅନେକ ସମାଲୋଚନା କରାଯାଇଛି । ମେଡ଼ିକାଲ କତୃପକ୍ଷଙ୍କ ଏପରି ଭୁଲ୍ ପାଇଁ ଓଡିଶା ସରକାର ବଦନାମ ହେଉଛନ୍ତି । ତେବେ ଏହି ଛୋଟିଆ ଅବଧି ସମାପ୍ତି ତାରିଖ ଥିବା ବିସ୍କୁଟ ଲାଗି କାହାର କିଛି ସ୍ୱାସ୍ଥ୍ୟ ଅବସ୍ଥାରେ ତୃଟି ଆସିବ ତା'ହେଲେ ଏଥିରେ କିଏ ଦାୟୀ ରହିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତି ସର୍ବ ସାଧାରଣରେ ବଡ଼ ପ୍ରଶ୍ନ ଉଠୁଛି । ତେଣୁ ଏପରି ସ୍ୱାସ୍ଥ୍ୟ ସେବା ପ୍ରତି ସରକାରଙ୍କ ପକ୍ଷରୁ ତଦନ୍ତ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜନ ସାଧାରଣ ଦାବି କରୁଛନ୍ତି ।

## ନାବାଳିକା ଝିଅକୁ ବିବାହ ନଦେବାରୁ କଙ୍ଗାରୁ କୋର୍ଟ କରି ପରିବାରକୁ ସାମାଜିକ ବାସନ୍ଦ

ବସ୍ତା, (ମହାଭାରତ): ନାବାଳିକା ଝିଓକୁ ବିବାହ ଦେବାକୁ ବାପା ମାଆ ଅମଙ୍ଗ ହେବାରୁ , ଗାଁରେ କଙ୍ଗାରୁ କୋର୍ଟ, ଓ କଙ୍ଗାରୁ କୋର୍ଟ ବସି ଉକ୍ତ ପରିବାରକୁ ଗ୍ରାମରୁ ସାମାଜିକ ବାସନ୍ଦ । ନ୍ୟାୟ ପାଇଁ ସିଂଲା ଥାନାରେ ଲିଖିତ ଅଭିଯୋଗ । ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିବା ସହିତ ଖବର ଚପାଇ ଦେବାକୁ ଉଦ୍ୟମ । ଏଭଳି ଅଭାବ ନୀୟ ଘଟଣା ଘଟିଛି, ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ସିଂଲା ଥାନା ନାଇକୁଡ଼ି ପଞ୍ଚାୟତ ବାଲିଆ ପାଟି ଗ୍ରାମରେ । ଗ୍ରାମର ପ୍ରଶାନ୍ତ ବର ଙ୍କ ନାବାଳିକା ଝିଅର ବିବାହ ପାଇଁ ପ୍ରଶାନ୍ତ କିମ୍ବା ତାଙ୍କ ପରିବାର ରାଜି ହୋଇନଥିଲେ ବରଂ ବିବାହ କୁ ବିରୋଧ କରିଥିଲେ । ଉକ୍ତ ଘଟଣାକୁ କେନ୍ଦ୍ରକରି ତାଙ୍କ ପରିବାର କୁ ଗ୍ରାମବାସୀଙ୍କ ଦ୍ୱାରା ସାମାଜିକ ବାସନ୍ଦ ହେବାକୁ ପଡ଼ିଛି । ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି ।



ଯେଉଁଥିରେ କି ଗ୍ରାମ ମୁଖିଆ ପ୍ରଦୀପ ଗୋଛୟତ ବଜାର ଘାଟରେ , ଦୋକାନ ଦୋକାନ ବୁଲି ତାଙ୍କୁ ସାମାଜିକ ବାସନ୍ଦ କରାଯାଇଥିବା କଥା କହିଚନ୍ତି । ଆଉ ଗଣ ମାଧ୍ୟମ ସାମ୍ନାରେ ମଧ୍ୟ ବୁଲେଇ ବଙ୍କେଇ ସ୍ୱୀକାର କରିଚନ୍ତି । ଯାହାକୁ ନେଇ ଗ୍ରାମବାସୀ ନାବାଳିକା ପରିବାରକୁ ନିଆଁ, ପାଣି, ଗାଁ ମନ୍ଦିର, ସହିତ ଦୋକାନ ବଜାର ଏପରିକି ଚାଷ ବନ୍ଦ ପାଇଁ କଙ୍ଗାରୁ କୋର୍ଟ କରି ଗ୍ରାମ୍ୟ କମିଟି ନିଷ୍ପତି ନେଇଛି । ଆଉ ଏହି କଙ୍ଗାରୁ କୋର୍ଟ ନିଷ୍ପତିରେ ପ୍ରଦୀପ ସାମନ୍ତ ନାମକ ଜଣେ ସରକାରୀ କର୍ମଚାରୀ ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଛି ।ଏନେଇ ନ୍ୟାୟ ପାଇଁ ପରିବାର ଲୋକ ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇଥିଲେ ବି, ନ୍ୟାୟ ମିଳିବା ବଦଳରେ , ପ୍ରମାଣ ନଥିବା ଦର୍ଶାଇ ପୋଲିସ ତାଙ୍କୁ ଫେରାଇ ଦେଉଚି । ପୋଲିସ ଓ ପ୍ରଶାସନ ର ନିଷ୍କ୍ରିୟତା ପାଇଁ ତାଙ୍କ ପରିବାର ପ୍ରତି କ୍ରମଶଃ ଜୁଲୁମ୍ ବଢିବା ସହିତ ଧମକ ଚମକ୍ ଦେଉଛନ୍ତି । ଯାହାକୁ ନେଇ ନାବାଳିକା ଙ୍କ ମା କିଶୋରୀ ମଣୀ ବର ପୁଣି ସିଂଲା ଥାନାରେ ଗତ ୧୪ ତାରିଖରେ ଲିଖିତ ଅଭିଯୋଗ କରିଥିବା ବେଳେ, ନ୍ୟାୟ ନମିଳିବାରୁ ତାଙ୍କ ସ୍ୱାମୀ ପ୍ରଶାନ୍ତ ବର, ଗ୍ରାମ ବାସୀ ମାନସ ପରିଡ଼ା ଗଣ ମାଧ୍ୟମ କୁ ସୂଚନା ଦେଇଥିଲେ , ଏ ସମ୍ପର୍କରେ ଗଣ ମାଧ୍ୟମ ପ୍ରତିନିଧି ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ, ଗ୍ରାମ୍ୟ କମିଟିର ସଦସ୍ୟ ପ୍ରାୟ ଦଶ ବାର ଜଣ ପହଞ୍ଚି ସାମ୍ବାଦିକ ଙ୍କୁ ଦୁର୍ବ୍ୟବହାର କରିବା ସହିତ ସମ୍ବାଦ ପରିବେଷଣ ନକରିବା ପାଇଁ । ଚାପ ସୃଷ୍ଟି କରିଥିଲେ । ତେବେ ଏନେଇ ସିଂଲା ଥାନା ଅଧିକାରୀ ଙ୍କୁ ପଚାରିବାରୁ ସାମାଜିକ ବାସନ୍ଦ ସମ୍ପର୍କରେ ଖବର ଆମ ନିକଟରେ ପହଞ୍ଚିଛି ।ଏହାର ତଦନ୍ତ ଚାଲିଛି ଘଟଣା ରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସିଂଲା ଥାନା ଅଧିକାରୀଣୀ କମଳିନୀ ତାଣ୍ଡି । ତେବେ ଶିକ୍ଷତ ସଭ୍ୟ ସମାଜରେ କଙ୍ଗାରୁ କୋର୍ଟ ଏକ ବ୍ୟାଧି । ଏଭଳି ହୀନ ମାନସିକତା ବିଚାର ଧାରା କୁ ବୁଦ୍ଧିଜୀବୀ ଦୃଢ଼ ନିନ୍ଦା କରିବା ସହିତ ସରକାର ଓ ପ୍ରଶାସନ ର ନିଷ୍କ୍ରିୟତା କୁ ଦାୟୀ କରିଛନ୍ତି । ଉକ୍ତ ପରିବାର କୁ କେବେ କିପ୍ରକାର ନ୍ୟାୟ ମିଳିବା ସହିତ ଦୋଷୀ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି ତାହା ଦେଖିବାକୁ ବାକି ରହିଲା ।

## ମୋବାଇଲ ଚୋରି ଗ୍ୟାଙ୍ଗ୍ର ୧୦ ଅଭିଯୁକ୍ତ ଗିରଫ

ଦାନଗଦି, (ମହାଭାରତ) : ଯାଜପୁର କଳିଙ୍ଗନଗର ଦି ଦିନକୁ ଦିନ ଚୋର ଙ୍କ ସଂଖ୍ୟା ବଢିଥିବାବେଳେ । ବ୍ୟାସନଗର ଅଞ୍ଚଳରୁ ମୋବାଇଲ ଚୋରି ଗ୍ୟାଙ୍ଗ୍ କୁ ଠାବ କଲା ଯାଜପୁର ରୋଡ଼ ପୋଲିସ । ୧୦ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନଙ୍କ ନିକଟରୁ ୩୫ ଟି ମୋବାଇଲ ଫୋନ ଗୋଟିଏ ଲାପଟପ୍ ଓ ଗୋଟିଏ ସୁନା ମୁଦି ଜବତ କରାଯାଇଛି । ଡାକ୍ତରୀ ପରୀକ୍ଷା ପରେ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି । ସୂଚନା ଥାଉକି ବ୍ୟାସନଗର ଓ ଏହାର ଆଖପାଖ ଅଞ୍ଚଳରେ ବାରମ୍ବାର ମୋବାଇଲ ଚୋରି ଛିନ ତାଇ ଥିବା ଅଭିଯୋଗ ହୋଇଥିଲା । ପରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରିବା ସହ ଯୋଜନା କରି ଏହି ଗ୍ୟାଙ୍ଗ୍ କୁ ଠାବ କରିବାରେ ସକ୍ଷମ ହୋଇଛି । ଏଥିରେ ସମ୍ପୃକ୍ତ ଥିବା ବା ଚୋରି ମୋବାଇଲ କିଣୁଥିବା ଦାନଗଦି ଅଞ୍ଚଳର ଜଣେ



ମୋବାଇଲ ଦୋକାନୀ ସମେତ ମୋଟ ୧୦ ଜଣ ଅଭିଯୁକଙ୍କୁ ଗିରଫ କରାଯାଇଛି । ଆଜି ୮ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୨ ଜଣ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ଗିରଫ ହୋଇଥିବା ଅଭିଯୁକ୍ତ ନାମ ହେଲା ଯାଜପୁର ରୋଡ଼ ଥାନ ଅଞ୍ଚଳର ଶିବ ନାୟକ, ମୁନିଆ ନାୟକ, ରାଜା ରଣା, ମହେନ୍ଦ୍ର ଜେନା, ଫୁକୁନ ମୁଦୁଲି, ଏସ କେ ସବୀର, ମୁନା ଦାସ,ଦାନଗଦି ଅଞ୍ଚଳର ମୋବାଇଲ ଦୋକାନୀ ବାବାଜୀ ବାରିକ ପୁଅ ବନମାଳୀ ବାରିକ ହୋଇଥିବା ସୂଚନା ।

## ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ନବରଙ୍ଗପୁର, (ମହାଭାରତ): ଜିଲ୍ଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଆନ୍ତଃ ଜିଲ୍ଲା ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ର ଫାଇନାଲ ମ୍ୟାଚ୍ ରେ ରେଡ କମ୍ବାଇନ ସ୍କୁଲ ଦଳ ଗ୍ରୀନ କମ୍ବାଇନ୍ ସ୍କୁଲ ଦଳକୁ ୧୦ ରନରେ ପରାସ୍ତ କରି ଚମ୍ପିୟାନ ହୋଇଛନ୍ତି । ପ୍ରଥମେ ବ୍ୟାଟିଂ କରି ରେଡ କମ୍ବାଇନ୍ ସ୍କୁଲ ୩୧.୫ ଓଭର ରେ ନିଜର ସମସ୍ତ ୱିକେଟ ହରାଇ ୨୧୪ ରନ କରିଥିବା ବେଳେ ଏହାର ଜବାବରେ ଗ୍ରୀନ କମ୍ବାଇନ୍ ସ୍କୁଲ ଦଳ ନିର୍ଦ୍ଧାରିତ ୪୦ ଓଭର ଖେଳି ଦଳର ୫ ୱିକେଟ ହରାଇ ୨୦୪ ରନ କରିବାରେ ସକ୍ଷମ ହୋଇଥିଲେ । ରେଡ କମ୍ବାଇନ୍ ସ୍କୁଲ ଦଳର ଯୁବରାଜ ପାଇକ ଉଭୟ ବ୍ୟାଟିଂ ରେ ୩୨ ରନ ସେହିପରି ବୋଲିଂ ରେ ୨ଟି ୱିକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ୍ ପଦକ ହାସଲ କରିଥିଲେ । ଉଦଯାପନୀ ଉତ୍ସବରେ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ ୨୦୩୦ କୁ ଆଖି ଆଗରେ ରଖି ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣ କରିବା ଲକ୍ଷ୍ୟରେ ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ ସଂଘର ସହ ସମ୍ପାଦକ ଏମ.ବାଲା କ୍ରିଷ୍ଣା ରାଓ ଯୋଗ ଦେଇ ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଅନେକ ପ୍ରତିଭାର ଅନ୍ୱେଷଣ ହୋଇପାରିଛି ବୋଲି କହିଥିଲେ । ସଂଘର ସଭାପତି ଦେବାଶିଷ ପଟ୍ଟନାୟକ, ଉପ ସଭାପତି ଶୁଭେନ୍ଦୁ ବେହେରା କ୍ରୀଡାବିତ୍ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଟୁର୍ଣ୍ଣାମେଣ୍ଟଟି ସୁଚାରୁ ରୂପେ ସଂଘର ବରିଷ୍ଠ ସଦସ୍ୟ ଅଶୋକ ନାୟକ, ଶଶାଙ୍କ ଶେଖର ବେହେରା, ଜିଲ୍ଲା କ୍ରିକେଟ କୋଚ୍ ଜି. ଚନ୍ଦ୍ରଶେଖର, କ୍ୟୁରେଟର ଦୁର୍ଯ୍ୟ ହରିଜନ ପ୍ରମୁଖ ପରିଚାଳନା କରିଥିଲେ । ଟୁର୍ଣ୍ଣାମେଣ୍ଟରେ ଖେଳା ଯାଇଥିବା ୪ ଗୋଟି ଦଳରୁ ଓଡ଼ିଶା କ୍ରିକେଟ ସଂଘ ଏକ ୩୦ ଜଣିଆ ଖେଳାଳିଙ୍କ ତାଲିକା ନବରଙ୍ଗପୁର କ୍ରିକେଟ ସଂଘ କୁ ପ୍ରେରଣ କଲା ପରେ ସେଇ ଖେଳାଳିଙ୍କୁ ନେଇ ଦୁଇ ଦଳ ଗଠନ କରାଯାଇ ମ୍ୟାଚ୍ କରାଯିବା ପରେ ଏକ ପନ୍ଦର ଜଣିଆ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଦଳ ଘୋଷଣା କରାଯିବ ବୋଲି କ୍ରିକେଟ ସଂଘର ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଡ୍ରେନ ସଫା ନ ହେବାରୁ ପାଣି ରାସ୍ତା ଉପରେ ଢେଉ ମାରୁଛି

ଦଶପଲ୍ଲା, (ମହାଭାରତ ): ଦଶପଲ୍ଲା ଗଣିଆ ମୁଖ୍ୟ ରାସ୍ତାର ଘୋଳାହାଣ୍ଡି ଗ୍ରାମ ନିକଟରେ ମୁଖ୍ୟ ରାସ୍ତାରେ ଅସରାଏ ବର୍ଷାରେ ପାଣି ଲହଡି ମାରୁଛି । ତେବେ ବର୍ଷା ଦିନ ଆରମ୍ଭ ମାତ୍ର ଆହୁରି ଚାରି ମାସ ବାକି ଅଛି । ଯଦି ଏବେଠାରୁ ଅଳ୍ପ ବର୍ଷାରେ ଏଭଳି ଅବସ୍ଥା ସୃଷ୍ଟି ହେଉଛି ତେବେ ଆଗକୁ କଣ ହେବ କହିଲେ ନ ସରେ । ମୁଖ୍ୟତଃ ଡ୍ରେନ ର ସଫା ନ ହେବାଯୋଗୁଁ ଅଳିଆ ପଡ଼ିଥିବା କାରଣରୁ ପାଣି ନିଷ୍କାସନ ହୋଇପାରୁନାହିଁ । ସଠିକ ଡ୍ରେନେଜ ବ୍ୟବସ୍ଥା ନ ହେବା ଅବା ରାସ୍ତା କାମ ବେଳେ ଡ୍ରେନ ତଳକୁ ରାସ୍ତା ରହିବା, ଡ୍ରେନ ଉପରେ ଘୋଡଣି ବ୍ୟବସ୍ଥା ସଠିକ ଭାବେ ନ ହେବା ଆଦି କାରଣ । ଗଣିଆ-ଦଶପଲ୍ଲା ମୁଖ୍ୟ ରାସ୍ତାରେ ଘୋଳାହାଣ୍ଡି ଠାରେ ଏକ ଖାଲ ଥିବା ଯୋଗୁଁ ବର୍ଷରେ ପାଣି ରହି ଦୁର୍ଘଟଣାରେ ଶିକାର ହେଉଛନ୍ତି । ଏଥିପାଇଁ ଉଭୟ ପୂର୍ତ୍ତ ବିଭାଗ ଓ ଆର ଡି ବିଭାଗ ଏଥି ପାଇଁ ନିଶ୍ଚୟ ଦାୟୀ । ତେବେ ବିଗତ ସରକାର ଅମଳରେ



ହୋଇଥିବା ରାସ୍ତା କାମ ବା ଡ୍ରେନ କାମ ସଠିକ ନ ହୋଇ କାଗଜ ପତ୍ର ରେ ସଠିକ ଦର୍ଶାଇ ବିଲ ପାସ ହେବା ଯୋଗୁଁ ଅଞ୍ଚଳ ବସୀଙ୍କ ଦୁଃଖ କହିଲେ ନ ସରେ । ବିକାଶ ନାରାରେ ବିଗତ ସରକାର ତଥା ରାଜନେତା ବାହାବା ନେଉଥିବା ବେଳେ ବାସ୍ତବ ଚିତ୍ର ଏଠି ଓଲଟା । ପଂଚାୟତ ସ୍ତରରେ ମଧ୍ୟ ଭୁଲ ନିଷ୍ପତ୍ତି କରାଯାଇଛି ବୋଲି ସାଧାରଣ ରେ ଆଲୋଚନା ହେଉଛି । ସେ ସମୟ ରେ କାମ ର ସଠିକ ତଦାରଖ ହୋଇଥିଲେ ଆଜି ଏ ଦଶା ଘୋଳାହାଣ୍ଡି ବାସୀ ଭୋଗୀ ନ ଥାନ୍ତେ । ତେବେ ନୂତନ ସରକାର ତଥା ମୋହନ ସରକାର ଏ ସବୁ କାର୍ଯ୍ୟ ଗୁଡିକରେ ହୋଇଥିବା ଦୁର୍ନୀତି କୁ ବିଚାର କୁ ନେଇ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣ ରେ ଆଲୋଚନା ହେଉଛି ଏବଂ ଉଦ୍ଦିଷ୍ଟ ବିଭାଗ କୁ ନିର୍ଦ୍ଦେଶ ଦେଇ କାମ ଟିକୁ ସଠିକ କଲେ ଘୋଳାହାଣ୍ଡି ବାସୀ ଉପକୃତ ହେବେ ବୋଲି ଚର୍ଚ୍ଚା ହେଉଛି ।

## ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, (ମହାଭାରତ) : ଆଜି ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟରେ ସମ୍ବଲପୁର ଜିଲ୍ଲାପାଳ ଏବଂ ସମ୍ବଲପୁର ଏସ.ପି ଙ୍କ ର ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣି ଠାରେ ମୋଟ ୭୪ଟି ଆବେଦନ ଗ୍ରହଣ କରାଯାଇ ଥିଲା ଯେଉଁଥିରୁ ୬୨ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୧୧ଟି ସମସ୍ୟା ଗ୍ରାମୀୟ ସମସ୍ୟା,୧ଟି ସମସ୍ୟା ରେଡକ୍ରସ ର ସହାୟତା ରାଶି ନିମନ୍ତେ ଜଡିତ ଥିଲା ।୧୦ଟି ଅଭିଯୋଗ, ଅନୁଷ୍ଠିତ ଅଭିଯୋଗ ଶୁଣାଣି ଠାରେ ସମାଧାନ କରାଗଲା । ଆଜି ଜିଲ୍ଲାପାଳ ସମ୍ବଲପୁର ଅଭିଯୋଗ ଶୁଣାଣି ଠାରେ ରେଡକ୍ରସ ଅଧୀନରେ ୧ ଜଣ ହିତାଧିକାରୀଙ୍କୁ ୩୦,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ । ଆଜି ଜିଲ୍ଲାପାଳ ସମ୍ବଲପୁର ଅଭିଯୋଗ ଶୁଣାଣି ଠାରେ ୩ ଜଣ ହିତାଧିକାରୀଙ୍କୁ ହୁଇଲ ଚେୟାର, ମଧୁବାବୁ ପେନସନ ଯୋଜନା ରେ ୦୩ ଜଣ ହିତାଧିକାରୀ ଙ୍କୁ ବିଧବା ଭତ୍ତା, ଏବଂ ୦୧ ହିତାଧିକାରୀ ଙ୍କୁ ଅବିବାହିତ ଭତ୍ତା, ୦୧ ହିତାଧିକାରୀ ଙ୍କୁ ଭିନ୍ନକ୍ଷମ ଭତ୍ତା, ୦୧ ହିତାଧିକାରୀ ଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିଥିଲେ ।

## ଯାଞ୍ଚ୍ ହେଉନି ଖାଦ୍ୟର ମାନ: ବ୍ୟାପୁଚି ଝାଡା ବାନ୍ତି ବାଜିରେ ଲାଗୁଛି ଜୀବନ

ଅସ୍ତରଙ୍ଗ, (ମହାଭାରତ): ରାଜ୍ୟ ର ୭ଟି ଜିଲ୍ଲାରେ କାୟା ବିସ୍ତାର କରୁଚି ଡାଇରିୟା ତା ଭିତରେ ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ସାମିଲ ଅଛି ଯେଉଁଠି ଦୂଷିତ ପାଣି,ଅପରିଷ୍କାର ବାସିଖାଦ୍ୟ, ଆଶ୍ୱାସ୍ଥ୍ୟକର ପରିବେଶ, ରାସ୍ତା କଡ଼ରେ ଚାଲୁଚି ମାଲମାଲ ହୋଟେଲ ଓ ଫାଷ୍ଟଫୁଡ୍ ? ଦୋକାନ କିନ୍ତୁ ଖାଦ୍ୟ, ସ୍ୱାସ୍ଥ୍ୟ ବିଭାଗ ଆଖିମୁଜିଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ର ସୂଚନା ଅନୁସାରେ ଉତ୍ତମ ଖାଦ୍ୟ ପାନୀୟ ନିରୋଗ ରହିବାର ଚାବିକାଠି । ଉତ୍ତମ କହିଲେ କେବଳ ଗୁଣାତ୍ମକ ଦୃଷ୍ଟିରୁ ନୁହେଁ ବରଂ ଖାଦ୍ୟ ଉତ୍ତମ ପରିବେଶରେ ପରିଷ୍କାର ଭାବେ ରନ୍ଧା ହୋଇଥିବା ଆବଶ୍ୟକ । କିନ୍ତୁ ମାଲ ମାଲ ଖାଦ୍ୟ ସେଣ୍ଟର କୁ ଦେଖିଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସଚେତନ ନଥିବା ପରି ମନେ ହେଉଛି । କାରଣ ଅସ୍ତରଙ୍ଗ ବଜାରରେ ନିମ୍ନ ମାନର ତେଲ, କଲର ସହିତ ଅସ୍ୱାସ୍ଥ୍ୟକର ପରିବେଶରେ ଲୋକଙ୍କୁ ଖାଦ୍ୟ ରନ୍ଧାଯାଇ ବିକ୍ରୀ କରାଯାଉଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ସଚେତନ ହେଉନାହିଁ କିମ୍ବା



ଉକ୍ତ ସେଣ୍ଟର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳୁଚି ଯେଉଁ କାରଣରୁ ବଜାର ର ବିଭିନ୍ନ ସ୍ଥାନରେ ହୋଟେଲ ଓ ଫାଷ୍ଟଫୁଡ ସେଣ୍ଟରମାନ ଖୋଲି ଏହାକୁ ଏକ ଲାଭଜନକ ବ୍ୟବସାୟ ରୂପେ ଚଳାଉଛନ୍ତି । ଏହି ସେଣ୍ଟର ଗୁଡିକ ରେ ବେଳେ ବେଳେ ବଳକା ବାସି ଖାଦ୍ୟ ପଦାର୍ଥ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି । ସହରରେ ଅଧିକାଂଶ ହୋଟଲର ପରିବେଶ ଅପରିଷ୍କାର ରହୁଥିବା ବେଳେ ପିଇବାକୁ ଅତ୍ୟନ୍ତ ଦୂଷିତ ଜଳ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି । ପୂର୍ବ ଦିନ ମାନଙ୍କରେ କିଛି ହୋଟେଲ ଓ ଜଳଖିଆ ଦୋକାନରେ ଲୋକ ଦେଖାଣିଆ ଚଢ଼ଉ କରି ବିଭାଗ ଚୁପ ହୋଇ ବସିଛି । ଫଳରେ ଅସ୍ଥାୟୀ ହୋଟେଲ ଓ ଉଠାଦୋକାନୀଙ୍କୁ ଏହା ବେଶ ସୁହାଇଛି । ଖରାପ ଓ ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଧରାପଡିଲେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୪ ବର୍ଷ ଜେଲ ଦଣ୍ଡାଦେଶ ପାଇଁ ଆଇନର ବ୍ୟବସ୍ଥା ରହିଛି । ମାତ୍ର ଏହି ଅଞ୍ଚଳ ଲାଗି ଏହି ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି । ଅନେକ ବ୍ୟବସାୟୀ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବାବେଳେ ନଷ୍ଟ ହୋଇଯାଇଥିବା ପନିପରିବା ବ୍ୟବହାର କରିବାକୁ ମଧ୍ୟ ପଛାଉନଥିବା ଜଣାଯାଇଛି । କେବଳ ହୋଟେଇ କି ଜଳଖିଆ ଦୋକାନୀ ନୁହେଁ, ବରଂ ଠେଲାଗାଡିରେ ବିକ୍ରି କରୁଥିବା ଖାଦ୍ୟ ପଦାର୍ଥର ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶରେ ତିଆରି ଓ ବିକ୍ରୀ ହେଉଛି । ନିମ୍ନମାନର ଖାଦ୍ୟ ଖାଇବା ଦ୍ୱାରା ଫୁଡ ପଏଜନିଂ, ଡିସେଣ୍ଟ୍ରି, ବିଭିନ୍ନ ଜଳବାହିତ ରୋଗ, ନାଳଝାଡା, ଜଣ୍ଡିସ ପ୍ରଭୃତି ରୋଗ ବ୍ୟାପୀଥାଏ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।ତେଣୁ ଜନସାଧାରଣ ଙ୍କୁ ଏହି ସବୁ ରୋଗ ଠାରୁ ଦୁରେଇ ରଖିବା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିବା ସହିତ ଖାଦ୍ୟର ମାନ ଯାଞ୍ଚ କରିବା ଗ୍ରାହକ ଙ୍କୁ ଉତ୍ତମ ଖାଦ୍ୟ ପରିବେଷଣ କୁ ଖାଦ୍ୟ ସେଣ୍ଟର ଗୁଡିକୁ ନିର୍ଦ୍ଦେଶ ଦେବା ପାଇଁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

# ବିକାଶ ବାହନ ରଥକୁ ସ୍ୱାଗତ କଲେ ସରପଞ୍ଚ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ନୟାଭାଗିରଥିପୁର ଗ୍ରାମପଞ୍ଚାୟତ ଠାରେ ଆଜି କେନ୍ଦ୍ର ସରକାରଙ୍କ ୧୧ ବର୍ଷ ତଥା ରାଜ୍ୟ ସରକାର ଙ୍କ ୧ ବର୍ଷ ର ସଫଳତାର ବିକାଶ ରଥକୁ ଭବ୍ୟ ସ୍ଵାଗତ କରାଯାଇଛି ।ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ଆବାସ ଘର କାର୍ଯ୍ୟାଦେଶ, ନୂତନ ରାସନ କାର୍ଡ,ଆୟୁଷ୍ମାନ କାର୍ଡ, ଜବ କାର୍ଡ, ଭତ୍ତା କାର୍ଡ ଉପସ୍ଥିତ ଅତିଥିମାନେ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ମଞ୍ଚ ସଂଯୋଜନା ଜି ପି ଓ ପ୍ରିୟବ୍ରତ ପଟ୍ଟନାୟକ କରିଥିବା ବେଳେ ବିଡ଼ିଓ ଦିଲ୍ଲୀପ ଷଡ଼ଙ୍ଗୀ, ସରପଞ୍ଚ ଜତି ନାୟକ, ସମିତିସଭ୍ୟ ସୁମତି ନାଏକ, ଡବ୍ଲୁ ଇ ଓ ଶେଫାଳୀ ଶ୍ୱେତପଦ୍ମା ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ମହେନ୍ଦ୍ର କୁମାର ପ୍ରଧାନଙ୍କ ସମେତ ପଞ୍ଚାୟତ କର୍ମଚାରୀ ଓ ମିଶନ ଶକ୍ତି ଅଧିନସ୍ଥ ମହିଳା କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କଳିଙ୍ଗନଗରେ ହଇଜା ଆକ୍ରାନ୍ତରେ ମୃତ ସଂଖ୍ୟା ବଢ଼ିବାରେ ଲାଗିଛି,

ଦାନଗଦି:(ମହାଭାରତ) କଳିଙ୍ଗନଗର ସାରଙ୍ଗପୁର ଗ୍ରାମର ବାବୁ ଜେନା ପିତା ନନ୍ଦ କିଶୋର ଜେନା ୭୧ ଙ୍କ ମୃତ ହୋଇଛି ଏକଦିନ ପୂର୍ବରୁ ରତ୍ରିରୁ ଝାଡା ଲାଗିରହିଥିଲାବେଳେ ସକାଳୁ ତାଙ୍କୁ ଦାନଗଦି ମେଡିକାଲ ରେ ପରିବାର ଲୋକେ ଭର୍ତ୍ତି କରିଥିଲେ, ମେଡିକାଲ ଲେ ପହଞ୍ଚିବା ର କିଛି କ୍ଷଣ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କଳିଙ୍ଗନଗର ରେ ପାନୀୟ ଜଳ ର କୁ ପରିମାଣ ଭୋଗିବାକୁ ପଡୁଛି ସାଧାରଣ ଅଞ୍ଚଳ ବାସୀଙ୍କୁ ପ୍ରଦୂଷଣ ଧୂଳି ଧୂଆଁ ରେ ଅତିଷ୍ଟ ହୋଇ ବାୟୁମଣ୍ଡଳ ଦୂଷିତ ହୋଇଯାଇଥିବାବେଳେ ପୋଖରୀ ଗଣ୍ଡା ନାଳ ରେ ଆଇରନ କୋଇଲା ଗୁଣ୍ଡ ପିଚୁ ବିଷାକ୍ତ ଧୂଳିଧୂଆଁ ପାଣି ବ୍ୟବହାର କରିଚାଲିଛନ୍ତି ଅଞ୍ଚଳ ବାସୀ । ଏହାର କୌଣସି ପ୍ରତିକାର ଫଳ ସ୍ୱରୂପ ହେବା ଅସମ୍ଭବ ପରି ଲାଗୁଥିବାବେଳେ ଦୂଷିତ ଜଳବାୟୁ କୁ ବ୍ୟବହାର କରିବା ପରିଣତି ଜମ ଦଣ୍ଡ ମିଳିଲା ପରି ସଭିଙ୍କୁ ମନେହେଉଛି ।ସେଥିରେ ନିରୀହ ଅଞ୍ଚଳ ବାସୀଙ୍କୁ ଜୀବନର ଯୁଦ୍ଧରେ ପରାଜୟ ହେବାକୁ ପଡୁଛି । କାରଖାନାର ଧୂଳି ଧୂଆଁ ବିଷାକ୍ତ ଜଳବାୟୁ ପାନୀୟଜଳର ବ୍ୟବହାର ଫଳରେ ଜୀବନର ଯୁଦ୍ଧରେ ଶେଷ ହେଉଥିବା ଅଞ୍ଚଳ ବାସୀଙ୍କୁ ବାଧକରୁଛି ।

# କାଇଠିରା ଗ୍ରାମରେ ସ୍ୱାମୀର ଆକ୍ରମଣରେ ସ୍ତ୍ରୀ ଗୁରୁତର

ଧରାକୋଟ /ଆସିକା(ମହାଭାରତ)ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ରାମଚନ୍ଦ୍ରପୁର କଇଠିରା ଗ୍ରାମରେ ଅଭାବନୀୟ ଘଟଣା ।ପାରିବାରିକ କଳହ କୁ କେନ୍ଦ୍ରକରି ପତ୍ନୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣକରି ଲହୁ ଲୁହାଣ କରିଛି ସ୍ୱାମୀ । ଗୁରୁତର ମହିଳା କାଇଠିରା ଗ୍ରାମର ଏମ. ସୁବାଷ ରେଡ଼ୀ ଙ୍କ ପତ୍ନୀ ଏମ. ଯମୁନା ରେଡ଼ୀ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ କୌଣସି ଏକ ପାରିବାରିକ କାରଣ କୁ ନେଇ ଯମୁନା ଏବଂ ତାଙ୍କ ସ୍ୱାମୀ ସୁବାଷ ଙ୍କ ମଧ୍ୟରେ କଥା କଟା କଟି ହୋଇଥିଲା । ପରେ ଏହା ଉଗ୍ର ରୂପ ନେବା ସହ ସୁବାଷ ଘରେ ରହିଥିବା ଗୋଟିଏ ଧାରୁଆ ଅସ୍ତ୍ରରେ ରେ ପତ୍ନୀଙ୍କ ଉପରକୁ ଆକ୍ରମଣ କରିଥିଲେ । ଯମୁନା ଙ୍କ ବେକ, ମୁଣ୍ଡ, ମୁହଁ, ହାତ ରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଗୁରୁତର ହୋଇ ଘରେ ପଡି ରହିଥିଲେ । ସାହି ପଡୋଶୀ ତାଙ୍କୁ ସେଠାରୁ ଉଧାରକରି ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ଧରାକୋଟ ପୋଲିସ ମେଡିକାଲ ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟରେ ରଜ ଉତ୍ସବ ପାଳିତ



ପାରାଦୀପ(ମହାଭାରତ): ପାରାଦୀପ ମଧୁବନସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ଓଡିଶାର ଗଣପର୍ବ ରଜ ଉତ୍ସବ ପାଳିତ ହୋଇଯାଇଛି । ଏହି ରଜ ଉତ୍ସବରେ କମ୍ପାନୀର ମହିଳା କର୍ମଚାରୀମାନେ ସାମିଲ ହୋଇ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥିଲେ । ଏହି ଅବସରରେ ଆୟୋଜିତ ଅନ୍ତାକ୍ଷରୀ, ଅଳତା ଲଗେଇବା,ରଜ ପାନ ଭାଙ୍ଗିବା ଓ ରଜ କୁଇନ୍ ପ୍ରତିଯୋଗିତା କରାଯାଇଥିଲା । ଝାନସୀ ମଲ୍ଲ ରଜ କୁଇନ୍ ବିଭାଗରେ ବିଜୟୀ ହୋଇଥିଲେ । ସମସ୍ତ ବିଭାଗର ସଫଳ ପ୍ରତିଯୋଗୀମାନଙ୍କୁ ଜେଏସଡବ୍ଲ୍ୟୁ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ରଜର ପାରମ୍ପାରିକ ପୋଡପିଠା ସମସ୍ତଙ୍କୁ ବ□ନ କରାଯିବା ସହିତ କାର୍ଯ୍ୟାଳୟ ପରିସରରେ ଉତ୍ସବମୁଖର ହୋଇଉଠିଥିଲା । କାର୍ଯ୍ୟାଳୟର ବିଭିନ୍ନ ବିଭାଗର ମୁଖ୍ୟ, ଅଧିକାରୀମାନେ ବହୁ ସଂଖ୍ୟାରେ ଏହି ଉତ୍ସବରେ ସାମିଲ ହୋଇଥିଲେ ।

# ବିକାଶ ବାହନ ମେଳା ଟାଙ୍ଗରପଡ଼ା କେନ୍ଦେଇପଶି ପଞ୍ଚାୟତରେ ଅନୁଷ୍ଠିତ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଦୁଇଟି ପଞ୍ଚାୟତ ରେ ବିଜେପି ସରକାର ଙ୍କ ଏକ ବୃତ୍ତି ଅବସରେ ଲୋକ ମାନେ ଯୋଜନା ନିକଟରତ ହେବା ଜାଣିବାର ପ୍ରୟାସ ରଖି ବିକାଶ ବାହନ ଯାତ୍ରା ରାଜ୍ୟ ବ୍ୟାପି ପ୍ରତ୍ୟେକ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଗୁଡ଼ିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ପେରିପକ୍ଷୀରେ ଟାଙ୍ଗରପଡା କୁ ବିକାଶ ବାହନ ଯାତ୍ରା ରଥ ପହଞ୍ଚି ଥିଲା । ଟାଙ୍ଗରପଡ଼ା ପଞ୍ଚାୟତ ପକ୍ଷରୁ ସ୍ୱାଗଟ କରାଯାଇଛି । ସରପଞ୍ଚ ଅନିରୁଦ୍ଧ ନାଏକ ଙ୍କ ଅଧକ୍ଷତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମ କୁ ପାଟଣା ବିଡିଓ ମାନସ ଦଣ୍ଡପାଟ ଯୋଗଦାନ କରିଛନ୍ତି । ସରକାର ଙ୍କ ଯୋଜନା ରେ ଟାଙ୍ଗରପଡା ପଞ୍ଚାୟତ ନୂତନ ହିତାଧିକାରୀ ମାନଙ୍କୁ ୨ଜଣ, ଭତ୍ତା,ରାସନକାର୍ଡ ୩ଜଣ, ଅନ୍ତ୍ୟୋଦ୍ଵୟ ଗୃହ ୫ଜଣ,ଜବକାର୍ଡ ୬ଜଣ, ଜମିପଟ୍ଟା ୫ଜଣ ଙ୍କୁ ବଣ୍ଟନ କରାଯାଇ ଛି । ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଜିପିଓ ରଶ୍ମୀ ରେଖା ମହାନ୍ତି, ଏପିଓ ଦୀପକ କୁମାର ବେହେରା,ଡବ୍ଲୁଇଓ ଶିପ୍ରାରାଣୀ ମହାନ୍ତ, ପାଟଣା ବନପାଳ ଅଧିକାରୀ ପିଅନ ନାଏକ,ତହସିଲ ସୁପ୍ରଭାଇଜର ବନମାଳୀ ନାୟକ,ରାଜସ୍ୱ ନିରୀକ୍ଷକ ଦୀପକ ରଞ୍ଜନ ମହାନ୍ତ, ପାଟଣା ଶ୍ରମ ଅଧିକାରୀ ଅମରେଶ୍ କର, ଟାଙ୍ଗରପଡ଼ା ପଞ୍ଚାୟତ ଅଧିକାରୀ ଅଭିଳାଷ ରଞ୍ଜନ ରାୟ,କୋଷାଧକ୍ଷ ଯୋଶଦା ନାଏକ, ଗୃହ ବିଭାଗ ର ବ୍ଲକ ସଂଯୋଜକ ସୁରେନ୍ଦ୍ର ଖଣ୍ଡା,ଟାଟା ବିଦ୍ୟୁ ବିଭାଗ ଲାଇନ୍ ମ୍ୟାନ ନନ୍ଦ୍ କିଶୋର ମହାନ୍ତ, ସ୍ୱାସ୍ଥ୍ୟକର୍ମୀ ଚନ୍ଦ୍ରାବତୀ ମହାନ୍ତ, ସରୋଜିନୀ ସେଠୀ,ପରିମଳ ବିଭାଗ ବ୍ଲକ ସଂଯୋଜକ ଜମାଦ୍ଦିନୀ ଖାଁ ପ୍ରମୁଖ ଉପସ୍ଥିତି ଥିଲେ ।

## ରଥଯାତ୍ରା ଆସିଲେ ମନେପଡ଼େ ମନ୍ଦିର କଥା

# ମନ୍ଥର ଗତିରେ ଜଗନ୍ନାଥଙ୍କ ମନ୍ଦିର ନବୀକରଣ



ନୟାଗଡ଼, ( ମହାଭାରତ ) : କେବଳ ରଥଯାତ୍ରା ଆସିଲେ ମନେ ପଡୁଛି ନୟାଗଡ଼ ଜଗନ୍ନାଥ ମନ୍ଦିରର ବିକାଶ ପ୍ରସଙ୍ଗ। ଯାତ୍ରା ଶେଷ ହେଲେ ସତେ ଯେପରି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ଭୁଲି ଯାଉଛି ଦେବୋତ୍ତର ବିଭାଗ ଓ ଜିଲ୍ଲା ପ୍ରଶାସନୟ ରଥଯାତ୍ରା ପରେ ସମନ୍ୱୟ ବୈଠକ କରାଯିବ ବୋଲି ଦେବୋତ୍ତର ବିଭାଗ ପ୍ରତିଶ୍ରୁତି ଦେଉଥିଲେ ମଧ ବୈଠକ ଡାକିବାକୁ ଭୁଲିଯାଉଛି । ଫଳରେ ମନ୍ଦିରର ଅବସ୍ଥା ଦିନକୁ ଦିନ ସଙ୍ଗୀନ ହୋଇପଡୁଛି । ଦୀର୍ଘ ବର୍ଷ ହେଲା ପୂର୍ବ ସରକାରଙ୍କ ଫାଇଭ୍-ଟି ଯୋଜନାରେ ମନ୍ଦିରର ନବୀକରଣ କାର୍ଯ୍ୟ ଚାଲୁ ରହିଛି । ମନ୍ଦିରର ରୋଷ ଘରେ ପାଣି ଗଳୁଛି । ଗୁଣ୍ଡିଚା ମନ୍ଦିରର ସମ୍ପୂର୍ଣ୍ଣ କାମ ଏ ପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ । ଏହାସହ ମହାପ୍ରଭୁଙ୍କର ଜିଲ୍ଲା ବ୍ୟାପୀ ବିକ୍ଷିପ୍ତ ଅବସ୍ଥାରେ ଶହ ଶହ ଏକର ଜମି ପଡ଼ି ରହିଛି । ଅଧିକାଂଶ ଜମିକୁ ବ୍ୟକ୍ତି, ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନ ମାଡ଼ି ବସିଥିବା ନେଇ ଅଭିଯୋଗ ହୋଇଛି । ଏ ନେଇ ମନ୍ଦିର ହେଉ କି ଜିଲ୍ଲା ପ୍ରଶାସନ କିଛି ବି ପଦକ୍ଷେପ ନେଉ ନାହିଁ । ଜଗନ୍ନାଥ ମନ୍ଦିରର ନବୀକରଣ ପାଇଁ ତତ୍କାଳୀନ ରାଜ୍ୟ ସରକାର ଫାଇଭ୍-ଟି ଯୋଜନାରେ ଦୁଇ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ଏଥିରେ ମନ୍ଦିରର ରଙ୍ଗ କାର୍ଯ୍ୟ, ଅବଢ଼ା ପ୍ରସ୍ତୁତ ପାଇଁ ରୋଷ ଘର, ଲାଇଟ୍ ବ୍ୟବସ୍ଥା ସହ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ ବୋଲି କୁହାଗଲାୟ ମାତ୍ର ଏହି ନିର୍ମାଣ କାମ କେବେ ଶେଷ ହେବ, ତାହାର ଉତ୍ତର କେହି ଦେଇ ପାରୁନାହାନ୍ତି । ରୋଷ ଘର ନିର୍ମାଣ କରାଯାଇନଥିବାରୁ ଅବଢ଼ା ପ୍ରସ୍ତୁତରେ ସମସ୍ୟା ସୃଷ୍ଟି ହୋଇଛି । ମନ୍ଦିରର ପହଣ୍ଡି ସେବାୟତ ମାନେ ଏକାଠି ହୋଇ ପ୍ରତ୍ୟେକ ଦିନ ୪୦ ରୁ ୫୦ ଜଣ ଖାଇବା ପାଇଁ ଅବଢ଼ା ପ୍ରସ୍ତୁତ କରୁଛନ୍ତି । ମାତ୍ର ଏହାକୁ ନେଇ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ରୋଷ ଘର ପ୍ରସ୍ତୁତ କରାଯାଇ ଭଲ ସ୍ୱାଦ ଓ ଅଧିକ ପରିମାଣର ଅବଢ଼ା ପ୍ରସ୍ତୁତ କରିବା ପାଇଁ ସେମାନେ ଦାବି କରିଛନ୍ତ । ମନ୍ଦିରରେ ବଡ଼ପଣ୍ଡାଙ୍କର ଅଭାବକୁ ନେଇ ରଥଯାତ୍ରା ପ୍ରସ୍ତୁତି ବୈଠକରେ ସେବାୟତ ମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏବେ କେବଳ ଜଣେ ମାତ୍ର ସେବାୟତ ଥିବାରୁ ମନ୍ଦିରର ନୀତିକାନ୍ତିରେ ସମସ୍ୟା ହେଉଛି । ବିଶେଷକରି ରଥଯାତ୍ରା ସମୟରେ ତିନି ରଥରେ ବଡ଼ପଣ୍ଡାଙ୍କ ଆବଶ୍ୟକତା ରହିଥିବା ବେଳେ ଏହାକୁ ଦେବୋତ୍ତର ବିଭାଗ କିପରି ସମାଧାନ କରିବ, ଏହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରେକର୍ଡ ପତ୍ର ରେ ଜିଲ୍ଲା ରେ ମହାପ୍ରଭୁଙ୍କର ୨୭୦ ଏକର ଜମି ରହିଥିବା ଜଣାପଡ଼ିଛି । ମାତ୍ର ଏହି ଜମି ଜିଲ୍ଲାର କେଉଁ କେଉଁ ବ୍ଲକ୍ରେ ରହିଛି, ଦେବୋତ୍ତର ବିଭାଗ ନିକଟରେ ଏହାର ହିସାବ ନାହିଁ । କେବଳ ଓଡ଼ଗାଁ ବ୍ଲକର ସାକିରି ମୌଜାରେ ୬୦ ଏକର ଜମି ରହିଥିବା ଜଣାପଡ଼ିଥିବା ବେଳେ ନୟାଗଡ଼ରେ ୧୦ ଏକର ଜମି ରହିଛି । ଏ ନେଇ ମନ୍ଦିର ସୁପର୍ଭାଇଜର ସୁବାସ ବରାଡ଼ କୁହନ୍ତି ଯେ, ପିଡବ୍ଲୁଡି ବିଭାଗ ଗୁଣ୍ଡିଚା ମନ୍ଦିରର ଛାତ ପକାଇ ଦେଇଥିବା ବେଳେ ରଥଯାତ୍ରା ପରେ ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହେବ । ପୂର୍ବରୁ ଦୁଇ ଜଣ ବଡ଼ ପଣ୍ଡା ରହିଥିବା ବେଳେ ସେମାନେ ମାସେ ଛଡ଼ା ମାସେ ଦାୟିତ୍ୱ ନିର୍ବାହ କରୁଥିଲେ । ଏବେ କେବଳ ଜଣେ ମାତ୍ର ବଡ଼ ପଣ୍ଡା ରହିଛନ୍ତି । ରଥଯାତ୍ରା ସମୟରେ ଆହୁରି ଦୁଇ ଜଣଙ୍କୁ ନିଯୁକ୍ତି ଦିଆଯିବ । ଜଗନ୍ନାଥ ମନ୍ଦିରରେ ଯାହା ବି କିଛି ସମସ୍ୟା ରହିଛି, ଏହାର ସମାଧାନ ନିମନ୍ତେ ନିଶ୍ଚିତ ପଦକ୍ଷେପ ନିଆଯିବ ।

## ଅବ୍ୟବସ୍ଥା ଘେରରେ ବୋଲେନପଡ଼ା

# ପାନୀୟ ଜଳ ଓ ବିଦ୍ୟୁତ ଯୋଗାଇ ଦେବାକୁ ଦାବି



କୋକସରା,(ମହାଭାରତ) : କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଳ ବୋଲେନପଡ଼ା ଠାରେ ଦୀର୍ଘଦିନ ହେବ ପାନୀୟ ଜଳ ସମସ୍ୟା ଦେଖା ଦେଇଛି । ପଡ଼ାରେ ଆଠରୁ ଦଶ ପରିବାର ବସବାସ କରୁଥିବା ଥିବାବେଳେ ଏଠାରେ ବସବାସ କରିବା ପାଇଁ ଆହୁରି ଅନେକ ଲୋକେ ଘର ନିର୍ମାଣ କରୁଥିବା ଦେଖିବାକୁ ମିଳିଛି ।ସୂଚନା ଅନୁସାରେ ବିଗତ ଦୁଇ ବର୍ଷ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ପଡ଼ାରେ ଏକ ନଳକୂପ ଖନନ ହୋଇଥିଲା । ନଳକୂପ ଟି ପ୍ରାୟ ଦେଢ଼ଶହ ଫୁଟ ଖଣ୍ଡେ ଖୋଳା ହେଇଥିଲା ପରେ ପଥର ପଡ଼ିବାରୁ ଖନନ କାର୍ଯ୍ୟ ବନ୍ଦ କରିଦିଆଯାଇଥିଲା । ପଡ଼ାରେ ଏବେ ପର୍ଯ୍ୟନ୍ତ ଆଉ ଅନ୍ୟତ୍ର କୌଣସି ନଳକୂପ ଖନନ କରାଯାଇ ନାହିଁ । ଯାହା ଫଳରେ ପଡ଼ାରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖା ଦେଇଛି । ସ୍ଥାନୀୟ ଲୋକେ ପ୍ରଶାସନ ଆଗରେ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହେଉଛି । ଲୋକେ ବାଧ ହୋଇ ପିଇବା ପାଣି ପାଣି ସୁନାମାଲ ଗ୍ରାମକୁ ଯାଇଥାଆନ୍ତି । ଯାହାକି ବୋଲେନପଡ଼ା ଠାରୁ ଅନେକ ଦୂର ପଡ଼ିଥାଏ । ସେହିପରି ପଡ଼ାରେ ବିଦ୍ୟୁ ସଂଯୋଗ ମଧ ନଥିବାରୁ ଲୋକେ ଅନ୍ଧକାର ଭିତରେ ରାତି କାଟୁଥିବା ସହ ସରିସୃପ ମାନଙ୍କର ଭୟ ରହୁଥିବା ଅଭିଯୋଗ କରିଛନ୍ତି । ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ କ୍ଷେତ୍ର ଲହଜଲ, ଡମ୍ବରୁଧର ଲହଜଲ, ଦୟା ଲହଜଲ, ରସିକ ପୋଡ଼, ପ୍ରତିମା ହଂସ, ଶ୍ରୀକର ହଂସ, ଧନୁ ପୋଡ଼, ଗଙ୍ଗାବାଲି ଲହଜଲ, ତରୁଣ ଲହଜଲ, ତିଲ ହଂସ ସମେତ ଗ୍ରାମ ବାସୀ ମାନେ ଦାବି କରିଛନ୍ତ ।

# ଅନ୍ଧାରି ଜୀବନ ବିତାଉଛନ୍ତି ଜାମ୍‌ଚୁଆଁ ଗ୍ରାମବାସୀ



ଲାଞ୍ଜିଗଡ(ମହାଭାରତ): ଆଜି ବି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଉପାନ୍ତବାସୀୟ ପିଇବା ପାଇଁ ବିଶୁଦ୍ଧ ଜଳ ତ ଦୂରର କଥା ନାଳ ପାଣି ଉପରେ ନିର୍ଭର କରୁଛନ୍ତି । ରାତିରେ ଅନ୍ଧାରି ଜୀବନ ବିତାଉଛନ୍ତି । ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଜାମ୍‌ଚୁଆଁ ଗାଁ । ଏଠାରେ ୧୫ରୁ ଅଧିକ ପରିବାରରେ ଶହେରୁ ଅଧିକ ଲୋକେ ବସବାସ କରୁଛନ୍ତି । ହେଲେ ଦୁଃଖର ବିଷୟ ଏଠାରେ ଆଜି ପର୍ଯ୍ୟନ୍ତ ପହଞ୍ଚିପାରିନି ମୌଳିକ ସୁବିଧା ସୁଯୋଗ । ଗାଁରେ ପାନୀୟ ଜଳ ସୁବିଧା ନଥିବାରୁ ଲୋକେ ନାଳପାଣି ଆଣି ବ୍ୟବହାର କରୁଛନ୍ତି । ବିଦ୍ୟୁତ ସେବା ତ ନକହିବା ଭଲୟ ଲାଇଟ ଦେଖୁବା ଯେପରି ଏମାନଙ୍କ ପାଇଁ ସାତସପନ ପାଲଟିଛି । ରାତିହେଲେ ଭଗବାନ ଭରସାରେ ରହୁଛନ୍ତି । ହିଂସ୍ର ଜନ୍ତୁଙ୍କ ଭୟ ଲାଗି ରହିଛି । ଖାଲି ଏତିକି ନୁହେଁ ଗାଁରେ ଅଙ୍ଗନବାଡି କେନ୍ଦ୍ରଟିଏ ନଥିବାରୁ କୋମଳମତି ପିଲା ୨କିଲୋମିଟର ପାହାଡି ଅଙ୍କାବଙ୍କା ଘାଟି ଜଙ୍ଗଲ ରାସ୍ତାଦେଇ ବାନ୍ଧୁଁ ଅଙ୍ଗନବାଡି କେନ୍ଦ୍ର ଓ ୩ କିଲୋମିଟର୍ ଦୂର ଭଟାଜରିକୁ ପାଠପଢିବାକୁ ଯାଉଛନ୍ତି । ତେଣୁ ପରିବାର ଲୋକେ ପିଲାଙ୍କୁ ଆଉ ପାଠପଢିବାକୁ ବି ଛାଡୁ ନାହାନ୍ତି । ଗାଁରେ ଥିବା ବିଜୁଳି ସମସ୍ୟାର ସମାଧାନ ପାଇଁ ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ଜିଲ୍ଲା ପ୍ରଶାସନ ନିକଟକୁ ଦୌଡିଦୌଡି ନୟାନ୍ତ ହେଲେଣି ଲୋକେ । ହେଲେ ଖାଲି ପ୍ରତିଶ୍ରୁତି ମିଳିଥିବା ବେଳେ ଫଳଶୂନ । ଏଣୁ ଅତିଶୀଘ୍ର ଗାଁକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଚନ୍ଦ୍ର ମାଝି, ସାନ୍ଦ୍ର ମାଝି, ଭିମ ମାଝି, ପଦ୍ମା ମାଝି, ସରସ୍ତୀ ମାଝି ସମେତ ଗ୍ରାମବାସୀ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି ।

# ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ ବିବାଦ ଚରମସୀମାରେ

ପାରାଦୀପ(ମହାଭାରତ): ପାରାଦୀପର ଅନ୍ୟତମ ପୁରାତନ ଶ୍ରମିକ ସଙ୍ଗଠନ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ(ପିପିଡିଏମୟୁ)ର ବିବାଦ ଚରମସୀମାରେ ପହଂଚିଲାଣି । ଦୁଇ ଗୋଷ୍ଠୀ ପରସ୍ପରକୁ ଦୋଷ ଲଦି ଚାଲିଛନ୍ତି ଯାହା ଫଳରେ କି ବିବାଦ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । ଗତ ଗୁରୁବାର ଦିନ ୟୁନିୟନର ଗୋଟିଏ ଗୋଷ୍ଠୀର ସାଧାରଣ ସମ୍ପାଦକ ସନାତନ ବେହେରା ସାମ୍ବାଦିକ ସମ୍ମିଳନୀରେ ୟୁନିୟନର ବିଭିନ୍ନ ବିବାଦରେ ପାରାଦୀପ ପୋଲିସ୍ ପକ୍ଷପାତିତା କରୁଥିବାର ଅଭିଯୋଗ ଆଣିଥିଲେ । ଏହାକୁ ବିରୋଧ କରି ରବିବାର ଦିନ ଅପରପକ୍ଷ ଗୋଷ୍ଠୀ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦକ ନିରଂଜନ ମହାପାତ୍ର, ବିଜୟ ବରାଳ,କାଳୁ ଚରଣ ବରାଳ, ଚିନ୍ମୟ ନାଥ ପ୍ରମୁଖ ଉପସ୍ଥିତ ଥିଲେ । ପାରାଦୀପ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ହୋଇଥିବା ଆଲୋଚନା ଅନୁଯାୟୀ ପ୍ରତ୍ୟେକ ଗୋଷ୍ଠୀର ୫ଜଣ ସଭ୍ୟ ୟୁନିୟନରେ ଉପସ୍ଥିତ ରହିବେ । ହେଲେ ସନାତନ ବେହେରାଙ୍କ ଦ୍ୱାରା ପରିଚାଳିତ ଗୋଷ୍ଠୀର ସଦସ୍ୟମାନନେ ଅପରପକ୍ଷଙ୍କୁ ୟୁନିୟନରେ ବସିବାର ସୁଯୋଗ ଦେଉନାହାନ୍ତି, ଗାଳିଗୁଲଜ କରିବା ସହିତ ଜୀବନରେ ମାରି ଦେବାକୁ ଧମକ ଚମକ ଦେଉଥିବା ନିରଂଜନ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ୟୁନିୟନର ନିୟମ ଅନୁସାରେ ଅବସରପ୍ରାପ୍ତ କର୍ମଚାରୀ ୟୁନିୟନର କୌଣସି ପଦପଦବୀରେ ରହି ପାରିବେ ନାହିଁ । ହେଲେ ସନାତନ ବେହେରା କିପରି ଏହି ନିୟମକୁ ଉଲ୍ଲଂଘନ କରି ବେନିୟନ ଭାବେ ସାଧାରଣ ସମ୍ପାଦକ ଚୌକିରେ ବସିଛନ୍ତି । ଗତ ୪ବର୍ଷର ୟୁନିୟନର ଆୟବ୍ୟୟର ହିସାବ ସନାତନ ଦେଉନାହାନ୍ତି ବୋଲି ନିରଂଜନ ମହାପାତ୍ର ଅଭିଯୋଗ କରିଛନ୍ତି । ସେହିପରି କାଳୁ ଚରଣ ବରାଳ ଅଭିଯୋଗ କରିଛନ୍ତି ଯେ, ସନାତନ ଓ ତାଙ୍କ ସମର୍ଥକମାନେ ଅସାମାଜିକ ବ୍ୟକ୍ତିମାନଙ୍କୁ ଆଣି ୟୁନିୟନ କାର୍ଯ୍ୟାଳୟରେ ବସାଇ ଗଣ୍ଡଗୋଳ କରିବା ପାଇଁ ଉଦ୍ୟମ କରୁଛନ୍ତି । ୟୁନିୟନର ୨ଗୋଟି କାର୍ ଥିବା ବେଳେ ସନାତନ ବେହେରା ଏହି ଗାଡି ଦୁଇଟିର ଅପବ୍ୟବହାର କରୁଥିବା ବିଜୟ ବରାଳ ଅଭିଯୋଗ କରିଥିଲେ । ଏହି ବିବାଦରେ ଶ୍ରମ ଅଧିକାରୀ ଓ ପ୍ରଶାସନ ହସ୍ତକ୍ଷେପ ନକଲେ ଆଗାମୀ ଦିନରେ ଏହି ବିବାଦ ଭୟଙ୍କର ରୂପ ନେଇପାରେ ।

## ରାସନ କାର୍ଡ ଇ-କେୱାଇସି ପାଇଁ ଇଣ୍ଟରନେଟ୍ ସମସ୍ୟା

# ୯ଟି ଖୁଚୁରା ବିକ୍ରୟ କେନ୍ଦ୍ରରେ ହୋଇପାରୁନି ପଞ୍ଜୀକରଣ



ନୟାଗଡ଼, ( ମହାଭାରତ ) : ରାସନ କାର୍ଡରେ ସରକାରୀ ସୁବିଧା ସୁଯୋଗ ଉପଭୋଗ କରୁଥିବା ହିତାଧିକାରୀ ମାନଙ୍କର ସମସ୍ତ ତଥ୍ୟ ସଂଗୃହୀତ କରିବା ପାଇଁ ଇ-କେୱାଇସି ପଞ୍ଜୀକରଣ ଚାଲୁ ରହିଛି । ନିର୍ଦ୍ଧାରିତ ତାରିଖ ମଧ୍ୟରେ ଏହି କାର୍ଯ୍ୟ ଶେଷ ନ ହେବାରୁ ଏହାର ଅବଧିକୁ ବାରମ୍ବାର ବଢ଼ାଇ ଦିଆଯାଉଛି । ତଥାପି ନୟାଗଡ଼ ଜିଲ୍ଲାରେ ସମସ୍ତ ହିତାଧିକାରୀଙ୍କ ପଞ୍ଜୀକରଣ ଶେଷ ହେଉନାହିଁ । ବିଶେଷ କରି ଜିଲ୍ଲାର ବିଭିନ୍ନ ଗାଁରେ ଇଣ୍ଟରନେଟ୍ ସେବା ନଥିବାରୁ ସମସ୍ୟା ବଢ଼ିଯାଇଛି । ତଥାପି ବର୍ତ୍ତମାନ ସୁଦ୍ଧା ଜିଲ୍ଲା ଯୋଗାଣ ବିଭାଗ ୯୪% ହାରରେ ୬ ଲକ୍ଷ ୯୬ ହଜାର ୭୨୬ ଜଣ ହିତାଧିକାରୀଙ୍କ ପଞ୍ଜୀକରଣ ଶେଷ କରିସାରିଛି । ବର୍ତ୍ତମାନ ସୁଦ୍ଧା ବାକି ଥିବା ଆହୁରି ୪୨ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କର ପଞ୍ଜୀକରଣ ଖୁବ୍‌ଶୀଘ୍ର ଶେଷ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତି ସୂଚନା ପ୍ରଦାନ କରିଛନ୍ତି ଯୋଗାଣ ଅଧିକାରୀ ଶ୍ରୀ ମହାନ୍ତିଙ୍କ ସୂଚନା ମୁତାବକ, ନୟାଗଡ଼ରେ ରାଜ୍ୟ ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ୨୯୧ କେନ୍ଦ୍ରରେ ମୋଟ୍ ୭ ଲକ୍ଷ ୩୩ ହଜାର ୪୪ ଜଣ ରାସନ କାର୍ଡ ହିତାଧିକାରୀ ରହିଛନ୍ତି । ପୂର୍ବରୁ ୯ଟି ଖୁଚୁରା ବିକ୍ରୟ କେନ୍ଦ୍ରରେ ପ୍ରାୟ ୨୦,୯୩୨ ଜଣ ହିତାଧିକାରୀଙ୍କର ଅଲାଇନରେ ପଞ୍ଜୀକରଣ କରାଯାଉଥିଲା । ସେଥିମଧ୍ୟରୁ ଦଶପଲ୍ଲାର ସର୍ବାଧିକ ୫ଟି କେନ୍ଦ୍ର ଥିବା ବେଳେ ନୂଆଗାଁରେ ୨ଟି ଗଣିଆରେ ଓ ରଣପୁରରେ ଗୋଟିଏ ଲେଖାଏଁ କେନ୍ଦ୍ରରେ ଏହି ସମସ୍ୟା ରହିଛି । ବ□ମାନ ୫ଟି କେନ୍ଦ୍ରରେ ବିକଳ୍ପ ବ୍ୟବସ୍ଥା ଅର୍ଥାତ ଆଣ୍ଟିନା ଲଗାଯାଇ ଏବେ ହିତାଧିକାରୀଙ୍କର ପଞ୍ଜୀକରଣ ଚାଲିଛି । ଫଳରେ ଆଉ ୪ଟି କେନ୍ଦ୍ରରେ ଅଲାଇନରେ ୬,୬୧୬ ଜଣଙ୍କର ହିତାଧିକାରୀଙ୍କର ପଞ୍ଜୀକରଣ କରାଯିବ । ଏହା ସହ ଅଧିକାଂଶ ଛୋଟ ପିଲାଙ୍କର ପଞ୍ଜୀକରଣରେ ସମସ୍ୟା ହେଉଛି । ଯେହେତୁ ସେମାନେ ନୂତନ ଭାବେ ଆଧାର କାର୍ଡ ଗ୍ରହଣ କରିନାହାନ୍ତି । ସେଥିପାଇଁ ପଞ୍ଜୀକରଣରେ ସମସ୍ୟା ହେଉଛି । ଭାପୁର ବ୍ଲକ୍ ରେ ୫,୧୧୯ ଜଣ ବର୍ତ୍ତମାନ ସୁଦ୍ଧା ପଞ୍ଜୀକରଣ କରିନଥିବା ବେଳେ ଦଶପଲ୍ଲା ବ୍ଲକ୍ ରେ ୫,୪୦୯ ଜଣ, ଗଣିଆ ବ୍ଲକ୍ ରେ ୭୭୯, ଖଣ୍ଡପଡ଼ା ବ୍ଲକ୍ ରେ ୪,୩୦୨, ଖଣ୍ଡପଡ଼ା ଏନ୍ଏସି ରେ ୨୭୬, ନୟାଗଡ଼ ବ୍ଲକ୍ ରେ ୭,୪୯୩, ନୟାଗଡ଼ ମ୍ୟୁନିସିପାଲିଟି ରେ ୪୪୦, ନୂଆଗାଁ ବ୍ଲକ୍ ରେ ୩,୬୫୯, ଓଡ଼ଗାଁରେ ୭,୩୨୮ ଓ ରଣପୁରରେ ସର୍ବାଧିକ ୮,୧୨୬ ଜଣ ରାସନକାର୍ଡ ହିତାଧିକାରୀ ପଞ୍ଜୀକରଣ କରିନାହାନ୍ତି । ଏହି ପଞ୍ଜୀକରଣ ଶେଷ ହେବା ପରେ ଜିଲ୍ଲାରେ ବାସ୍ତବରେ କେତେ ରାସନ କାର୍ଡ ଉପଭୋକ୍ତା ରହିଛନ୍ତି, ସ୍ପଷ୍ଟ ହୋଇଯିବ । ପୂର୍ବ ସରକାରଙ୍କ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାସନ କାର୍ଡ ହିତାଧିକାରୀଙ୍କୁ ବ୍ୟାଗ୍ ଓ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ସମୟରେ ପ୍ରାୟ ୮ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ବ୍ୟାଗ୍ ଓ ଟଙ୍କା ନେବାକୁ ଆସିନଥିଲେ । ଫଳରେ ଏମାନେ ଭୂତ ରାସନ କାର୍ଡ ହିତାଧିକାରୀ ବୋଲି ଚର୍ଚ୍ଚା ହୋଇଥିଲା । ବହୁ ଥିଲାବାଲା ଘରର ସଦସ୍ୟ ସମସ୍ତଙ୍କ ସାମ୍ନାରେ ଏହି ସହାୟତା ରାଶି ନେବାକୁ କୁଣ୍ଠାବୋଧ କରିଥିଲେ । ବର୍ତ୍ତମାନ ଏପରି ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଇ-କେୱାସି ପଞ୍ଜୀକରଣ ଯୋଜନା କରାଯାଇଛି । ଏଣୁ ଏହାକୁ ସଫଳତାର ସହ ଶେଷ କରିବା ପାଇଁ ଯୋଗାଣ ବିଭାଗ ଜୋଦାର୍ କସରତ ଚଳାଇଛି ।

## ଅହମଦାବାଦରୁ ଲଣ୍ଡନ ଯିବାକୁ ଥିବା ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି, ବାତିଲ ହେଲା ବିମାନ ସେବା

ପୁଣି ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି । ବିମାନରେ ସମସ୍ୟା ଦେଖାଦେବା ପରେ ଅହମ୍ମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ବାତିଲ । ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ପ୍ରଥମ ଥର ପାଇଁ ଆଜି ଆଉ ଏକ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ବାତିଲ ହୋଇଛି । ଫଳରେ ୨୦୦ ଯାତ୍ରୀ ପ୍ରଭାବିତ ହୋଇଛନ୍ତି ।

ଖବର ମୁତାବକ, ଅହମ୍ମଦାବାଦରୁ ଲଣ୍ଡନ ଯାଇଥାନ୍ତା ଏୟାର ଇଣ୍ଡିଆ ବିମାନ ଇଓ ୧୫୯ । ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଉଡ଼ାଣ ହେବାର କିଛି ସମୟ ପୂର୍ବରୁ ବାତିଲ କରାଯାଇଛି ।

ପୂର୍ବରୁ ସାନ୍ ଫ୍ରାନ୍ସିସ୍କୋରୁ ମୁମ୍ବାଇ ଯାଉଥିବାବେଳେ ପୁଣି ଜରୁରୀ ଅବତରଣ କରିଛି ଏୟାର ଇଣ୍ଡିଆ ବିମାନ । ପୁଣି ବିମାନରେ ଦେଖାଦେଇଛି ଯାନ୍ତ୍ରିକ ତ୍ରୁଟି । ମଙ୍ଗଳବାର ଦିନ ବିମାନର ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ କୋଲକାତାରେ ଅବତରଣ କରିଛି ବିମାନ । ଫଳରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବିମାନରୁ ଓହ୍ଲାଇ ଦିଆଯାଇଥିଲା ।

ଗତ ୧୨ ତାରିଖରେ ଅହମ୍ମଦାବାଦରୁ ଲଣ୍ଡନ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୨୪୧ ଜଣ ପ୍ରାଣ ହରାଇଥିଲେ । ଦୁର୍ଘଟଣା ପରେ ଅହମ୍ମଦାବାଦ-ଲଣ୍ଡନ ଏୟାର ଇଣ୍ଡିଆ ବିମାନ ଇଓ୧୭୧ର ନାଁ ପରିବର୍ତ୍ତନ ହୋଇ ଇଓ ୧୫୯ ରଖାଯାଇଛି ।

## ୨୦୦ ଫୁଟ ଖାଇକୁ ଖସିଲା ବସ୍, ଡ୍ରାଇଭର ସମେତ ୨ ମୃତ, ୨୦ ଆହତ

ହିମାଚଳ ପ୍ରଦେଶ : ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାରେ ଏକ ଭୟାବହ ବସ୍ ଦୁର୍ଘଟଣା । ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଦୁର୍ଘଟଣା ମଣ୍ଡି ଜିଲ୍ଲାର ସରକାଘାଟ ଉପଖଣ୍ଡର ସାନୋଟ ଗାଁ ନିକଟରେ ଘଟିଛି । ପୋଲିସ ମୁତାବକ, ହିମାଚଳ ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ (ଐଜଞଉ)ର ଏକ ବସ୍ ୨୦୦ ଫୁଟ ଗଭୀର ଖାଇରେ ଖସି ପଡ଼ିଥିଲା । ବସଟି ମଣ୍ଡିରୁ ଧରମପୁର ଅଭିମୁଖେ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇଥିଲେ । ବସରେ ପ୍ରାୟ ୨୫ ଜଣ ଯାତ୍ରୀ ଥିବା ଜଣାପଡ଼ିଛି ।

ଦୁର୍ଘଟଣା ଖବର ପାଇବା ମାତ୍ରେ ସ୍ଥାନୀୟ ଲୋକେ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଆହତମାନଙ୍କୁ ତୁରନ୍ତ ନିକଟସ୍ଥ ସରକାଘାଟ ସିଭିଲ ହସ୍ପିଟାଲକୁ ନିଆଯାଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଅନେକ ଯାତ୍ରୀଙ୍କ ଜୀବନ ରକ୍ଷା କରାଯାଇଛି । ତେବେ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଏବଂ ଏହାର ତଦନ୍ତ ଚାଲିଛି । ହିମାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏହି ଦୁର୍ଘଟଣାରେ ମୃତମାନଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନକୁ ଆହତମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୃତକମାନଙ୍କ ପରିବାରକୁ ୨୫,୦୦୦ ଟଙ୍କାର ତୁରନ୍ତ ସହାୟତା ଏବଂ ଆହତମାନଙ୍କୁ ୫,୦୦୦ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରାଯାଇଛି ।

## ପ୍ରବଳ ପବନ ବହିବା ସାଙ୍ଗକୁ ମୁମ୍ବାଇରେ ବର୍ଷା ଜାରି, ରାସ୍ତା ଉପରେ ଜମିଛି ୬ ଫୁଟ ଉଚ୍ଚତାର ପାଣି

ମୁମ୍ବାଇ: ପ୍ରବଳ ବର୍ଷାରେ ଉବୁଟୁବୁ ମାୟାନଗରୀ । ମୁମ୍ବାଇରେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଦାଉ ସାଧିଛି । ଲଗାଣ ବର୍ଷା ଯୋଗୁ ମୁମ୍ବାଇ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଚଳିତ ବର୍ଷ ରାଜ୍ୟକୁ ମୌସୁମୀ ଶୀଘ୍ର ଆସିଛି ଫଳରେ ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟାରେ ୧୦୦ ମିଲିମିଟରୁ ଅଧିକ ବର୍ଷା ରେକର୍ଡ ହୋଇଛି ।

ପ୍ରବଳ ପବନ ବହିବା ସାଙ୍ଗକୁ ବର୍ଷା ଜାରି ରହିଛି । ପାଣିପାଗ ଅନୁସାରେ ଆସନ୍ତା ବୁଧବାରରେ ବର୍ଷାର ପରିମାଣ କମିବ କିନ୍ତୁ ସପ୍ତାହ ପର୍ଯ୍ୟନ୍ତ ବର୍ଷା ହେବା ନେଇ ସମ୍ଭାବନା ରହିଛି । ପ୍ରବଳ ବର୍ଷା ପାଇଁ ମୁମ୍ବାଇକୁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏଥିପାଇଁ ଘରୁ ନବାହାରିବା ପାଇଁ ପରାମର୍ଶ ଦେଇଛି ପ୍ରଶାସନ । ପ୍ରବଳ ବର୍ଷା ଯୋଗୁ ମୁମ୍ବାଇର ତଳିଆ ଅଞ୍ଚଳ ଗୁଡ଼ିକରେ ପାଣି ଜମିବା ଆରମ୍ଭ ହୋଇଛି । ରାସ୍ତା ଉପରେ ୫ରୁ ୬ ଫୁଟ ଉଚ୍ଚତାରେ ପାଣି ଜମିଛି । ଯାହାଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି ଏବଂ ଟ୍ରେନ୍ ଏବଂ ମେଟ୍ରୋ ରେଳ ସେବାରେ ବାଧା ସୃଷ୍ଟି ହୋଇଛି । ଏପଟେ ମୁମ୍ବାଇର ପ୍ରତିକୂଳ ପାଗକୁ ନେଇ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି କି, ମୁମ୍ବାଇରେ ପ୍ରବଳ ବର୍ଷା ଜାରି ରହିଛି, ଏବଂ ସହରର ଅନେକ ସ୍ଥାନରେ ରାସ୍ତା ଅବସ୍ଥା ଠିକ୍ ନାହିଁ । ବିମାନବନ୍ଦରକୁ ଯାଉଥିବା କିଛି ରାସ୍ତାରେ ଜଳବନ୍ଦୀ ଏବଂ କମ୍ ଦୃଶ୍ୟମାନତା ରିପୋର୍ଟ କରାଯାଉଛି । ସେପଟେ ପାଣିପାଗ ବିଭାଗ ଜୁନ୍ ୨୨ ପର୍ଯ୍ୟନ୍ତ କୋଙ୍କଣ, ଗୋଆ, ମଧ୍ୟ ମହାରାଷ୍ଟ୍ର, ଗୁଜରାଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି । ଅନ୍ୟପକ୍ଷରେ, ସୌରାଷ୍ଟ୍ର ଏବଂ କଚ୍ଛରେ ଆଜି ପ୍ରବଳବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ କହିଛି ଯେ, ମଙ୍ଗଳବାର ଦିନ ଗୁଜରାଟ ଏବଂ ମଧ୍ୟପ୍ରଦେଶର କିଛି ଅଂଶ, ବିଦର୍ଭର ଅବଶିଷ୍ଟ ଅଂଶ; ଛତିଶଗଡ଼ ଏବଂ ଓଡ଼ିଶାର କିଛି ଅଂଶ, ଉପ-ହିମାଳୟ ପଶ୍ଚିମବଙ୍ଗ ଏବଂ ସିକିମର ଅବଶିଷ୍ଟ ଅଂଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି ।

## ଇସ୍ରାଏଲ-ଇରାନ ଯୁଦ୍ଧରେ ଟ୍ରମ୍ପଙ୍କ ଚେତାବନୀ

ତେହେରାନ ଉପରେ ହେବ ଭୟଙ୍କର ଆକ୍ରମଣ । ତୁରନ୍ତ ତେହେରାନ ଛାଡିବାକୁ ଆହ୍ୱାନ ଦେଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ । ଇସ୍ରାଏଲ -ଇରାନ ଉତ୍ତେଜନା ଭିତରେ ଟ୍ରମ୍ପଙ୍କ ଏପରି ବୟାନ, ଇରାନ ଉପରେ ବଡ଼ ଆକ୍ରମଣ ଆଶଙ୍କା ବଢ଼ି ଯାଇଛି । ଇରାନକୁ କଡା ଚେତାବନୀ ଶୁଣାଇଛନ୍ତି ଆମେରିକା ରାଷ୍ଟ୍ରପତି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଇରାନ ବିଷୟରେ ଏକ ପୋଷ୍ଟ ସେୟାର କରିଛନ୍ତି । ସେ ଲେଖିଛନ୍ତି ଯେ, “ମୁଁ କହିଥିବା ଚୁକ୍ତିରେ ଇରାନ ସ୍ୱାକ୍ଷର କରିବା ଉଚିତ ଥିଲା । ଏହା ଲଜ୍ଜାଜନକ ଏବଂ ମାନବ ଜୀବନର ନଷ୍ଟ । କହିବାକୁ ଗଲେ, ଇରାନ ପରମାଣୁ ଅସ୍ତ୍ର ରଖିପାରିବ ନାହିଁ । ମୁଁ ଏହା ବାରମ୍ବାର କହିଛି । ସମସ୍ତେ ତୁରନ୍ତ ତେହେରାନ ଛାଡିବା ଉଚିତ । ଆହୁରି ମଧ୍ୟ ସୋସିଆଲ ମିଡିଆରେ ଲେଖିଛନ୍ତି



ଯେ ଯେପରି ବାଣିଜ୍ୟ ମାଧ୍ୟମରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ଉତ୍ତେଜନା ହ୍ରାସ କରିଛି । ସେହିପରି ସେ ଇସ୍ରାଏଲ୍ ଏବଂ ଇରାନକୁ ଆଲୋଚନା ଟେବୁଲକୁ ଆଣିପାରିବେ । ଏହାସହ ତୁରନ୍ତ ତେହେରାନ ଛାଡିବାକୁ ଆହ୍ୱାନ ଦେଇଛନ୍ତି ଟ୍ରମ୍ପ । ଆମେରିକାର ରାଷ୍ଟ୍ରପତି ଜି-୭ ସମ୍ମିଳନୀରେ ଯୋଗ ଦେବାକୁ କାନାଡା ଯାଇଥିଲେ । କିନ୍ତୁ ମଧ୍ୟପ୍ରାଚ୍ୟ ସ୍ଥିତି ଦେଖି ଧାର୍ଯ୍ୟ ସମୟର ଦିନକ ପୂର୍ବରୁ ଆମେରିକା ଫେରିଛନ୍ତି ଟ୍ରମ୍ପ । ତେଣୁ ଅନେକ ଅନୁମାନ କରାଯାଉଛି, ଇରାନ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ ହେବାକୁ ଯାଉଛି । ଅନ୍ୟପଟେ ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଛି ଜୋରଦାର ଆକ୍ରମଣ ବଢି ଚାଲିଛି । ଇସ୍ରାଏଲ ଆକ୍ରମଣରେ ଏ ପର୍ଯ୍ୟନ୍ତ ଇରାନର ୨୨୪ ଜଣଙ୍କ ପ୍ରାଣ ହରାଇଛନ୍ତି । ସେହିପରି ଇରାନ ଆକ୍ରମଣରେ ଇସ୍ରାଏଲରେ ୨୪ ଜଣଙ୍କ ମୃତ୍ୟୁ ଘଟିଛି ।

# ଆଉ ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାର ବନ୍ଦ ରହିବନି ରେଜିଷ୍ଟ୍ରି ଅଫିସ

ଏବେଠୁ ପ୍ରତି ଶନିବାର ମଧ ଖୋଲା ରହିବ ରେଜିଷ୍ଟ୍ରି ଅଫିସ୍ । ଆଉ ମାସର ଦ୍ୱିତୀୟ ଓ ଚତୁର୍ଥ ଶନିବାର ବନ୍ଦ ରହିବନି ରେଜିଷ୍ଟ୍ରି ଅଫିସ । ସୁପ୍ରିମକୋର୍ଟର ନିୟମରେ ଏକ ବଡ଼ ପରିବର୍ତ୍ତନ । ତେବେ ଆସନ୍ତୁ ଜାଣିବା ଏହି ନିୟମ କେବେଠୁ ଲାଗୁ କରାଯିବ । ସୁପ୍ରିମକୋର୍ଟଙ୍କ ନିୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି । ରାଷ୍ଟ୍ରପତିଙ୍କ ଅନୁମୋଦନରେ ସୁପ୍ରିମକୋର୍ଟ ନିଜେ ଏହି ପରିବର୍ତ୍ତନ କରିଛି । ନୂତନ ବିଜ୍ଞପ୍ତି ଅନୁଯାୟୀ, ସୁପ୍ରିମକୋର୍ଟର କାର୍ଯ୍ୟାଳୟଗୁଡ଼ିକ ଏବେ ନିର୍ଦ୍ଧାରିତ ଛୁଟିଦିନଗୁଡ଼ିକୁ ବାଦ ଦେଇ ସମସ୍ତ କାର୍ଯ୍ୟ ଦିବସରେ ସକାଳ ୧୦ ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ କାର୍ଯ୍ୟ କରିବ ।



ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ସଂଶୋଧନ ପରେ, ସୁପ୍ରିମକୋର୍ଟର ରେଜିଷ୍ଟ୍ରି ଏବଂ କାର୍ଯ୍ୟାଳୟ ଶନିବାର ଦିନ ମଧ ଖୋଲା ରହିବ । ଆପଣ ଜାଣିଥିବେ ପୂର୍ବରୁ ସୁପ୍ରିମକୋର୍ଟର ରେଜିଷ୍ଟ୍ରି କାର୍ଯ୍ୟାଳୟ ଶନିବାର ଦିନ ବନ୍ଦ ରହୁଥିଲା, କିନ୍ତୁ ବର୍ତ୍ତମାନର ଏହି ସଂଶୋଧନ ପରେ, ଏହା ପ୍ରତି ଶନିବାର ସକାଳ ୧୦ ଟାରୁ ଅପରାହ୍ନ ୧ ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିପାଇଁ ସୁପ୍ରିମକୋର୍ଟ ଦ୍ୱାରା ଏକ ନୋଟିସ ମଧ ଜାରି କରାଯାଇଛି ।

ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ସୁପ୍ରିମକୋର୍ଟ ଦ୍ୱାରା ଜାରି ନୋଟିସରେ କ'ଣ ଲେଖାଯାଇଛି । ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି ନୋଟିସରେ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସଂଶୋଧନଗୁଡ଼ିକ ଉଲ୍ଲେଖ କରାଯାଇଛି । ନୋଟିସ ଅନୁଯାୟୀ, ସମ୍ବିଧାନର ଧାରା ୧୪୫ ଅନୁଯାୟୀ, ସୁପ୍ରିମକୋର୍ଟ ରାଷ୍ଟ୍ରପତିଙ୍କ ଅନୁମୋଦନରେ ସୁପ୍ରିମକୋର୍ଟ ନିୟମ ୨୦୧୩ ମସିହାର ଅର୍ଡର ୨ର ନିୟମ ୧, ୨ ଏବଂ ୩ ସଂଶୋଧନ କରିଛନ୍ତି । ଏହି ସଂଶୋଧନ ପରେ, ସୁପ୍ରିମକୋର୍ଟର ରେଜିଷ୍ଟ୍ରି ଏବଂ କାର୍ଯ୍ୟାଳୟଗୁଡ଼ିକ ଏବେ ପ୍ରତି ଶନିବାର ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଏହି ପରିବର୍ତ୍ତନ ଆସନ୍ତା ମାସରୁ ଦେଖାଯିବ ଅର୍ଥାତ୍ ଏହି ନିୟମଗୁଡ଼ିକ ୧୪ ଜୁଲାଇ, ୨୦୨୫ରୁ କାର୍ଯ୍ୟକାରୀ ହେବ । ଏ ସମ୍ପର୍କରେ ସୁପ୍ରିମକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ଏହି ସଂଶୋଧନର ବିଜ୍ଞପ୍ତି ୧୪ ଜୁନ୍ ୨୦୨୫ରେ ଭାରତୀୟ ଗେଜେଟ୍ ?ରେ ପ୍ରକାଶିତ ହୋଇଛି । ଯଦି ଆପଣ ସେହି ବିଜ୍ଞପ୍ତି ଦେଖିବାକୁ ଚାହାଁନ୍ତି, ତେବେ ଆପଣ ସୁପ୍ରିମକୋର୍ଟର ସରକାରୀ ୱେବସାଇଟକୁ ଯାଇ ଦେଖିପାରିବେ ଏବଂ ଏହି ସଂଶୋଧନ ସମ୍ପର୍କରେ ଜାରି ହୋଇଥିବା ବିଜ୍ଞପ୍ତି ଦେଖିପାରିବେ । ଖ୍ରୀଷ୍ଟମାସ କିମ୍ବା ନୂତନ ବର୍ଷ ଭଳି ବିଶେଷ ଛୁଟିଦିନ ପାଇଁ, କାର୍ଯ୍ୟ ସମୟ ଭାରତର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ପ୍ରତ୍ୟେକ ମାମଲା ଆଧାରରେ ନିର୍ଣ୍ଣୟ ଏବଂ ଘୋଷଣା କରାଯିବ ।

# ତେହରାନ ଉପରେ ଆକ୍ରମଣ କଲା ଇସ୍ରାଏଲ



ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ଉଗ୍ର ରୂପ ନେବାରେ ଲାଗିଛି । ଇରାନକୁ ପୁଣି ବଡ଼ ଝଟକା । ଇସ୍ରାଏଲ ଆକ୍ରମଣରେ ଇରାନର ନୂଆ ଆର୍ମି ଚିଫ୍ ନିହତ । ୱାର ଟାଇମ୍ ଚିମିଅଫ୍ ଷ୍ଟାଫ ଅଲ୍ଲୀ ଶାଦମାମୀଙ୍କ ମୃତ୍ୟୁ ହୋଇଥିବା ଦାବି କରିଛି ଆଇଡିଏଫ୍ । ଇରାନ ତାଙ୍କୁ ଯୁଦ୍ଧ ସମୟରେ ସେନାର ମୁଖ୍ୟ ଭାବେ ନିଯୁକ୍ତ କରିଥିଲା । ଗତକାଲି ରାତିରେ ତେହରାନରେ ହୋଇଥିବା ଏୟାରଷ୍ଟ୍ରାଇକରେ ଶାଦମାମୀଙ୍କ ମୃତ୍ୟୁ ହୋଇଥିବା କହିଛି ଇସ୍ରାଏଲ । ଇରାନର ବରିଷ୍ଠ ସାମରିକ ଅଧିକାରୀ ଥିଲେ ଶାଦମାମୀ । ଏହା ସହ ସୁପ୍ରିମ ଲିଡର ଆୟୋତୋଲ୍ଲା ଅଲ୍ଲି ଖାମନେଇଙ୍କ ନିକଟତମ ସାମରିକ ପରାମର୍ଶଦାତା ଥିଲେ । ଓଉର ଅନୁଯାୟୀ, ଶାଦମାନୀ ଇରାନୀ ସଶସ୍ତ୍ର ବାହିନୀର ଜରୁରୀକାଳୀନ କମାଣ୍ଡ ଓ ଖାତାମ ଅଲ-ଆନବିୟା ମୁଖ୍ୟାଳୟର କମାଣ୍ଡର ଥିଲେ । ଏହା ପୂର୍ବରୁ ଇସ୍ରାଏଲ ହମଲାରେ ଇରାନ ସେନା ମୁଖ୍ୟ ଏବଂ ରିଭୋଲ୍ୟୁସନାରୀ ଗାର୍ଡର ମୁଖ୍ୟ ହୁସେନ ସଲାମୀଙ୍କ ସହ ସେନା ମୁଖ୍ୟ ଜେନେରାଲ ମହମ୍ମଦ ବାଘେରିଙ୍କ ମୃତ୍ୟୁ ହୋଇଥିଲା । ଇସ୍ରାଏଲର ୨୦୦ ଫାଇଟର ଜେଟ୍ ଆକ୍ରମଣ ରେ ଇରାନ ସେନା ମୁଖ୍ୟ, ରିଭୋଲ୍ୟୁସନାର ଗାର୍ଡ କମାଣ୍ଡର ଓ ଏମର୍ଜେନସୀ କମାଣ୍ଡର ମୁଖ୍ୟ ନିହତ ହୋଇଥିବା କହିଥିଲା ଆଇଡିଏଫ୍ । ସେପଟେ ତେହରାନବାସୀ ସହର ଛାଡ଼ି ଚାଲିଯାଉଛନ୍ତି । ଲୋକେ ଭୟଭୀତ ହୋଇ ସହର ଛାଡୁଥିବା ଦେଖିବାକୁ ମିଳିଛି । ଯେକୌଣସି ମୁହୂର୍ତ୍ତରେ ବଡ଼ ଧରଣର ଆକ୍ରମଣ ଆଶଙ୍କା ଥିବାରୁ ସୁରକ୍ଷିତ ସ୍ଥାନକୁ ଚାଲିଯାଉଛନ୍ତି ଲୋକ । ଭାରତ ନାଗରିକମାନଙ୍କ ପାଇଁ ଏକ ନୂତନ ପରାମର୍ଶ ଜାରି କରିଛି । ଭାରତ ଏହାର ନାଗରିକମାନଙ୍କୁ ତୁରନ୍ତ ତେହେରାନ ଛାଡିବାକୁ କହିଛି । ତେହେରାନରୁ ବାହାରକୁ ଯିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ସେମାନଙ୍କୁ ଭାରତୀୟ ଦୂତାବାସ ସହିତ ଯୋଗାଯୋଗରେ ରହିବା ଏବଂ ସୁରକ୍ଷିତ ସ୍ଥାନରେ ରହିବାକୁ କୁହାଯାଇଛି ।

## ଆମେରିକାରେ ହଟହଟା ହେଲେ ମୁନିର

ୱାଶିଂଟନ,୧୮।୬:ପାକିସ୍ତାନ ସେନାମୁଖ୍ୟ ଜେନେରାଲ ସୟେଦ ଅସିମ୍ ମୁନୀର ଆମେରିକା ଗସ୍ତରେ ଯାଇଥିବାବେଳେ ୱାଶିଂଟନରେ ହଟହଟାର ସମ୍ମୁଖୀନ ହୋଇଛନ୍ତି । ସେ ରହୁଥିବା ହୋଟେଲ ନିକଟରେ ପାକିସ୍ତାନୀ ନାଗରିକ ଓ ମୂଳବାସିନ୍ଦାମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାକିସ୍ତାନରେ ମୁକ୍ତ ଗଣତନ୍ତ୍ର ପୁନଃସ୍ଥାପନା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଲୋକେ ‘ଅସିମ ମୁନୀର ଭୀରୁ, ପାକିସ୍ତାନୀଙ୍କ ଗଣହତ୍ୟାକାରୀ’ କହିବା ସହ ଏକଛତ୍ରବାଦୀ ତୁମକୁ ନେଇ ଆମେ ଲଜ୍ଜିତ ବୋଲି କହିଥିଲେ। ଅଟକାଇବାକୁ ଚାହୁଁଥିବା ଅଧିକାରୀମାନଙ୍କ ସହ ବିକ୍ଷୋଭକାରୀଙ୍କର ଯୁକ୍ତି ହୋଇଥିଲା।

## ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଭାରତ ଜାରି କଲା ଆଡଭାଇଜରୀ

ଇରାନ-ଇସ୍ରାଏଲ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଭାରତୀୟ ଦୂତାବାସ ପକ୍ଷରୁ ଏକ ପରାମର୍ଶ ଜାରି କରାଯାଇଛି । ସମ୍ଭବ ହେଲେ ତେହେରାନରୁ ବାହାରକୁ ଚାଲିଯାଆନ୍ତୁ ବୋଲି ଭାରତୀୟ ଦୂତବାସ ପରାମର୍ଶ ଜାରି କରିଛି । ଏଥିପାଇଁ ଭାରତୀୟ ବିଦେଶ ମନ୍ତ୍ରଣାଳୟ ଏକ କଣ୍ଟ୍ରୋଲ ରୁମ୍ କରିଛି ।



ଇରାନରୁ ବାହାରୁଥିବା ଭାରତୀୟଙ୍କୁ ନେଇ କଣ୍ଟ୍ରୋଲ ରୁମରେ ୨୪ ଘଣ୍ଟିଆ ସେବା ଦିଆଯାଉଛି ।

ଏଥିପାଇଁ ସରକାରଙ୍କ ତରଫରୁ ଏକ ହେଲପଲାଇନ ନମ୍ବର ଜାରି କରାଯାଇଛି । ମେଲ କରି ସରକାରଙ୍କୁ ନିଜ ପ୍ରିୟଜନ ବିଷୟରେ ସୂଚନା ପାଇପାରିବେ ପରିବାର ଲୋକ ।

ଗତକାଲି ଇସ୍ରାଏଲ ସେନା ଇରାନ ରାଜଧାନୀ ତେହରାନର ବିଭିନ୍ନ ଅଞ୍ଚଳରେ ରହୁଥିବା ଲୋକଙ୍କୁ ତୁରନ୍ତ ସ୍ଥାନ ଛାଡ଼ି ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସତର୍କ ସୂଚନା ଜାରି କରିଛି । ଇସ୍ରାଏଲ କହିଛି, ଏହା ଇରାନର ରାଜଧାନୀରେ ଥିବା ବିଭିନ୍ନ ସାମରିକ ସ୍ଥଳ ଉପରେ ଆକ୍ରମଣ ଯୋଜନା କରିଛି । ଇସ୍ରାଏଲର ଏହି ଚେତାବନୀ ପରେ ତେହରାନର ବିଭିନ୍ନ ସ୍ଥାନରୁ ଲୋକମାନେ ସୁରକ୍ଷିତ ସ୍ଥାନକୁ ପଳାଇବାରେ ଲାଗିଛନ୍ତି ।

ଇସ୍ରାଏଲ ବାୟୁସେନା ଗତକାଲି ତେହରାନରେ ଇରାନର ସରକାରୀ ଗଣମ ?ାଧ୍ୟମ ଅଫିସ୍ ଆଇଆରଆଇଏନ୍ଏନ୍ ଉପରେ ଆକ୍ରମଣ କରିଛି । ପ୍ରସାରଣ ଚାଲିଥିବାବେଳେ ଇସ୍ରାଏଲ ଏହି ଆକ୍ରମଣ କରିଥିଲା । ଜଣେ ଆଙ୍କର ଟେଲିଭିଜନ ଷ୍ଟୁଡିଓରେ ଖବର ପଢୁଥିବାବେଳେ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳିଥିଲା । ଏହାର ଘଣ୍ଟାଏ ପୂର୍ବରୁ ଇସ୍ରାଏଲ ଟିଭି ଷ୍ଟୁଡିଓ ଥିବା ଅଞ୍ଚଳରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାପାଇଁ ସତର୍କ କରିଥିଲା ।

ଇସ୍ରାଏଲ-ଇରାନ ମଧ୍ୟରେ ଲାଗି ରହିଥିବା ସଂଘର୍ଷ ଆଜି ପଞ୍ଚମ ଦିନରେ ପହଞ୍ଚିଲାଣି । ଉଭୟ ଦେଶ ପକ୍ଷରୁ ଆକ୍ରମଣ ଜୋରଦାର ହୋଇଛି । ଇସ୍ରାଏଲ ଆକ୍ରମଣରେ ଇରାନରେ ବର୍ତ୍ତମାନ ସୁଦ୍ଧା ୨୨୪ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ ଇରାନ ଆକ୍ରମଣରେ ଇସ୍ରାଏଲରେ ୨୪ ଜଣଙ୍କର ମୃତ୍ୟୁ ହେଲାଣି ।

# ଇରାନ୍ ଓ ଇସ୍ରାଲ୍ ଯୁଦ୍ଧ : ଲାଇଭ ଖବର ପ୍ରସାରଣ ବେଳେ ଆକ୍ରମଣରେ ଥରିଲା ଷ୍ଟୁଡିଓ

ଟିଭି ଚ୍ୟାନେଲରେ ଚାଲିଥିଲା ଲାଇଭ ଖବର ପ୍ରସାରଣ । ହଠାତ ଥରିଉଠିଲା ଷ୍ଟୁଡ଼ିଓ । ଯିଏ ଯୁଆଡ଼େ ପାରିଲେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ । ଇଏ କିନ୍ତୁ ଭୂମିକମ୍ପ ନଥିଲା ଥିଲା ଇରାନ୍- ଇସ୍ରାଏଲ ଯୁଦ୍ଧର ଏକ ଭୟାନକ ଦୃଶ୍ୟ । ....ଇରାନ ଉପରେ ଲଗାତାର ଆକ୍ରମଣ କରୁଛି ଇସ୍ରାଏଲ । ଏହି ଆକ୍ରମଣ କ୍ରମଶଃ ଭୟଙ୍କର ରୂପ ନେବାରେ ଲାଗିଲାଣି । କେତେବେଳେ ସହର ଉପରେ ତ କେତେବେଳେ ସରକାରୀ କାର୍ଯ୍ୟାଳୟ ଉପରେ କରୁଛି ଆକ୍ରମଣ । ଏହାରି ଭିତରେ ଏମିତି ଏକ ଦୃଶ୍ୟ ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଷ୍ଟୁଡିଓ ଭିତରେ ଖବର ପ୍ରସାରଣ ଚାଲିଥିଲା ବେଳେ ହଠାତ୍ ଆକାଶରୁ ହେଲା ଆକ୍ରମଣ ହେଲା । ଯିଏ ଯୁଆଡ଼େ ପାରିଲା ଦୌଡ଼ି ପଳାଇଲେ। ଏପରି ଦୃଶ୍ୟ ଆସିଛି ଇରାନର ରାଜଧାନୀ ତେହେରାନରୁ ।



ଲାଇଭ୍ ବୁଲେଟିନ୍ ଚାଲିଥିଲା ବେଳେ ଆକ୍ରମଣରେ ଷ୍ଟୁଡିଓ ଥରି ଉଠିଥିଲା । ଇରାନର ସରକାରୀ ମିଡିଆ ଆଇଆରଆଇବି ଉପରେ ଆକ୍ରମଣ ହୋଇଛି। ଆକ୍ରମଣର ଠିକ୍ ପୂର୍ବରୁ ଷ୍ଟୁଡିଓରେ ଉପସ୍ଥାପିକା ଖବର ପରିବେଷଣ କରୁଥିଲେ । ବିସ୍ଫୋରଣ ହେବାରୁ ସେ ଚମକି ପଡ଼ି କିଛି କ୍ଷଣ ସ୍ତବଧ ହୋଇଗଲେ । ଆଉ ବିପଦ ଆଶଙ୍କା କରି ତୁରନ୍ତସେଠାରୁ ଉଠି ପଳାଇ ଥିଲେ ଉପସ୍ଥାପିକା । ବଡ଼ କଥା ହେଉଛି, ଇରାନର ସରକାରୀ ମିଡିଆ କାର୍ଯ୍ୟାଳୟ ଉପରେ ଆକ୍ରମଣ ପୂର୍ବରୁ ଇସ୍ରାଏଲ ପୂରା ଅଞ୍ଚଳକୁ ଖାଲି କରିବାକୁ ଚେତାବନୀ ଦେଇଥିଲା । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ, ଇରାନ୍ ଯେଉଁ ଗଣମାଧ୍ୟମ ଦ୍ୱାରା ଅପପ୍ରଚାର କରୁଛି, ତାହା ଖୁବ୍ ଶୀଘ୍ର ଶେଷ ହୋଇଯିବ । ଆଉ ସତକୁ ସତ ଇସ୍ରାଏଲର ଆକ୍ରମଣରେ ପୂରା ଧ୍ୱଂସ ହୋଇଯାଇଛି ନ୍ୟୁଜ୍ ଷ୍ଟୁଡିଓ । ଇରାନୀ ଗଣମାଧ୍ୟମ ଅନୁସାରେ, ଏହି ଆକ୍ରମଣରେ ଇରାନୀ ରେଡିଓ ଏବଂ ଟିଭିର ଅନେକ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ପ୍ରସାରଣ ସମୟରେ, ଜଣେ ଇରାନୀ ସରକାରୀ ଟେଲିଭିଜନ ରିପୋର୍ଟର କହୁଥିଲେ ଯେ “ମାତୃଭୂମି ଉପରେ ଆକ୍ରମଣର ଶବ୍ଦ....” । ବାସ୍ ତାପରେ ବୋମା ବିସ୍ଫୋରଣ ଷ୍ଟୁଡିଓ ସମ୍ପୂର୍ଣ୍ଣ ଧୂଳି ଓ ଧୂଆଁରେ ପୂରି ଯାଇଥିଲା।

ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ବଡ଼ ବୟାନ ରଖିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ । ସେ କହିଛନ୍ତି, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନିଙ୍କ ହତ୍ୟା ପରେ ଶେଷ ହୋଇଯିବ ଯୁଦ୍ଧ । ପୂର୍ବରୁ ଖାମେନିଙ୍କୁ ହତ୍ୟା କରିବା ଲାଗି ଯୋଜନା କରିଥିଲା ଇସ୍ରାଏଲ । ଏଥିପାଇଁ ପ୍ଲାନ ମଧ୍ୟ ପ୍ରସ୍ତୁତ ହୋଇ ସାରିଥିଲା କିନ୍ତୁ ଆମେରିକା ଏହା ଉପରେ ଭିଟୋ ପ୍ରୟୋଗ କରିବାରୁ ଅପରେସନକୁ ବନ୍ଦ ରଖା ଯାଇଥିଲା । ତେବେ ଇରାନ ଉପରେ ଆକ୍ରମଣ ପରେ ଆୟାତୋଲ୍ଲା ଖାମେନି ଭୟରେ ପରିବାର ସହ ବଙ୍କରରେ ଲୁଚିଥିବା ଖବର ମଧ୍ୟ ସାମ୍ନାକୁ ଆସିଛି । ଏବେ ଖୋଦ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ ଏଭଳି ବୟାନ ପରେ ଏହି ଆଶଙ୍କା ଅଧିକ ଘନୀଭୂତ ହୋଇଛି । ସେପଟେ ଇରାନ ଉପରେ ହେଉଥିବା ଆକ୍ରମଣକୁ ‘ଅପରେସନ ରାଇଜିଂ ଲାୟନ’ନାମ ଦେଇଛନ୍ତି ନେତାନ୍ୟାହୁ । ଇରାନର ପରମାଣୁ କାର୍ଯ୍ୟକ୍ରମକୁ ବିଫଳ କରିବା ଏବଂ ଇସ୍ରାଏଲର ସୁରକ୍ଷା ନିଶ୍ଚିତ କରିବା ପାଇଁ ଆବଶ୍ୟକ ଥିଲା ବୋଲି ମଧ୍ୟ ସେ କହିଛନ୍ତି । ଇସ୍ରାଏଲୀ ସାମରିକ ବାହିନୀ କହିଛି ଯେ ସେମାନେ ଇରାନର ନାଟାନଜ ପରମାଣୁ ସମୃଦ୍ଧିକରଣ କେନ୍ଦ୍ର ସମେତ ୮୦ରୁ ଅଧିକ ସ୍ଥାନକୁ ଟାର୍ଗେଟ କରିଛନ୍ତି । ଏହା ସହିତ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସର ଶୀର୍ଷ କମାଣ୍ଡର ହୋସେନ ସାଲାମି, ମହମଦ ବାଘେରୀଙ୍କର ମୃତ୍ୟୁ ହୋଇଛି । ଅନ୍ୟ ଜଣେ ସାମରିକ ଅଧିକାରୀ ଗୋଲାମାଲୀ ରଶିଦଙ୍କ ସମେତ ନଅ ଜଣ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଛନ୍ତି । ସେପଟେ ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ମୁଖପାତ୍ର ହୋସେନ କେରମାନପୁର କହିଛନ୍ତି ଯେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଆକ୍ରମଣରେ ୨୨୪ ଜଣଙ୍କର ମୃତ୍ୟୁ ହୋଇଛି, ଯେଉଁଥିରେ ୯୦ ପ୍ରତିଶତ ସାଧାରଣ ନାଗରିକ ଥିଲେ । ଏହା ମଧ୍ୟରେ ୨୦ରୁ ଅଧିକ ଶିଶୁ ରହିଥିବା ଦାବି କରାଯାଇଛି । ତେବେ ଚିନ୍ତା ଏଇ ଯେ ଯୁଦ୍ଧରେ ବେଶି କ୍ଷତି ସହୁଛନ୍ତି ଆଉ ମରୁଛନ୍ତି ସାଧାରଣ ଲୋକ ।

# ଭାରତର ନୂଆ ପିଢ଼ିଙ୍କ ଉପରେ ସମସ୍ତଙ୍କ ନଜର



ଲଣ୍ଡନ, ୧୭।୬: ଏଇ ଶୁକ୍ରବାରଠାରୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ଟେଷ୍ଟ୍ ଶୃଙ୍ଖଳା ଖେଳିବ ଭାରତ ହେଡିଙ୍ଗଲେର ଲିଡ୍ସରେ ପ୍ରଥମ ଟେଷ୍ଟ୍ ପାଇଁ ଆଉ ମାତ୍ର ୨ ଦିନ ରହିଛି। ସମସ୍ତଙ୍କ ନଜର ଏବେ ରହିଛି ଭାରତର ନୂଆ। ପିଢ଼ି ବ୍ୟାଟ୍ସରଙ୍କ ଉପରେ। ବିଶେଷ କରି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭଳି ବିଶ୍ୱ ବିଖ୍ୟାତ ବ୍ୟାଟର୍ଙ୍କ ଟେଷ୍ଟ୍ ଅବସର ପରେ କିଏ ଏହି ଗସ୍ତର ଶ୍ରେଷ୍ଠ ଭାରତୀୟ ବ୍ୟାଟର୍ ହେବ, କେଉଁମାନେ ସ୍ଥିର ପ୍ରଦର୍ଶନ ଦେଇପାରିବେ, ଇଂଲଣ୍ଡ ମାଟିରେ ସୁଇଙ୍ଗ୍ ବୋଲିଂକୁ କିଏ ଭଲରେ ମୁକାବିଲା କରିବ, ଭାରତ ସମ୍ପୂର୍ଣ୍ଣ ଶୃଙ୍ଖଳାରେ କିଭଳି ପ୍ରଦର୍ଶନ କରିବ ଆଦିର ଚର୍ଚ୍ଚା ରହିବ। ଅହ୍ୱାନଭରା ପିଚ୍ ଓ ପରିବେଶରେ କିନ୍ତୁ କେଏଲ୍ ରାହୁଲ, ଯଶସ୍ୱୀ ଜୟସ୍ୱାଲ ଓ ନବନିଯୁକ୍ତ ଅଧିନାୟକ ଶୁବମନ ଗିଲ୍ଙ୍କୁ ବିଭିନ୍ନ ଦାୟିତ୍ୱର ବୋଝ ସମ୍ଭାଳିବାକୁ ପଡ଼ିବ। ଭାରତର ଶୀର୍ଷକ୍ରମ ସଫଳତା ଏମାନଙ୍କ ପ୍ରଦର୍ଶନ ଉପରେ ହିଁ ନିର୍ଭର କରିବ।

ଏହି ଗସ୍ତରେ ଭାରତୀୟ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର୍ ହେଉଛନ୍ତି କେଏଲ୍ ରାହୁଲ୍। ୩୩ ବର୍ଷୀୟ ରାହୁଲ ଇଂଲଣ୍ଡ ବିପକ୍ଷରେ ୧୩ ଟେଷ୍ଟ୍ ଖେଳି ୯୫୫ ରନ୍ ସଂଗ୍ରହ କରିଛନ୍ତି, ଯାହାକି ଅସ୍ଥିର ପ୍ରଦର୍ଶନକୁ ସୂଚାଇଛି। ୨୦୧୮ ଗସ୍ତରେ ଦ ଓଭାଲ୍ରେ ଭାରତ ଏକଦା ୧୨୧/୫ରେ ସଂଘର୍ଷ କରୁଥିବା ବେଳେ ରାହୁଲ ଖେଳିଥିବା ୧୪୯ ରନ୍ର ପାଳି ଏ ପର୍ଯ୍ୟନ୍ତ ଶ୍ରେଷ୍ଠ ହୋଇ ରହିଛି। ରାହୁଲ କିନ୍ତୁ ସେହି ଗସ୍ତରେ ଅବଶିଷ୍ଟ ୯ ପାଳିରୁ ୧୫୨ ରନ୍ ସଂଗ୍ରହ କରିଥିଲେ। ୨୦୨୧ରେ ବି ଏହାର ସମାନ ପ୍ରତିଫଳନ ଘଟିଥିଲା। ଲର୍ଡସରେ ସେ ୧୨୯ ରନ୍ର ଚମତ୍କାର ଶତକ ହାସଲ କରି ଭାରତର ବିଜୟରେ ନାୟକ ସାଜିଥିଲେ। କିନ୍ତୁ ପରବର୍ତ୍ତୀ ପାଳିଗୁଡ଼ିକରେ ଦୁଇ ଅଙ୍କ ବି ଛୁଇଁପାରି ନଥିଲେ। ଇଂଲିସ୍ ପରିବେଶରେ ରାହୁଲ ୩୪.୧୧ ହାରରେ ରନ୍ ସଂଗ୍ରହ କରିଛନ୍ତି।ଭଲ ଆରମ୍ଭ କରୁଥିବା ପାଳିକୁ ବଡ଼ ସ୍କୋର୍ରେ ରୂପାନ୍ତର କରିବାକୁ ସଂଘର୍ଷ କରିଛନ୍ତି। ଗୋଟିଏ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲାଣି ଭାରତୀୟ ଦଳ ସହ ଅଭିଜ୍ଞତା ଅର୍ଜନ କରିଥିବାରୁ ଏହି ଶୃଙ୍ଖଳା ରାହୁଲଙ୍କ ପାଇଁ ନିର୍ଣ୍ଣାୟକ ହେବ ଭାରତର ଶୀର୍ଷ ମଧ୍ୟକ୍ରମକୁ ସମ୍ଭାଳିବାକୁ ସେ ଢେର୍ ପରିପକ୍ୱ ହୋଇଗଲେଣି। ନା ସେଭଳି କ୍ୱଚିତ୍ ଗୋଟିଏ ଭଲ ପାଳି ଖେଳି ଅସ୍ଥିରତା ବଜାୟ ରଖିବେ। ସମୟ କହିବ ଭାରତ କିନ୍ତୁ ତାଙ୍କୁ ସବୁଠାରୁ ନିର୍ଭରଯୋଗ୍ୟ ମଧ୍ୟକ୍ରମ ବ୍ୟାଟର୍ ଭାବେ ବିବେଚନା କରୁଛି।

ଅନ୍ୟପକ୍ଷରେ ବଡ଼ ସ୍ୱପ୍ନ ଦେଖୁଥିବା ୨୩ ବର୍ଷୀୟ ଯୁବ ବ୍ୟାଟର୍ ଯଶସ୍ୱୀ ଜୟସ୍ୱାଲ। ନିର୍ଭୟରେ ଖେଳୁଥିବାରୁ ଟେଷ୍ଟ୍ କ୍ରିକେଟ୍କୁ ଧସେଇ ପଶିଛନ୍ତି। ଗତ ଅଷ୍ଟ୍ରେଲିଆ ଗସ୍ତରେ ଖେଳାଯାଇଥିବା ୫ ମ୍ୟାଚ୍ ବର୍ଡର-ଗାଭାସ୍କର ଟ୍ରଫି ଶୃଙ୍ଖଳାରେ ସେ ଭାରତର ଅଗ୍ରଣୀ ରନ୍ ସଂଗ୍ରହକାରୀ ଥିଲେ। ଘରୋଇ ମାଟିରେ ଜୟସ୍ୱାଲଙ୍କ ୧୦ ମ୍ୟାଚ୍ ହାରାହାରି ୬୦.୬୧ ରହିଛି, କିନ୍ତୁ ଏହି ବିଦେଶ ଗସ୍ତ ତାଙ୍କ ପାଇଁ ବଡ଼ ଆହ୍ୱାନର ପରୀକ୍ଷା ନେବାକୁ ଅପେକ୍ଷା କରିଛି। ଅବଶ୍ୟ ଘରଠୁ ବାହାରେ ଖେଳୁଥିବା ବେଳେ ଜୟସ୍ୱାଲଙ୍କ ହାରାହାରି ପ୍ରଶଂସନୀୟ ଭାବେ ୪୪.୧୮ ରହିଛି। କିନ୍ତୁ ଡ୍ୟୁକ୍ ବଲ୍ର ପ୍ରାରମ୍ଭିକ ସୁଇଙ୍ଗ ଓ ଗତି ଭିତରେ ଇଂଲଣ୍ଡ ସିମର୍ଙ୍କ ଲମ୍ବା ସ୍ପେଲ୍ କ୍ଷମତା ତାଙ୍କ ପାଇଁ ଅପୂର୍ବ ପରୀକ୍ଷା ଆଣିବ। ମାର୍ଗଦର୍ଶନ ଦେବାକୁ ବିରାଟ କୋହଲି କି ରୋହିତ ଶର୍ମା ନ ଥିବାରୁ ଜୟସ୍ୱାଲଙ୍କୁ ନିଜ ଆଭିମୁଖ୍ୟକୁ ସ୍ପଷ୍ଟ ରଖି ଖେଳିବାକୁ ପଡ଼ିବ। କିନ୍ତୁ ତାଙ୍କ ରନ୍ ଭୋକିଲା ପ୍ରବୃତ୍ତି ଓ ସାମ୍ପ୍ରତିକ ଫର୍ମ ଏହି ଗସ୍ତର ପ୍ରମୁଖ ଖେଳାଳି ଭାବେ ଉଭା କରାଇବ ବୋଲି ବିଶ୍ୱାସ ହେଉଛି।ଶୁବମନ ଗିଲ୍ଙ୍କ ପାଇଁ ଅନେକ ଆହ୍ୱାନ ରହିଛି। ବ୍ୟାଟର୍ ଭାବେ ଭଲ କରିବା ଏବଂ ଅଧିନାୟକ ଭାବେ ନିଜକୁ ପ୍ରମାଣିତ କରିବାର ଯୁଗଳ ଭୂମିକାକୁ ସେ କିଭଳି ତୁଲାଉଛନ୍ତି। ସମୟ କହିବ ମାତ୍ର ୩୨ ଟେଷ୍ଟ୍ ଖେଳିଥିବା ଏହି ୨୫ ବର୍ଷୀୟ ବ୍ୟାଟର୍ ଘରୋଇ ମାଟିରେ ୪୨.୦୩ ହାରରେ ଖେଳୁଥିବା ବେଳେ ବିଦେଶରେ ନୈରାଶ୍ୟଜନକ ଭାବେ ଏହା ୨୯.୫୦ରେ ରହିଛି। ଇଂଲଣ୍ଡ ମାଟିରେ ସେ ମାତ୍ର ୩ ଟେଷ୍ଟ୍ ଖେଳି ୧୪.୬୬ ହାରରେ ୮୮ ରନ୍ କରିଥିବାରୁ ଚାପରେ ପଡ଼ିବା ଆଶଙ୍କା ରହିଛି। ତାଙ୍କ ନେତୃତ୍ୱରେ ଗସ୍ତ କରୁଥିବା ଯୁବ ଦଳଠାରୁ ବଡ଼ ପ୍ରତ୍ୟାଶା ଥିବାରୁ ନେତୃତ୍ୱର ଅତିରିକ୍ତ ଚାପ ବି ଆସିବ। ଅଧିନାୟକତ୍ୱ ନେବା ଅପେକ୍ଷା ରନ୍ ସଂଗ୍ରହ କରିବା ଗିଲ୍ଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେବ। ଗିଲ୍ଙ୍କ ଉପରେ ଆସ୍ଥା ପ୍ରକଟ କରି ପୂର୍ବତନ ବ୍ୟାଟର୍ ଚେତେଶ୍ୱର ପୂଜାରା କହିଛନ୍ତି। ଗିଲ୍ଙ୍କୁ ପ୍ରଥମେ ରନ୍ ସଂଗ୍ରହ କରିବାକୁ ପଡ଼ିବ। ୨୦୧୧ ମସିହା ପରେ ଭାରତ ପ୍ରଥମ ଥର ପାଇଁ ବିରାଟ କୋହଲି କିମ୍ବା ରୋହିତ ଶର୍ମାଙ୍କ ବିନା ଖେଳିବାକୁ ଯାଇଛି।ଭାରତୀୟ ଯୁବ ଖେଳାଳିଙ୍କ ପ୍ରଦର୍ଶନ ବି ଏହି ଶୃଙ୍ଖଳାରୁ ଦଳ ନୂଆ। ବିଶ୍ୱ ଟେଷ୍ଟ୍ ଚାମ୍ପିୟନସିପ୍ ଅଭିଯାନକୁ କିଭଳି ଆରମ୍ଭ କରିବ ତାହାର ପ୍ରାରମ୍ଭିକ ସୂଚନା ମିଳିବ।




ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ଶତକ ହାସଲ ଅବସରରେ ବାଂଲାଦେଶ ଅଧିନାୟକ ସାଣ୍ଟୋ।

## ନିର୍ବନ୍ଧ ଫଟୋ ଡିଲିଟ୍ କଲେ କୁଲଦୀପ

ନୂଆଦିଲ୍ଲୀ, ୧୭।୬: ଭାରତୀୟ କ୍ରିକେଟ ଦଳର ଷ୍ଟାର ସ୍ପିନର କୁଲଦୀପ ଯାଦବ ନିକଟରେ ତାଙ୍କ ବାଲ୍ୟକାଳ ବନ୍ଧୁ ବଂଶିକାଙ୍କ ସହ ବିବାହ ନିଶ୍ଚିତ କରିଥିଲେ। ଏନେଇ ଜୁନ ୪ରେ ଲକ୍ଷ୍ନୌରେ ତାଙ୍କର ନିର୍ବନ୍ଧ ହୋଇଥିଲା, ଯେଉଁଥିରେ ନିକଟ ପରିବାର ଏବଂ ବନ୍ଧୁମାନେ, ସହ ଖେଳାଳୀ ରିଙ୍କୁ ସିଂଙ୍କ ସମେତ ଉପସ୍ଥିତ ଥିଲେ। କୁଲଦୀପ ଜୁନ ୧୬ରେ ତାଙ୍କ ମଙ୍ଗେତର ବଂଶିକାଙ୍କ ସହ କିଛି ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଥିଲେ, କିନ୍ତୁ ଅଳ୍ପ ସମୟ ମଧ୍ୟରେ ସେ ଏହି ଫଟୋଗୁଡ଼ିକୁ ହଟାଇ ଦେଇଥିଲେ। ଏହା ପରେ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି ଏବଂ ପ୍ରଶଂସକମାନେ ଏହାର କାରଣ ବିଷୟରେ ଅନୁମାନ କରୁଛନ୍ତି।ବଂଶିକା ଲକ୍ଷ୍ନୌର ଶ୍ୟାମ ନଗରରେ ରହୁଛନ୍ତି ଏବଂ ଲାଇଫ ଇନସୁରାନ୍ସ କର୍ପୋରେସନ (ଏଲଆଇସି)ରେ କାର୍ଯ୍ୟ କରୁଛନ୍ତି। କୁଲଦୀପ ଏବଂ ବଂଶିକା କାନପୁରରେ ବାଲ୍ୟକାଳରୁ ପରସ୍ପରକୁ ଜାଣିଛନ୍ତି, ଯେଉଁଠାରୁ ସେମାନଙ୍କର ବନ୍ଧୁତା ଧୀରେ ଧୀରେ ପ୍ରେମରେ ପରିଣତ ହୋଇଛି।ଏହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶଂସକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୁଲଦୀପଙ୍କ ଏହି ଫଟୋ ହଟାଇବାର ନିଶ୍ଚିତ କାରଣ ଜଣାପଡ଼ି ନାହିଁ। କିଛି ପ୍ରଶଂସକ ଅନୁମାନ କରୁଛନ୍ତି ଯେ ସୋସିଆଲ ମିଡିଆରେ ଟ୍ରୋଲରମାନଙ୍କ ମନ୍ତବ୍ୟ ଯୋଗୁଁ ସେ ଏପରି କରିଥାଇ ପାରନ୍ତି। ଜଣେ ନେଟିଜେନ କହିଛନ୍ତି ଯେ କେହି ଜଣେ ମନ୍ତବ୍ୟ କରିଥିଲେ ଯେ କୁଲଦୀପ ବିସିସିଆଇ ଖର୍ଚ୍ଚରେ ଇଂଲଣ୍ଡରେ ମାଗଣାରେ ବିବାହ କରିଛନ୍ତି, ଯାହା ତାଙ୍କୁ ଆଘାତ ଦେଇଥାଇ ପାରେ ମାତ୍ର କୁଲଦୀପ ଏ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି।

## ବିମାନ ଦୁର୍ଘଟଣାରେ କ୍ରିକେଟର ମୃତ

ଅହମଦାବାଦ: ଅହମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାରଇଣ୍ଡିଆ। ଦୁର୍ଘଟଣାରେ ଜଣେ କ୍ରିକେଟରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।ମୃତ କ୍ରିକେଟରଙ୍କ ନାମ ଦୀର୍ଘ ପଟେଲ ଥିବା ଜଣାପଡ଼ିଛି। ଦୀର୍ଘ ଇଂଲଣ୍ଡରେ ଲିଡ୍ସ ମଡର୍ନିଆନ୍ସ କ୍ରିକେଟ୍ କ୍ଲବ ପକ୍ଷରୁ ଖେଳି ଥାଆନ୍ତି।



ସୂଚନାଯୋଗ୍ୟ, ଗୁଜୁରାଟରେ ବସବାସ କରୁଥିବା ୨୩ବର୍ଷୀୟ କ୍ରିକେଟ ଖେଳାଳି ଦୀର୍ଘ ପଟେଲ ହଡର୍ସଫିଲ୍ଡ ବିଶ୍ୱବିଦ୍ୟାଳୟରୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ସ୍ନାତକୋତ୍ତର ସମାପ୍ତ କରିଛନ୍ତି ସେ ଖୁବଶୀଘ୍ର ଟେକ ଇଣ୍ଡଷ୍ଟ୍ରିରେ କ୍ୟାରିୟର ଆରମ୍ଭ କରିବାର ଯୋଜନା ରଖିଥିଲେ। ଦୀର୍ଘ ପଟେଲ ଏୟାର ଇଣ୍ଡିଆ ବିମାନ ସଂଖ୍ୟା ଏଆଇ ୧୭୧ରେ ଯାତ୍ରା କରୁଥିବା ସେହି ୨୪୨ଜଣଙ୍କ ଯାତ୍ରୀଙ୍କ ମଧ୍ୟରୁ ଜଣେ ଥିଲେ ଯିଏକି ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିଲେ। ଦୁଃଖର ବିଷୟ ବିମାନରେ ବସିଥିବା ୨୪୨ଜଣ ଯାତ୍ରୀଙ୍କ ମଧ୍ୟରୁ ୨୪୧ଜଣଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ଜଣେ ମାତ୍ର ବ୍ରିଟିଶ ନାଗରିକ ବିଶ୍ୱାସ କୁମାର ରମେଶଙ୍କ ସୌଭାଗ୍ୟବଶତଃ ଜୀବନ ରକ୍ଷା ପାଇଯାଇଛି।ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।ହସ୍ପିଟାଲରେ ପ୍ରଧାନମନ୍ତ୍ରୀ ମୋଦୀ ପହଞ୍ଚି ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।

## ଇଂଲଣ୍ଡରେ ଭାରତର ନୈରାଶ୍ୟଜନକ ପ୍ରଦର୍ଶନ

ନୂଆଦିଲ୍ଲୀ: ଭାରତ ଓ ଇଂଲଣ୍ଡ ମଧ୍ୟରେ ମୋଟ ଉପରେ ୩୬ଟି ଦ୍ୱିପାକ୍ଷିକ ଟେଷ୍ଟ୍ ଶୃଙ୍ଖଳା ଖେଳାଯାଇଛି। ଏହା ମଧ୍ୟରୁ ଇଂଲଣ୍ଡ ୧୯ ଜିତିଥିବା ବେଳେ ଭାରତ ୧୨ ଜିତିଛି।୫ଟି ଶୃଙ୍ଖଳା ଡ୍ର ରହିଛି। ଇଂଲଣ୍ଡ ଗସ୍ତରେ କିନ୍ତୁ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ୧୯ ଥର ଇଂଲଣ୍ଡ ଗସ୍ତ କରିଥିବା ଭାରତ ମାତ୍ର ୩ ଥର ଶୃଙ୍ଖଳା ଜିତିଛି। ୧୯୭୧ରେ ଅଜିତ ୱାଡ଼େକରଙ୍କ ଦଳ ଐତିହାସିକ ସଫଳତା ସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାକୁ ୧-୦ରେ ଜିତିଥିଲା। ଏହା ପରେ ୧୯୮୬ରେ ୩ ମ୍ୟାଚ୍ ଶୃଙ୍ଖଳାକୁ ୨-୦ରେ ଏବଂ ୨୦୦୭ରେ ଶେଷ ଥର ପାଇଁ ସମାନ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାକୁ ୧-୦ରେ ଜିତିଥିଲା।ଏବେ ଶୁବମନ ଗିଲ୍ଙ୍କ ଦଳ ଭାରତ ୧୮ ବର୍ଷ ପ୍ରତୀକ୍ଷାର ଅନ୍ତ ଘଟାଇବାକୁ ଚାହିଁବ।



ଶେଷ ଥର ପାଇଁ ଭାରତ ୨୦୨୧-୨୨ରେ ଇଂଲଣ୍ଡ ଗସ୍ତ କରିଥିବା ବେଳେ ଏହା ୨-୧ରେ ଆଗୁଆ। ଥିବାବେଳେ କୋଭିଡ୍ ପାଇଁ ଏହା ଅଟକି ଯାଇଥିଲା। ପ୍ରଥମ ଥର ପାଇଁ ଏକ ଶୃଙ୍ଖଳାର ଶେଷ ମ୍ୟାଚ୍ ପରବର୍ତ୍ତୀ ବର୍ଷ ଖେଳା ଯାଇଥିବା ବେଳେ ଇଂଲଣ୍ଡ ଏହାକୁ ଜିତି ନେବାରୁ ୨-୨ରେ ଡ୍ର ରହିଥିଲା ଦୁଇ ଦେଶ ମଧ୍ୟରେ ଖେଳାଯାଇଥିବା ଶେଷ ୧୦ ଟେଷ୍ଟ୍ ଶୃଙ୍ଖଳାରେ ଭାରତ ୫ ଜିତି, ଗୋଟିଏ ଡ୍ର ରଖିଛି। ଇଂଲଣ୍ଡ ଜିତିଥିବା ୪ଟି ଶୃଙ୍ଖଳାରୁ ଭାରତ ମାଟିରେ ୩ଟି ଜିତିବା ସବୁଠାରୁ ଉଲ୍ଲେଖନୀୟ ବିଷୟ ଶେଷ ୩ ଶୃଙ୍ଖଳାରେ ଭାରତ ଅପରାଜିତ ରହିବା ମଧ୍ୟ ପ୍ରମୁଖ କଥା।

## ୪ ଦିନିଆ ଟେଷ୍ଟ ମ୍ୟାଚ୍ ପାଇଁ ଯୋଜନା କରୁଛି ଆଇସିସି

ଲଣ୍ଡନ, ୧୭।୬: ଆନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୨୦୨୭-୨୯ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ (ଡବ୍ଲୁଟିସି) ଚକ୍ରରେ ଛୋଟ କ୍ରିକେଟ ଖେଳୁଥିବା ଦେଶମାନଙ୍କ ପାଇଁ ୪ ଦିନିଆ। ଟେଷ୍ଟ ମ୍ୟାଚ୍କୁ ଅନୁମୋଦନ ଦେବାକୁ ପ୍ରସ୍ତୁତ ହେଉଛି। ତେବେ, ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପାରମ୍ପରିକ ୫ ଦିନିଆ ଟେଷ୍ଟ ମ୍ୟାଚ ଖେଳିବେ ବୋଲି ରିପୋର୍ଟରୁ ଜଣାପଡ଼ିଛି।ଏହି ପରିବର୍ତ୍ତନ ଛୋଟ ଦେଶମାନଙ୍କୁ ଅଧିକ ଟେଷ୍ଟ ମ୍ୟାଚ ଓ ଲମ୍ବା ସିରିଜ ଖେଳିବାରେ ସାହାଯ୍ୟ କରିବ।

ଦି ଗାର୍ଡିଆନ ରିପୋର୍ଟ ଅନୁଯାୟୀ, ଗତ ସପ୍ତାହରେ ଲର୍ଡସରେ ଅନୁଷ୍ଠିତ ଡବ୍ଲୁଟିସି ଫାଇନାଲ ସମୟରେ ଅଧ୍ୟକ୍ଷ ଜୟ ଶାହା ୪ ଦିନିଆ। ଟେଷ୍ଟ ମ୍ୟାଚକୁ ସମର୍ଥନ କରିଥିବା ଜଣାପଡ଼ିଛି।ଏହି ନିୟମ ୨୦୨୭-୨୯ ଚକ୍ରରେ କାର୍ଯ୍ୟକାରୀ ହେବ। ତେବେ, ଆଶେସ, ବର୍ଡର-ଗାଭାସ୍କର ଟ୍ରଫି ଏବଂ ନୂଆ। ନାମକରଣ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପାଇଁ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ୫ ଦିନିଆ। ଟେଷ୍ଟ ସିରିଜ ଖେଳିବେ।

ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିମ୍ନ-ସ୍ଥାନ ପାଉଥିବା ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କ୍ରିକେଟ ବୋର୍ଡଗୁଡ଼ିକୁ ଟେଷ୍ଟ ମ୍ୟାଚ ଆୟୋଜନରେ ସହାୟତା କରିବା। ୫ ଦିନିଆ ଟେଷ୍ଟ ମ୍ୟାଚ ଆୟୋଜନ ପାଇଁ ଅଧିକ ସମୟ ଓ ଖର୍ଚ୍ଚ ଆବଶ୍ୟକ ହେଉଥିବାରୁ ଅନେକ ଛୋଟ ଦେଶ ଏହାକୁ ଏଡ଼ାଇ ଚାଲିଛନ୍ତି। ୪ ଦିନିଆ ଟେଷ୍ଟ ମ୍ୟାଚ ଏକ ତିନି ମ୍ୟାଚ ବିଶିଷ୍ଟ ସିରିଜକୁ ତିନି ସପ୍ତାହରୁ କମ ସମୟରେ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ଏହା ଦ୍ୱାରା ଦେଶମାନେ ଯେପରିକି ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଅଧିକ ଟେଷ୍ଟ ମ୍ୟାଚ ଖେଳିପାରିବେ।

୪ ଦିନିଆ। ଟେଷ୍ଟ ମ୍ୟାଚରେ ସମୟ ହ୍ରାସକୁ ପୂରଣ କରିବା ପାଇଁ ଦୈନିକ ନ୍ୟୁନତମ ୯୮ ଓଭର ଖେଳାଯିବ, ଯାହା ୫ ଦିନିଆ। ଟେଷ୍ଟରେ ୯୦ ଓଭର ଥାଏ। ଏହା ପୂର୍ବରୁ ୨୦୧୭ରେ ଆଇସିସି ଦ୍ୱାରା ଦ୍ୱିପାକ୍ଷିକ ମ୍ୟାଚ ପାଇଁ ୪ ଦିନିଆ। ଟେଷ୍ଟକୁ ଅନୁମୋଦନ ଦିଆଯାଇଥିଲା। ଇଂଲଣ୍ଡ ୨୦୧୯ ଓ ୨୦୨୩ରେ ଆୟରଲାଣ୍ଡ ବିପକ୍ଷରେ ଏବଂ ଗତ ମାସରେ ଜିମ୍ବାୱେ ବିପକ୍ଷରେ ଟ୍ରେଣ୍ଟ ବ୍ରିଜରେ ୪ ଦିନିଆ ଟେଷ୍ଟ ଖେଳିଥିଲା। ଦକ୍ଷିଣ ଆଫ୍ରିକା ଗତ ସପ୍ତାହରେ ଲର୍ଡସରେ ଅଷ୍ଟ୍ରେଲିଆକୁ ହରାଇ ୨୦୨୩-୨୫ ଚାମ୍ପିୟନ ହୋଇଥିଲେ। ତେବେ, ସେମାନଙ୍କର ସୀମିତ ଟେଷ୍ଟ ସିରିଜ ସୂଚୀ ଟେଷ୍ଟ କ୍ରିକେଟରେ ଛୋଟ ଦେଶମାନଙ୍କ ଆଗ୍ରହ ଓ ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇଛି। ଏହି ୪ ଦିନିଆ। ଟେଷ୍ଟ ପ୍ରସ୍ତାବ ଏହି ସମସ୍ୟାର ସମାଧାନ କରିବାକୁ ଲକ୍ଷ୍ୟ ରଖିଛି। ୨୦୨୫-୨୭ ଡବ୍ଲୁଟିସି ଚକ୍ରରେ ସମସ୍ତ ୨୭ଟି ସିରିଜ ୫ ଦିନିଆ। ଫର୍ମାଟରେ ହିଁ ଖେଳାଯିବ, ଯେଉଁଥିରେ ୧୭ଟି ସିରିଜରେ ୨ଟି ମ୍ୟାଚ ଓ ୬ଟି ସିରିଜରେ ୩ଟି ମ୍ୟାଚ ରହିବ। ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ପରସ୍ପର ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବେ।ଏହି ଚକ୍ର ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ଗାଲେରେ ଆରମ୍ଭ ହୋଇଛି।

## ବିସିସିଆଇର ଟେଷ୍ଟ ଅଧିନାୟକ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲି : ବୁମରା

ନୂଆଦିଲ୍ଲୀ, ୧୭।୬: ଭାରତୀୟ ବରିଷ୍ଠ ବୋଲର ଜସପ୍ରୀତ ବୁମରା କହିଛନ୍ତି ଯେ, ସେ ଭାରତୀୟ କ୍ରିକେଟ ବୋର୍ଡ (ବିସିସିଆଇ) ଦ୍ୱାରା ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ) ସମୟରେ ଦିଆଯାଇଥିବା ଟେଷ୍ଟ ଅଧିନାୟକତ୍ୱ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସ୍କାଏ ସ୍ପୋର୍ଟସକୁ ସାକ୍ଷାତକାର ଦେଇ ବୁମରା କହିଛନ୍ତି ଯେ, ସେ ନିଜର କାର୍ଯ୍ୟଭାର ନିୟନ୍ତ୍ରଣ କରୁଛନ୍ତି ଏବଂ ଦୀର୍ଘ ସମୟ ପାଇଁ ଖେଳିବା ପାଇଁ ଅଧିକ ସ୍ମାର୍ଟ ହେବାର ଆବଶ୍ୟକତା ରହିଛି।

ବୁମରା, ଯିଏ ଗତ କିଛି ବର୍ଷ ଧରି ଆଘାତ ସମସ୍ୟାରେ ଜର୍ଜରିତ, ସମ୍ପ୍ରତି ବର୍ଡର-ଗାଭାସ୍କର ଟ୍ରଫିର ଶେଷ ଟେଷ୍ଟ ମଧ୍ୟରୁ ବାହାରି ଆସିଥିଲେ। ଏହି ଆଘାତ ଯୋଗୁଁ ବୁମରା ଚାମ୍ପିୟନ୍ସ ଟ୍ରଫି ମିସ୍ କରିଥିଲେ, ଯେଉଁଟି ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଜିତିଥିଲା। ବୁମରା କହିଛନ୍ତି ଯେ, ବିସିସିଆଇ ତାଙ୍କୁ ଇଂଲଣ୍ଡ ସିରିଜରୁ ଭାରତୀୟ ଦଳର ନେତୃତ୍ୱ ନେବାକୁ ଚାହୁଁଥିଲେ, ଯାହା ରୋହିତ ଶର୍ମା ଓ ବିରାଟ କୋହଲିଙ୍କ କ୍ୟାରିୟର ଅବସର ପୂର୍ବରୁ ଥିଲା।

ରୋହିତ ଶର୍ମା ଓ ବିରାଟ କୋହଲି ଅବସର ନେବା ପୂର୍ବରୁ ଆଇପିଏଲ ସମୟରେ, ମୁଁ ବିସିସିଆଇ ସହ କଥା ହୋଇଥିଲି ଯେ, ମୁଁ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ କାର୍ଯ୍ୟଭାର ବିଷୟରେ ଆଲୋଚନା କରିଛି। ମୁଁ ମୋ ପିଠିର ଯତ୍ନ ନେଉଥିବା ଲୋକଙ୍କ ସହ କଥା ହୋଇ ଏକ ନିଷ୍କର୍ଷରେ ପହଞ୍ଚିଥିଲି ଯେ ମୋତେ ଅଧିକ ଚତୁରତାର ସହ କାମ କରିବାକୁ ପଡ଼ିବ। ତେଣୁ ମୁଁ ବିସିସିଆଇକୁ କହିଥିଲି ଯେ ମୁଁ ନେତୃତ୍ୱ ଭୂମିକା ପାଇଁ ବିଚାର କରାଯିବା ଚାହୁଁନାହିଁ, କାରଣ ମୁଁ ସମସ୍ତ ଟେଷ୍ଟ ମ୍ୟାଚ ଖେଳିପାରିବି ନାହିଁ, ବୁମରା ସ୍କାଏ ସ୍ପୋର୍ଟସକୁ ଏକ ସାକ୍ଷାତକାରରେ କହିଛନ୍ତି।

ବିସିସିଆଇ ମୋତେ ନେତୃତ୍ୱ ଭୂମିକା ପାଇଁ ବିଚାର କରୁଥିଲା, କିନ୍ତୁ ମୁଁ ମନା କରିଦେଇଥିଲି।କାରଣ ଜଣେ ବ୍ୟକ୍ତି ୩ଟି ଟେଷ୍ଟରେ ନେତୃତ୍ୱ ଦେବା ଓ ଅନ୍ୟ ଜଣେ ବାକି ଟେଷ୍ଟରେ ନେତୃତ୍ୱ ଦେବା ଦଳ ପାଇଁ ନ୍ୟାୟସଙ୍ଗତ ନୁହେଁ।ମୁଁ ଦଳକୁ ପ୍ରାଧାନ୍ୟ ଦେବାକୁ ଚାହିଁଥିଲି, ବୁମରା କହିଛନ୍ତି।

ବୁମରାଙ୍କ ଏହି ବୟାନ ନିର୍ବାଚନ କମିଟିର ଅଧ୍ୟକ୍ଷ ଅଜିତ ଅଗରକରଙ୍କ ମନ୍ତବ୍ୟ ସହ ତୀବ୍ର ବିରୋଧାଭାସ ଦେଖାଉଛି, ଯିଏ ଶୁଭମନ ଗିଲ୍ଙ୍କୁ ପୁରୁଷ ଟେଷ୍ଟ ଦଳର ଅଧିନାୟକ ଘୋଷଣା କରିବା ସମୟରେ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତବ୍ୟ ଦେଇଥିଲେ। ଅଗରକର କହିଥିଲେ ଯେ, ଭାରତୀୟ କ୍ରିକେଟ ବୋର୍ଡ ବୁମରାଙ୍କୁ ତାଙ୍କ କାର୍ଯ୍ୟଭାର ସମସ୍ୟା ଉପରେ ଧ୍ୟାନ ଦେବାକୁ ଚାହୁଁଥିଲା, ଟେଷ୍ଟ ଅଧିନାୟକତ୍ୱର ଅତିରିକ୍ତ ବୋଝ ନେବା ବଦଳରେ ଅଗରକର ଆହୁରି କହିଥିଲେ ଯେ, ଏହି ନିଷ୍ପତ୍ତି ବୁମରାଙ୍କୁ ଜଣାଇ ଦିଆଯାଇଥିଲା ଏବଂ ଦ୍ରୁତ ବୋଲର ବୋର୍ଡର ବ୍ୟାଖ୍ୟା ସହ ସହମତ ଥିଲେ। କାରଣ ସେ ଅଷ୍ଟ୍ରେଲିଆରେ ନେତୃତ୍ୱ ଦେଇଥିଲେ, ବୁମରା ବିଜିଟି ୨୦୨୪-୨୫ରେ ଉପ-ଅଧିନାୟକ ଥିଲେ। ଯେତେବେଳେ ସେ ସମସ୍ତ ଟେଷ୍ଟ ମ୍ୟାଚ ପାଇଁ ଉପଲବ୍ଧ ହେବେ ନାହିଁ ବୋଲି ଜଣାପଡ଼ିଲା, ମୋ ମତରେ ସେ ଜଣେ ଖେଳାଳି ଭାବେ ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଆମେ ଚାହୁଁଛୁ।ସେ ଫିଟ୍ ରହନ୍ତୁ। ନେତୃତ୍ୱରେ ସର୍ବଦା ଏକ ଅତିରିକ୍ତ ବୋଝ ଥାଏ, ୧୫-୧୬ ଜଣଙ୍କୁ ପରିଚାଳନା କରିବାରେ ଏହା ଆପଣଙ୍କଠାରୁ ବହୁତ କିଛି ନେଇଯାଏ। ଆମେ ଚାହୁଁଛୁ ସେ ଭଲ ବୋଲିଂ କରନ୍ତୁ, ତାଙ୍କ ଉପରେ ଅତିରିକ୍ତ ବୋଝ ନ ଦେବାକୁ, ଅଗରକର ମୁମ୍ବାଇରେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ।

## ସଚିନ-ଆଣ୍ଡରସନ୍ ଟ୍ରଫି ଉନ୍ମୋଚନ ସ୍ଥଗିତ

ଲଣ୍ଡନ, ୧୭।୬: ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଜୁନ୍ ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଦୁଇ ଦେଶର ଦୁଇ ମହାନ ତାରକା ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରସନ୍ଙ୍କ ନାଁରେ ନାମିତ ସଚିନ-ଆଣ୍ଡରସନ୍ ଟ୍ରଫି ପାଇଁ ଖେଳାଯିବ। ନୂଆ କରି ଆରମ୍ଭ ହେଉଥିବା ଏହି ରନିଂ ଟ୍ରଫିର ଉନ୍ମୋଚନ ମହାଆଡ଼ମ୍ବରରେ କରିବାକୁ ଆୟୋଜକ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଯୋଜନା କରିଥିଲା ତେବେ ଅହମଦାବାଦରେ ହୋଇଥିବା ମର୍ମନ୍ତୁଦ ଏୟାର ଇଣ୍ଡିଆ। ବିମାନ ଦୁର୍ଘଟଣାରେ ୫୦ଜଣ ବ୍ରିଟିସ୍ ନାଗରିକଙ୍କ ସହ ୨୭୪ଜଣ ଲୋକ ପ୍ରାଣ ହରାଇବା ପରେ ଏହି ଉତ୍ସବକୁ ସ୍ଥଗିତ କରି ଦିଆଯାଇଛି। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ଏହି ବିଷୟ ସୂଚନା ଦେବାକୁ ଯାଇ କହିଛନ୍ତି ଯେ ସଚିନ-ଆଣ୍ଡରସନ୍ ଟ୍ରଫି ଚଳିତ ମାସ ୧୪ ତାରିଖରେ ଉନ୍ମୋଚନ ହେବାର ଥିଲା। ତେବେ ଅହମଦାବାଦର ଲୋମହର୍ଷଣକାରୀ ବିମାନ ଦୁର୍ଘଟଣା ପରେ ଏହାକୁ ଆସନ୍ତା କିଛି ଦିନ ପାଇଁ ସ୍ଥଗିତ କରି ଦିଆଯାଇଛି। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅନ୍ୟ ଏକ କାରଣ ପାଇଁ ମଧ୍ୟ ଏହି ଟ୍ରଫି ଉନ୍ମୋଚନ ଉତ୍ସବକୁ ଘୁଞ୍ଚାଇ ଦିଆଯାଇଛି।ପ୍ରକୃତ କଥା ହେଲା ଆଇସିସି ଅଧ୍ୟକ୍ଷ ଜୟ ଶାହ ଏବଂ ମାଷ୍ଟର ବ୍ଲାଷ୍ଟର୍ ସଚିନ ତେନ୍ଦୁଲକର ଶୃଙ୍ଖଳା ପୂର୍ବଭଳି ପଟୌଦି ଟ୍ରଫି ନାଁରେ ଖେଳାଯାଉ ବୋଲି ଚାହୁଁଛନ୍ତି। ଭାରତ ଓ ଇଂଲଣ୍ଡ କ୍ରିକେଟ୍ ପ୍ରତି ପଟୌଦି ପରିବାରର ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇ ଏହି ଟ୍ରଫିକୁ ବଜାୟ ରଖିବା ସପକ୍ଷରେ ଉଭୟ ଅଛନ୍ତି। ଏଥିନେଇ ବିସିସିଆଇ ମଧ୍ୟ ଇସିବିକୁ ପତ୍ର ଲେଖି ଟ୍ରଫିର ନାଁ ନ ବଦଳାଇବାକୁ ଅନୁରୋଧ କରିଛି। ଏଭଳି ସ୍ଥିତିରେ ଇସିବି ଏବେ ଦ୍ୱନ୍ଦ୍ୱରେ ରହିଛି। ଏଣୁ ଏହି ସଂଶୟ ଓ ଦ୍ୱନ୍ଦ୍ୱ ଦୂର ହେବା ପରେ ଯାଇ ନୂଆ। ଟ୍ରଫି ଉନ୍ମୋଚନ କରିବାକୁ ଚାହୁଁଛି।

## ସର୍ବଭାରତୀୟସ୍ତରରେ ଆନ୍ତଃ ସୈନିକ ସ୍କୁଲ ଫୁଟବଲ ଉଦଯାପିତ

ଭୁବନେଶ୍ୱର, ୧୭।୬: ସର୍ବ ଭାରତୀୟ ସ୍ତରରେ ଆନ୍ତଃ ସୈନିକ ସ୍କୁଲ ଫୁଟବଲ ପ୍ରତିଯୋଗିତା (୨୦୨୫) ହର୍ଷୋଲ୍ଲାସପୂର୍ଣ୍ଣ ପରିବେଶରେ ସୈନିକ ସ୍କୁଲ ଭୁବନେଶ୍ୱରର ପ୍ରାଙ୍ଗଣରେ ଉଦଯାପିତ ହୋଇଅଛି। ଜୁନ ୭ ତାରିଖରୁ ସପ୍ତାହ ବ୍ୟାପି ଏହି ପ୍ରତିଯୋଗିତାଟି ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଆମ ଦେଶର ବିଭିନ୍ନ ସୈନିକ ସ୍କୁଲର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ ଏହି ପ୍ରତିଯୋଗୀ ମାନଙ୍କୁ ୩ଟି ବର୍ଗରେ ଭାଗ କରାଯାଇଥିଲା। ପ୍ରଥମ ବର୍ଗରେ - ୧୭ବର୍ଷ ରୁ କମ କନିଷ୍ଠ ବାଳକ ବର୍ଗ, ଦ୍ୱିତୀୟ ବର୍ଗରେ - ୧୫ ବର୍ଷରୁ କମ ଉପକନିଷ୍ଠ ବାଳକ ବର୍ଗ, ତୃତୀୟ ବର୍ଗରେ - ୧୭ ବର୍ଷରୁ କମ କନିଷ୍ଠ ବାଳିକା ବର୍ଗ।




ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ହକି ଇଣ୍ଡିଆର ଅଧ୍ୟକ୍ଷ ତଥା ଭାରତୀୟ ଜାତୀୟ ହକି ଦଳର ପୂର୍ବତନ କ୍ୟାପଟେନ। ପଦ୍ମଶ୍ରୀ ଡ଼ ଦିଲ୍ଲୀପ ତର୍କି ଉପସ୍ଥିତ ଥିଲେ। ତାଙ୍କର ଅଭିଭାଷଣରେ ସେ ପ୍ରତିଯୋଗୀ ମାନଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହୀ ହେବାକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଆମର ବାସ୍ତବ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ପ୍ରତିପାଦିତ କରିଥିଲେ। ତତସହିତ ସୈନିକ ସ୍କୁଲ କିଭଳି ଭାବରେ କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ବିକାଶ, ସଂସ୍କୃତି ଓ ଭାବର ଆଦାନ ପ୍ରଦାନରେ ମାଧ୍ୟମ ସାଜିଛି ତାହା ଦର୍ଶାଇ ଥିଲେ। ଉଦଯାପନୀ ଦିବସର ବହୁ ପ୍ରତିକ୍ଷିତ ମୁହୂର୍ତ୍ତରେ ପୁରସ୍କାର ବିତରଣ ହୋଇଥିଲା। ଏହି ଉତ୍ସବରେ ବିଜେତା ଓ ଉପବିଜେତା ସ୍କୁଲମାନଙ୍କୁ ପୁରସ୍କୃତ କରାଯାଇଥିଲା।ସେହି ସ୍କୁଲ ଗୁଡ଼ିକ ହେଉଛି -୧୭ ବର୍ଷ ରୁ କମ୍ କନିଷ୍ଠ ବାଳକ ବର୍ଗ ବିଜେତା - ସୈନିକ ସ୍କୁଲ୍ ଭୁବନେଶ୍ୱର ଉପ ବିଜେତା - ସୈନିକ ସ୍କୁଲ୍ କୋଡାଗୁ, ୧୫ ବର୍ଷରୁ କମ୍ ଉପକନିଷ୍ଠ ବାଳକ ବର୍ଗ ବିଜେତା - ସୈନିକ ସ୍କୁଲ୍ କୁଞ୍ଜପୁରା ଉପ ବିଜେତା - ସୈନିକ ସ୍କୁଲ୍ ଇଷ୍ଟ ସିଆଙ୍ଗ, ୧୭ ବର୍ଷରୁ କମ୍ କନିଷ୍ଠ ବାଳିକା ବର୍ଗ ବିଜେତା - ସୈନିକ ସ୍କୁଲ୍ ସମ୍ବଲପୁର ଉପ ବିଜେତା - ସୈନିକ ସ୍କୁଲ୍ ଇଷ୍ଟ ସିଆଙ୍ଗ। ଏହି ବିଜେତା ଦଳମାନେ ବର୍ତ୍ତମାନ ଭାରତର ସବୁଠାରୁ ପ୍ରସିଦ୍ଧ ଇଣ୍ଟର୍ ସ୍କୁଲ୍ ଫୁଟବଲ୍ ପ୍ରତିଯୋଗିତା ସୁବ୍ରୋତୋ କପ୍ ରେ ସୈନିକ ସ୍କୁଲ୍ ସୋସାଇଟି ପକ୍ଷରୁ ପ୍ରତିନିଧି କରିବେ।

ସୈନିକ ସ୍କୁଲ୍ ଭୁବନେଶ୍ୱରର ପ୍ରିନ୍ସିପାଲ୍ କର୍ଣ୍ଣେଲ ପଙ୍କଜ କୁମାର ତାଙ୍କ ବକ୍ତବ୍ୟରେ ପ୍ରଧାନ ଅତିଥି, ଅନ୍ୟାନ୍ୟ ଅତିଥିବୃନ୍ଦ, ଦଳ ଅଧିକାରୀ ଓ ସହଯୋଗୀ କର୍ମଚାରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସେମାନଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କ୍ୟାଡେଟମାନଙ୍କୁ ମଧ୍ୟ ଏକତା ଓ ଶୃଙ୍ଖଳା ଅନୁସରଣ କରିଥିବାରୁ ପ୍ରଶଂସା କରିଥିଲେ।

କର୍ଣ୍ଣେଲ କୁମାର କହିଥିଲେ, ଏହି ଫୁଟବଲ ପ୍ରତିଯୋଗିତା କେବଳ ଗୋଟେ ପ୍ରତିଯୋଗିତା ନୁହେଁ ବରଂ ଏକତା ଗଢ଼ିବା, ନେତୃତ୍ୱନ ଗଠନ କରିବା ଓ ଭାରତୀୟ ଏକତାର ଆତ୍ମାକୁ ଉଜ୍ଜୀବିତ ରଖିବାରେ ସକ୍ଷମ ହୋଇପାରିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ